ସାଧାରଣ ଲୋକଙ୍କ ଖବରକାଗଜ

# ପର୍ଯ୍ୟବେକ୍ଷକ 25

PARYABEKHYAK

ପର୍ଯବେକ୍ଷକ

Vol.26 . No.166 Bhubaneswar Tuesday August 08 2023 | ୨୬ତମ ବର୍ଷ ସଂଖ୍ୟା–୧୬୬ ଭୁବନେଶ୍ୱର, ମଙ୍ଗଳବାର, ଅଗଷ୍ଟ ୮, ୨୦୨୩ (୮ ପୃଷ୍ଠା) ମୂଲ୍ୟ–୧.୫୦ ₹1.50 (Air Surcharge - 0.50P) Member-INS


## ହାଇକୋର୍ଟରେ ଏଏସଆଇର ସତ୍ୟପାଠ; ଭଲ ନାହିଁ ଶ୍ରୀମନ୍ଦିର ରତ୍ନଭଣ୍ଡାର ସ୍ଥିତି

ଭୁବନେଶ୍ୱର,୭ ।୮(ପି.ଏନ): ରକ୍ଷଣାବେକ୍ଷଣ ଦୃଷ୍ଟିରୁ ଶ୍ରୀମନ୍ଦିର ରତ୍ନଭଣ୍ଡାରର ମରାମତି ନିହାତି ଆବଶ୍ୟକ। କୋର୍ଟ ଯେତେଶୀଘ୍ର ନିର୍ଦ୍ଦେଶ ଦେବେ, ସେତେଶୀଘ୍ର ଆରମ୍ଭ ହେବ ମରାମତି କାର୍ଯ୍ୟ। ଶ୍ରୀଜିଉଙ୍କ ରତ୍ନଭଣ୍ଡାର ମାମଲାରେ ଆଜି ହାଇକୋର୍ଟରେ ସତ୍ୟପାଠ ଦାଖଲ କରି ଏହି ନିର୍ଯାସ ରଖିଛି ଭାରତୀୟ ପ୍ରତ୍ନତତ୍ତ୍ୱ ସଂର ?କ୍ଷଣ ସଂସ୍ଥା(ଇଏସଓ) ।ସତ୍ୟପାଠରେ ଇଏସଓ ଦର୍ଶାଇଛି ଯେ, ଶେଷଥର ପାଇଁ ୨୦୧୮ ମସିହାରେ ବାହାର ଭଣ୍ଡାର ଅନୁଧାନ କରାଯାଇଥିଲା। ସେତେବେଳେ କାନ୍ଥ ଭିତରୁ ଫମ୍ପା ଶବ୍ଦ ଆସୁଥିଲା। ଚଟାଣରେ ପଥର ପଡିଥିଲା। ଛାତରୁ ପାଣି ଗଳୁଥିବା ଦେଖିବାକୁ ମିଳିଥିଲା। ତେବେ ସେହି ଅନୁଧାନକୁ ଏହା ଭିତରେ ୫ ବର୍ଷ ବିତିଲାଣି। ଏହା ଭିତରେ ସଂରକ୍ଷଣ କାର୍ଯ୍ୟ ଆରମ୍ଭରେ ଆହୁରି ବିଳମ୍ବ ହୋଇଛି। ତେଣୁ ଏବେ ଅବିଳମ୍ବେ ମରାମତି ଆବଶ୍ୟକତା ରହିଥିବାରୁ



କୋର୍ଟ ନିର୍ଦ୍ଦେଶ ଦେବା ମାତ୍ରେ ମରାମତି କାର୍ଯ୍ୟ ଆରମ୍ଭ କରାଯିବ ବୋଲି ସତ୍ୟପାଠରେ ଉଲ୍ଲେଖ କରିଛି ଇଏସଓ ସେପଟେ ମରାମତି ପାଇଁ ଏଏସଆଇର ବାରମ୍ବାର ଚିଠି ସତ୍ତ୍ୱେ ରାଜ୍ୟ ସରକାର କାହିଁକି ତତ୍ପରତା ଦେଖାଉନାହାନ୍ତି ବୋଲି ପ୍ରଶ୍ନ କରିଛନ୍ତି ବରିଷ୍ଠ ଆଇନଜୀବୀ ପୀତାମ୍ବର ଆଚାର୍ଯ୍ୟ ।

## ପ୍ରକାଶ ପାଇଲା ମାଟ୍ରିକ ସପ୍ଲିମେଣ୍ଟାରୀ ରେଜଲ୍ଟ, ପାସ୍ କରିଛନ୍ତି ୪୩.୬୨ ପ୍ରତିଶତ

ଭୁବନେଶ୍ୱର,୭ ।୮(ପି.ଏନ): ପ୍ରକାଶ ପାଇଲା ମାଟ୍ରିକ ସପ୍ଲିମେଣ୍ଟାରୀ ରେଜଲ୍ଟ । ବୋର୍ଡ କାର୍ଯ୍ୟାଳୟରେ ସଭାପତି ପ୍ରକାଶ କଲେ ରେଜଲ୍ଟ । ମାଟ୍ରିକ ସପ୍ଲିମେଣ୍ଟାରୀ ପାସ୍ ହାର ୪୩.୬୨ ପ୍ରତିଶତ ରହିଛି ।ସୂଚନା ଅନୁଯାୟୀ, ଚଳିତ ବର୍ଷର ମାଟ୍ରିକ୍ ପରୀକ୍ଷାରେ ଉତ୍ତୀର୍ଣ୍ଣ କରି ନଥିବା ଏବଂ ପରୀକ୍ଷା ଅବେଦନ ନ କରିଥିବା ପିଲା ସପ୍ଲିମେଣ୍ଟାରୀ ପରୀକ୍ଷା ଦେଇଥିଲେ । ଏଥିରେ ସମୁଦାୟ ୧ ହଜାର ୩୧୦ ଜଣ ପିଲା ଫର୍ମ ଫିଲପ କରିଥିଲେ । ସେଥିରୁ ୪୩୩ ଜଣ ପିଲା ପାସ୍ କରିଛନ୍ତି । ସମୁଦାୟ ପରୀକ୍ଷା ଦେଇଥିଲେ ୯୫୦ ପରୀକ୍ଷାର୍ଥୀ । ଏଥିରୁ ପରୀକ୍ଷା ଦେଇନାହାନ୍ତି ୩୬୦ ଜଣ ପରୀକ୍ଷାର୍ଥୀ ।ଅନ୍ୟପଟେ ରାଜ୍ୟ ମୁକ୍ତ ବିଦ୍ୟାଳୟ ପରୀକ୍ଷାରେ ମଧ ୬୭୭୮ ପରୀକ୍ଷାର୍ଥୀ ପାସ୍ କରିଛନ୍ତି । ବୋର୍ଡ ୱେବସାଇଟରେ ରେଜଲ୍ଟ ଉପଲବ୍ଧ । ପରୀକ୍ଷା ଦେଇଥିବା ଉଭୟ ଛାତ୍ରଛାତ୍ରୀ WWW.bseodisha.ac.in ରେ ପରୀକ୍ଷା ଫଳ ଦେଖିପାରିବେ ।



## ବଢିଲା ମଧୁବାବୁ ପେନସନ୍ ଯୋଜନାରେ ଆଉ ୪ଲକ୍ଷ ୧୩ହଜାର ହିତାଧିକାରୀଙ୍କୁ ସାମିଲ କଲେ ମୁଖ୍ୟମନ୍ତ୍ରୀ

ଭୁବନେଶ୍ୱର, ୭ ।୮(ପି.ଏନ): ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ମଧୁବାବୁ ପେନସନ୍ ଯୋଜନା ପରିସରକୁ ବୃଦ୍ଧି କରିଛନ୍ତି । ସେ ଆଉ ୪ଲକ୍ଷ ୧୩ହଜାର ହିତାଧିକାରୀଙ୍କୁ ସାମିଲ କରିଛନ୍ତି । ଏଥିସହ ଯୋଜନାରେ ହିତାଧିକାରୀଙ୍କ ସଂଖ୍ୟା ୨୮ଲକ୍ଷ ୬୧ହଜାରରୁ ୩୨ଲକ୍ଷ ୭୫ହଜାରକୁ ବୃଦ୍ଧି ପାଇଛି। ଅଗଷ୍ଟ ୧୫ତାରିଖ ଜନସେବା ଦିବସରେ ନୂଆ ହିତାଧିକାରୀ ସେମାନଙ୍କ ପ୍ରଥମ ପେନସନ୍ ପାଇବେ ବୋଲି ମୁଖ୍ୟମନ୍ତ୍ରୀ କାର୍ଯ୍ୟାଳୟ ପକ୍ଷରୁ ସୂଚନା ଦିଆଯାଇଛି । ଗ୍ରାମପଂଚାୟତ ହେଡକ୍ୱାଟର୍ ଓ ୱାର୍ଡ କାର୍ଯ୍ୟାଳୟରେ ନିର୍ବାଚିତ ପ୍ରତିନିଧିଙ୍କ ଉପସ୍ଥିତିରେ ସେମାନଙ୍କୁ ପେନସନ୍ ଦିଆଯିବ। କ୍ୟାମ୍ପ କରି ହିତାଧିକାରୀଙ୍କୁ ପେନସନ୍ ବଂଟନ ପାଇଁ ଜିଲ୍ଲାପାଳଙ୍କୁ ପରାମର୍ଶ ଦିଆଯାଇଛି। ସିଏମଓଙ୍କ ବିଭିନ୍ନ ଜିଲ୍ଲା ଗସ୍ତ ଓ ମୋ ସରକାରରେ ମିଳିଥିବା ଫିଡବ୍ୟାକ ଆଧାରରେ ଅଧିକ ଲୋକଙ୍କୁ ଯୋଜନାରେ ସାମିଲ କରିବାକୁ ମୁଖ୍ୟମନ୍ତ୍ରୀ ନିଷ୍ପତ୍ତି ନେଇଛନ୍ତି ।ବୟସ୍କ, ବିଧବା, ଦିବ୍ୟାଙ୍ଗ, ଅବିବାହିତ ମହିଳା, କୋଭିଡରେ ଅନାଥ ପିଲା, ଏଡସ ରୋଗୀଙ୍କ ଭଳି ବିଭିନ୍ନ କ୍ଷେତ୍ରରେ ପେନସନ୍ ଦିଆଯାଉଛି । ୭୯ବର୍ଷ କିମ୍ବା ତାଠୁ କମ୍ ହିତାଧିକାରୀଙ୍କୁ ମାସିକ ୫ଶହ ଟଙ୍କା, ୮୦ରୁ ଅଧିକ ବୟସ୍କଙ୍କୁ ମାସିକ ୭ଶହ ଟଙ୍କା ଦିଆଯାଉଛି। ସେହିପରି ୪୦ରୁ ୫୯ପ୍ରତିଶତ ଦିବ୍ୟାଙ୍ଗଙ୍କୁ ୫ଶହ, ୬୦ପ୍ରତିଶତରୁ ଅଧିକ ଦିବ୍ୟାଙ୍ଗଙ୍କୁ ୭ଶହ, ୬୦ ପ୍ରତିଶତରୁ ଅଧିକ ଶାରିରୀକ ଅକ୍ଷମତା ଥିବା ୮୦ବର୍ଷରୁ ଅଧିକଙ୍କୁ ମାସିକ ୯ଶହ ଟଙ୍କା ପେନସନ୍ ଦିଆଯାଉଛି । ୪ଲକ୍ଷ ୧୩ହଜାର ଅତିରିକ୍ତ ହିତାଧିକାରୀଙ୍କୁ ଯୋଜନାରେ ସାମିଲ କରିବା ଦ୍ୱାରା ରାଜ୍ୟର ସାମାଜିକ ସୁରକ୍ଷା ବ୍ୟବସ୍ଥା ଆହୁରି ସୁଦୃଢ଼ ହେବ ବୋଲି କୁହାଯାଇଛି ।

## ଲାଂଚ ନେଇ ଭିଜିଲାନ୍ସ ଦ୍ୱାରା ଗିରଫ ହେଲେ ଫାଣ୍ଡି ଅଧିକାରି

ଜୟପୁର, ୭ ।୮(ପି.ଏନ): ଲାଂଚ ନେଇ ଭିଜିଲାନ୍ସ ଦ୍ୱାରା ଗିରଫ ହେଲେ ଆମ୍ବାଗୁଡା ଫାଣ୍ଡି ଅଧିକାରି ପ୍ରଶାନ୍ତ କୁମାର ମହାନ୍ତି । ଏସଆଇ ପ୍ରଶାନ୍ତ କୁମାର ମହାନ୍ତି ୫ ହଜାର ଟଙ୍କା ଲାଂଚ ନେଉଥିବା ବେଳେ ରବିବାର ଭିଜିଲାନ୍ସ ଦ୍ୱାରା ଧରା ପଡଥିଲେ । ଗୋଟିଏ ମାମଲାର ରଫା ଦଫା କରିବା ପାଇଁ ଛତ୍ରିପୁଟର କୃଷ୍ଣ ଗାଦବା ଠାରୁ ଲାଂଚ ନେଉଥିଲେ । ଏସଆଇ ମହାନ୍ତି ଟଙ୍କା ଧରି ଉମୁରି ନିକଟକୁ ଆସିବାକୁ କୃଷ୍ଣକୁ କହିଥିଲେ । ଏନେଇ କୃଷ୍ଣ ଜୟପୁର ଭିଜିଲାନ୍ସର ଦ୍ୱାରସ୍ଥ ହୋଇଥିଲେ । କୃଷ୍ଣ ଠାରୁ ଉମୁରି ଗ୍ରାମରେ ୫ ହଜାର ଟଙ୍କା ନେଉଥିବା ବେଳେ ଭିଜିଲାନ୍ସ କାବୁ କରିଥିଲା । ପରେ ଭିଜିଲାନ୍ସ ତରଫରୁ ଜୟପୁର ସଦର ଥାନା, ଥାନା ପରିସରରେ ଥିବା କ୍ୱାଟର ଓ ଦାମାନଯୋଡି ଭଡା ଘର ଚଢାଉ କରାଯାଇଥିଲା । ତାଙ୍କ ବାସ ଭବନରୁ ୫ ଲକ୍ଷରୁ ଉର୍ଦ୍ଧ ଟଙ୍କା ନଗଧ ଜବତ କରାଯାଇଛି । ଅଭିଯୁକ୍ତ ଏସଆଇ ପ୍ରଶାନ୍ତକୁ ଗିରଫ କରାଯାଇ କୋର୍ଟ ଚାଲାଣ କରାଯାଇ ଥିବା ଭିଜିଲାନ୍ସ ତରଫରୁ ସୁଚନା ଦିଆଯାଇଛି । ତାଙ୍କର ସ୍ଥାବର ଅସ୍ଥାବର ସମ୍ପତିର ଆକଳନ ଜାରି ରହିଛି ।

## ମାଲକାନଗିରି-ଛତିଶଗଡ ସୀମାନ୍ତରୁ ଦୁଇ ଓରଉ ବୋମା ଜବତ

ମାଲକାନଗିରି,୭ ।୮(ପି.ଏନ): ମାଲକାନଗିରି ଜିଲା ସୀମାନ୍ତ ଛତିଶଗଡ ବିଜାପୁର ଜିଲାରେ ସର୍ଚ୍ଚ ଅପରେଶନ ବେଳେ ଯବାନମାନେ ରବିବାର ଦୁଇଟି ଆଇଇଡି ବୋମା ଜବତ କରିଛନ୍ତି। ବିଜାପୁର ଜିଲା ଗୋଲାକୋଣ୍ଡା ନିକଟ ପାହାଡ ଅଞ୍ଚଳରେ ମାଓବାଦୀ ଦମନ ପାଇଁ କୋବ୍ରା ଯବାନଙ୍କ ପକ୍ଷରୁ ସର୍ଚ୍ଚ ଅପରେଶନ କରାଯାଉଥିଲା। ଏହି ସମୟରେ ଯବାନମାନେ ପାହାଡ ନିକଟରେ କିଛି ପୋତା ହୋଇଥିବା ଦେଖି ସନ୍ଦେହ କରି ସର୍ଚ୍ଚ କରିବାରୁ ଦୁଇଟି ଆଇଇଡି ବୋମା ମାଟି ତଳେ ପୋତାହୋଇ ରହିଥିବା ଦେଖିଥିଲେ।

### ଘୋଷଣା

ଯାନ୍ତ୍ରିକ ତ୍ରୁଟି ଯୋଗୁଁ 'ପର୍ଯ୍ୟବେକ୍ଷକ' ୭ ତାରିଖ ସଂସ୍କରଣଟି ପ୍ରକାଶ ପାଇ ପାରିନଥିଲା। ଏହି ଅନିଚ୍ଛାକୃତ ତ୍ରୁଟି ପାଇଁ ଆମେ ଦୁଃଖିତ।

–ପ୍ରକାଶକ

## ଭୋଟ ହାତେଇବା ପାଇଁ ଟଙ୍କା ବାଂଟୁଛି ବିଜେଡି

ଭୁବନେଶ୍ୱର, ୭ ।୮(ପି.ଏନ):- ବିଜୁ ଜନତା ଦଳ ନିର୍ବାଚନ ବୈତରଣୀପାର ହେବା ପାଇଁ ଏସ୍ଏଚଜି ମା'ମାନଙ୍କୁ ଅସ୍ତ୍ର କରିଛି। ସିଆରପିମାନେ ମିଶନଶକ୍ତି ମା'ମାନଙ୍କୁ ଏକଜୁଟ୍ କରି ବିଜେଡି ସପକ୍ଷରେ ଭୋଟ ଦେବା ପାଇଁ ପ୍ରୋତ୍ସାହନ ଦେଉଛନ୍ତି। ଯାଜପୁର ଜିଲ୍ଲା ଧର୍ମଶାଳା ବ୍ଲକର କୋଟପୁର ଗାଁରେ ସିଆରପି ସୁକାନ୍ତି ଜେନା ମିଶନଶକ୍ତିର ମା'ମାନଙ୍କୁ କୋଟପୁର ଗାଁର ସରସ୍ୱତୀ ଶିଶୁ ମନ୍ଦିରରେ ବୈଠକ କରିଥିଲେ। ଏହି ବୈଠକରେ ଶାସକ ଦଳ କିଭଳି ଜିତିବ ସେ ନେଇ ରଣନୀତି ପ୍ରସ୍ତୁତ କରିବା ସହ ସେମାନଙ୍କୁ ଖାଦ୍ୟ ପୁଡିଆ ଓ ୫ଶହ ଟଙ୍କା ବାଂଟିଥିବା ରାଜ୍ୟ ବିଜେପି ଅଭିଯୋଗ କରିଛି। ଏନେଇ ସୋମବାର ଭାରତୀୟ ଜନତା ପାର୍ଟିର ଏକ ପ୍ରତିନିଧି ଦଳ ରାଜ୍ୟ ନିର୍ବାଚନ ଅଧିକାରୀଙ୍କୁ ଭେଟି ଏକ ଦାବିପତ୍ର ଦେଇଛନ୍ତି। ୧୫ନଂ ଜୁନ୍ ଧର୍ମଶାଳା ନିର୍ବାଚନ ମଣ୍ଡଳୀରେ ଆସନ୍ତା ୯ତାରିଖ ଦିନ ଜିଲ୍ଲା ପରିଷଦ ଉପନିର୍ବାଚନ ଅନୁଷ୍ଠିତ ହେବ। ଏହି ଭୋଟକୁ ଶାସକ ଦଳ ନିଜ ସପକ୍ଷରେ ନେବା ପାଇଁ ଦଳୀର ବିଧାୟକ, ବ୍ଲକ ଚେୟାରମ୍ୟାନ, କର୍ମୀ, ସରପଂଚଙ୍କ ସହ କିଛି ସରକାରୀ କଳ ଅନୈତିକ କାର୍ଯ୍ୟ ନିୟୋଜିତ ହୋଇଛନ୍ତି। ମିଶନଶକ୍ତି ମା'ମାନଙ୍କର ବୈଠକ କରି ସେମାନଙ୍କୁ ଖାଦ୍ୟ ପୁଡିଆ ଓ ୫୦୦ଟଙ୍କା ଦେଉଛନ୍ତି। ଏନେଇ ବିଜେପି ଧର୍ମଶାଳା ବିଡିଓ ଓ ବ୍ଲକ ଅଧିକାରୀ ଦୃଷ୍ଟି ଆକର୍ଷଣ କରିଥିଲେ ବି ଏଯାଏଁ କିଛି ସୁଫଳ ମିଳିନାହିଁ।ନିର୍ବାଚନରେ ଜିତିବା ପାଇଁ ବିଜୁ ଜନତା ଦଳ ଟଙ୍କା ବାଂଟୁଥିବାବେଳେ ପ୍ରଶାସନ ନୀରବଦ୍ରଷ୍ଟା। ସିଆରପି ସୁକାନ୍ତି ଜେନା ଟଙ୍କା ବାଂଟିବା ଫଟୋ ଓ ଭିଡିଓ ଭାରତୀୟ ଜନତା ପାର୍ଟି ପାଖରେ ରହିଛି। ଶ୍ରୀମତୀ ଜେନାଙ୍କ ବିରୋଧରେ ଦୃଢ଼ କାର୍ଯ୍ୟାନୁଷ୍ଠାନ ନେବାକୁ ରାଜ୍ୟ ନିର୍ବାଚନ ଅଧିକାରୀଙ୍କୁ ଦାବି କରିଛି ବିଜେପି। ଧର୍ମଶାଳା ବ୍ଲକରେ ଉପନିର୍ବାଚନକୁ ଅବାଧ, ମୁକ୍ତ ଓ ନିରପେକ୍ଷ କରିବା ପାଇଁ ସଂପୃକ୍ତ ସିଆରପି, ଶିକ୍ଷକମାନଙ୍କୁ ତୁରନ୍ତ ବହିଷ୍କାର କରିବାକୁ ରାଜ୍ୟ ନିର୍ବାଚନ ଅଧିକାରୀଙ୍କୁ ବିଜେପି ଦାବି କରିଛି। ଭାରତୀୟ ଜନତା ପାର୍ଟି ଉତେଜନତାପୂର୍ଣ୍ଣ ବୁଥ୍‌ଲିଷ୍ଟ ଗୁଡିକ ଚିହ୍ନଟ କରି ରାଜ୍ୟ ନିର୍ବାଚନ ଅଧିକାରୀଙ୍କୁ ପ୍ରଦାନ କରିଛି। ଏହି ପ୍ରତିନିଧି ଦଳରେ ରାଜ୍ୟ ଓବିସିମୋର୍ଚ୍ଚା ସଭାପତି ସୁରଥ ବିଶ୍ୱାଳ, ରାଜ୍ୟ ଗଣମାଧ୍ୟମ ମୁଖ୍ୟ ଦିଲ୍ଲୀପ ମଲ୍ଲିକ, ଯାଜପୁର ଜିଲ୍ଲା ସଭାପତି ଗୌତମ ରାୟ, ରାଜ୍ୟ କାର୍ଯ୍ୟକାରିଣୀ ସଦସ୍ୟ ଜୟନ୍ତ ଜେନା ପ୍ରମୁଖ ଉପସ୍ଥିତ ଥିଲେ।

## ଗୁଜରାଟରେ ଏକାଠି ଲୋକସଭା ନିର୍ବାଚନ ଲଢ଼ିବେ ଆପ୍ ଓ କଂଗ୍ରେସ !

ନୂଆଦିଲ୍ଲୀ,୮.୮ ୨.୫୩: ଘଦିଲ୍ଲୀ ବିଲ୍ ପ୍ରସଙ୍ଗରେ କଂଗ୍ରେସର ସମର୍ଥନ ପାଇଥିବା ଆପ୍ ଆଜି ବଡ ଘୋଷଣା କରିଛି। ଆସନ୍ତା ୨୦୨୪ ଲୋକସଭା ନିର୍ବାଚନ ଉଭୟ ଗୁଜରାଟରେ ଏକାଠି ଲଢ଼ିବେ। ଆପର ଗୁଜରାଟ ମୁଖ୍ୟ ଇଶୁଦାନ ଗଡଭୀ ଆଜି ଏହି ଘୋଷଣା କରିଛନ୍ତି। ସେ କହିଛନ୍ତି, ବିରୋଧୀ ମେଣ୍ଟ ଇଣ୍ଡିଆରେ ଉଭୟ ଦଳ ରହିଛନ୍ତି। ନିର୍ବାଚନ ବେଳେ ମେଣ୍ଟ ଫର୍ମୁଲା ମଧ ଗୁଜରାଟରେ ଲାଗୁ ହେବ। ଅବଶ୍ୟ ମେଣ୍ଟ ସମ୍ପର୍କରେ ଆଲୋଚନା ପ୍ରାଥମିକ ପର୍ଯ୍ୟାୟରେ ରହିଛି। କିନ୍ତୁ ଗୁଜରାଟରେ ଆପ୍ ଓ କଂଗ୍ରେସ ୨୦୨୪ରେ ମିଳିତ ଭାବେ ନିର୍ବାଚନ ଲଢ଼ିବା ଏକ ପ୍ରକାରର ନିଶ୍ଚିତ। ଶିଟ୍ ଶେୟାରିଂ ଫର୍ମୁଲା ଅନୁସାରେ ଉଭୟ ଦଳ ଏକାଠି ହେବେ ବୋଲି ସେ କହିଛନ୍ତି।

## ସୁପ୍ରିମକୋର୍ଟଙ୍କ ମଣିପୁର ନିର୍ଦ୍ଦେଶ : ୩ ଜଣିଆ ମହିଳା ଜଜ୍ ପ୍ୟାନେଲ୍, ୪୨ସ୍ପେଶାଲ ଟିମ

ମଣିପୁର ହିଂସା ଘଟଣାରେ ବଡ ପଦକ୍ଷେପ ନେଇଛନ୍ତି ସୁପ୍ରିମକୋର୍ଟ। ମଣିପୁର ହିଂସା ଓ ଏହା ସହ ଜଡିତ ଘଟଣାର ତଦନ୍ତ ପାଇଁ ସର୍ବୋଚ୍ଚ ଅଦାଲତ ହାଇକୋର୍ଟର ୩ ଜଣ ପୂର୍ବତନ ମହିଳା ବିଚାରପତିଙ୍କୁ ନେଇ ଗୋଟିଏ କମିଟି ଗଠନ କରିଛନ୍ତି ।ତଦନ୍ତ ବ୍ୟତୀତ ଏହି କମିଟି ମଣିପୁରରେ ଆଦିବାସୀ ଓ ଅଣଆଦିବାସୀଙ୍କ ସଂଘର୍ଷ ଯୋଗୁ ବିସ୍ଥାପିତ ଲୋକଙ୍କ ଦୁର୍ଦ୍ଦଶା ଓ ଥଇଥାନ କଥା ମଧ ଦେଖିବ। ହିଂସାର ତଦନ୍ତ ବ୍ୟତୀତ କମିଟିର କ୍ଷମତା ଆହୁରି ଅଧିକ ବୋଲି ସୁପ୍ରିମକୋର୍ଟ କହିଛନ୍ତି। ସର୍ବୋଚ୍ଚ ଅଦାଲତ କହିଛନ୍ତି, "ଆଇନ ଉପରେ ବିଶ୍ୱାସକୁ ପୁଣି ଫେରାଇ ଆଣିବାକୁ ଆମେ ଚେଷ୍ଟା କରୁଛୁ। ଆମେ ହାଇକୋର୍ଟର ୩ ଜଣିଆ ବିଚାରପତିଙ୍କୁ ନେଇ କମିଟି ଗଠନ କରୁଛୁ। ଏହି କମିଟି ତଦନ୍ତ ବ୍ୟତୀତ ରିଲିଫ, ଥଇଥାନ ଓ ସହାୟତା ଇତ୍ୟାଦି ପ୍ରସଙ୍ଗ ଉପରେ ନଜର ରଖିବ।"



## ମହାନଦୀ କି ଅନ୍ୟ କୌଣସି ବେସିନରେ ବନ୍ୟା ନାହିଁ : ସର୍ବୋଚ୍ଚ ଯନ୍ତ୍ରୀ

ଭୁବନେଶ୍ୱର, ୭ ।୮(ପି.ଏନ): ମହାନଦୀ କି ଅନ୍ୟ କୌଣସି ବେସିନରେ ବନ୍ୟା ନାହିଁ ବୋଲି କହିଛନ୍ତି ଜଳ ସମ୍ପଦ ବିଭାଗର ସର୍ବୋଚ୍ଚ ଯନ୍ତ୍ରୀ ଭକ୍ତ ରଞ୍ଜନ ମହାନ୍ତି । ସେ କହିଛନ୍ତି, ହୀରାକୁଦ ଜଳ ସ୍ତର ୬୨୦.୮ ଫୁଟକୁ ଖସିଲାଣି. । ଜଳ ସ୍ତର କମୁଛି. ହୀରାକୁଦ ତଳମୁଣ୍ଡ କି ଉପରମୁଣ୍ଡରେ ବର୍ଷା ନାହିଁ । ଆସନ୍ତା ୯ ତାରିଖ ସୁଦ୍ଧା ହୀରାକୁଦ ଜଳ ସ୍ତର ୬୧୫ ଫୁଟ ତଳକୁ ଖସି ଯିବ. ଆଉ ହୀରାକୁଦ ଗେଟ ଖୋଲିବନି । ପାଣି ଖସିଲେ, ଗେଟ ବନ୍ଦ କରାଯିବ. ଆଜି ସବୁଠି ପାଣି ଖସି ଯିବ. କେବଳ ଉତ୍ତର ଓଡ଼ିଶାକୁ ବର୍ଷା ଅଛି । ଯେଉଁଥି ପାଇଁ ସୁବର୍ଣ୍ଣରେଖା ଓ ବୁଢାବଳଙ୍ଗ ଉପରେ ନଜର ରଖାଯାଇଛି। ବର୍ଷା ହେଲେ ଜଳ ସମ୍ପଦ ଅଧିକାରୀମାନଙ୍କୁ ସେଠାକୁ ପଠାଯିବ ଓ ଆବଶ୍ୟକୀୟ ପଦକ୍ଷେପ ନିଆଯିବ। ସେଠି ଜଳ ସ୍ତର ବହୁତ ତଳେ ଅଛି. ଯାଜପୁର ଓ କେନ୍ଦ୍ରାପଡ଼ା

## ଡର କାହାକୁ ? ନବୀନ ନିବାସ ଆସୁଥିବା ବେଳେ ସେବାୟତଙ୍କୁ ବୁଝାଇ ନେଇଗଲେ ଜିଲ୍ଲାପାଳ ଓ ଏସ୍‌ପି

ମୁଖ୍ୟମନ୍ତ୍ରୀଙ୍କୁ ଗୁହାରୀ କରିବେ। ସେଥିପାଇଁ ନବୀନ ନିବାସ ଅଭିମୁଖେ ଚାଲି ଚାଲି ଯାଉଥିଲେ ବାରିପଦା ଜଗନ୍ନାଥ ମନ୍ଦିର ସେବାୟତ। ହେଲେ ବୁଝାଇବାକୁ ଆସି ପାରିଲେ ନାହିଁ ମୟୂରଭଞ୍ଜ ଜିଲ୍ଲାପାଳ ଓ ଏସ୍‌ପି। ପ୍ରାୟ ୨୦ କିମି ଚାଲିବା ପରେ ସହ କର୍ମୀଙ୍କ ସହ ଅଧା ବାଟରେ ପହଞ୍ଚିଲେ ଜିଲ୍ଲାପାଳ ଓ ଏସ୍ ?ପି। ଆଉ ସେବାୟତଙ୍କ ଅଭିଯୋଗ ଶୁଣିଲେ ଓ ପ୍ରତିଶ୍ରୁତି ଦେଲେ। ଯେଉଁଥିପାଇଁ ମୁଖ୍ୟମନ୍ତ୍ରୀଙ୍କୁ ଗୁହାରୀ କରିବାକୁ ଆସୁଥିବା ସେବାୟତମାନେ ଫେରି ଯାଇଥିବା ଜଣାପଡିଛି। ତେବେ ଏଠି ପ୍ରଶ୍ନ ଉଠୁଛି, ସେବାୟତଙ୍କୁ ପ୍ରାରମ୍ଭରୁ କାହିଁକି ବୁଝାଇଲା ନାହିଁ ପ୍ରଶାସନ? ପ୍ରଥମରୁ କାହିଁକି ସେମାନଙ୍କୁ ଅଟକାଇଲେ ନାହିଁ ଜିଲ୍ଲାପାଳ? ୨୦ କିମି ଚାଲିବା ପରେ କାହିଁକି ବୁଝାଇବାକୁ ଗଲେ? ଉପରୁ କିଛି ନିର୍ଦ୍ଦେଶ ଗଲା କି? ଏହାକୁ ନେଇ ସ୍ଥାନୀୟ ଅଞ୍ଚଳରେ ନାନା ଚର୍ଚ୍ଚା ହେଉଛି ।ପୂରା ଘଟଣା ଦେଖିବାକୁ ଗଲେ, ବାରିପଦା ଜଗନ୍ନାଥ ମନ୍ଦିର ହେଉଛି ବହୁ ପୁରାତନ। ରାଜରାଜୁଡା ଅମଳରୁ ନିର୍ମାଣ ହୋଇଛି। ଉତ୍ତର ଓଡିଶାରେ ଦ୍ୱିତୀୟ ଶ୍ରୀକ୍ଷେତ୍ର ଭାବେ ପରିଚିତ। ହେଲେ ମହାପ୍ରଭୁଙ୍କ ଏହି ପୀଠ ପ୍ରତି ରାଜ୍ୟ ସରକାର ଅଣଦେଖା କରାଯାଉଥିବା ଅଭିଯୋଗ ହେଉଛି। ମନ୍ଦିରର ଉନ୍ନତି କରଣ, ଜଗନ୍ନାଥଙ୍କ ଜମି ପୁନଃ ଉଦ୍ଧାର, ଜଗନ୍ନାଥଙ୍କ ସମ୍ପତ୍ତି ପୁନଃ ଉଦ୍ଧାର, ଠାକୁରଙ୍କ ଗହଣା ଉଦ୍ଧାର ଓ ସେବାୟତଙ୍କ ମାସିକ ଭତ୍ତା ବୃଦ୍ଧି ପରି ଅନେକ ଦାବି ନେଇ ସେବାୟତମାନେ ବହୁବାର ରାଜ୍ୟ ସରକାରଙ୍କୁ ଅନୁରୋଧ କରିଛନ୍ତି। ଗତବର୍ଷ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକଙ୍କ ବାରିପଦା ଗସ୍ତ ସମୟରେ ସେବାୟତମାନେ ସେମାନଙ୍କ ଦାବି ଜଣାଇଥିଲେ। ହେଲେ ରାଜ୍ୟ ସରକାର ଆଜି ପର୍ଯ୍ୟନ୍ତ ସେବାୟତଙ୍କ ଦାବି ପୂରଣ କଲେ ନାହିଁ। ଏପରିକି ସେମାନଙ୍କ ସହିତ ଆଲୋଚନା କଲେ ନାହିଁ। ରାଜ୍ୟ ସରକାରଙ୍କ ଏପରି କାର୍ଯ୍ୟରେ ଅସନ୍ତୋଷ ପ୍ରକାଶ କରିଛନ୍ତି ସେବାୟତ। ତେଣୁ ମୁଖ୍ୟମନ୍ତ୍ରୀଙ୍କ ପାଖରେ ଗୁହାରୀ ଜଣାଇବା ପାଇଁ ଆଜି ପଦଯାତ୍ରାରେ ବାହାରିଥିଲେ ସେବାୟତ। ଆଜି ସକାଳେ ସେବାୟତମାନେ ମହାପ୍ରଭୁଙ୍କ ପାଖରେ ପୂଜାର୍ଚ୍ଚନା କରି ଆଶୀର୍ବାଦ ନେଇ ପଦଯାତ୍ରାରେ ବାହାରିଥିଲେ। ପ୍ରାୟ ୨୦ ଜଣ ସେବାୟତ ପଦଯାତ୍ରାରେ ବାରିପଦାରୁ ବାହାରିଥିଲେ।



## ଆସନ୍ତା ୫ଦିନ ପର୍ଯ୍ୟନ୍ତ ରାଜ୍ୟରେ ବର୍ଷା ସମ୍ଭାବନା : ୬ ଜିଲ୍ଲାକୁ ୱାର୍ଣ୍ଣିଙ୍ଗ

ଭୁବନେଶ୍ୱର ,୭ ।୮(ପି.ଏନ): ଆସନ୍ତା ୫ ଦିନ ପର୍ଯ୍ୟନ୍ତ ରାଜ୍ୟରେ ହାଲୁକାରୁ ମଧ୍ୟମ ଧରଣର ବର୍ଷା ସମ୍ଭାବନା ରହିଛି । ମୌସୁମିକର ନିମ୍ନ ଚାପରେଖା ସକ୍ରିୟ ରହିଥିବା ବେଳେ ବିହାର ଏବଂ ତାହାର ପାଖାପାଖି ଅଞ୍ଚଳରେ ଏକ ଘୂର୍ଣ୍ଣିବଳୟ ସୃଷ୍ଟି ହୋଇଛି । ଏହାର ପ୍ରଭାବରେ ଉତ୍ତର ଏବଂ ଉପକୂଳ ଓଡିଶାର ୬ଟି ଜିଲ୍ଲାକୁ ସତର୍କ ସୂଚନା ଦିଆଯାଇଛି । ବର୍ଷାର ପରିମାଣ ଆସନ୍ତା ୮ ତାରିଖରେ ସାମାନ୍ୟ ବୃଦ୍ଧି ପାଇବ । ଏହାର ପ୍ରଭାବରେ କିଛି କିଛି ସ୍ଥାନରେ ବଜ୍ରପାତ ହେବାର ସମ୍ଭାବନା ମଧ ରହିଛି । ଏନେଇ ପୁରୀ, ଖୋର୍ଦ୍ଧା, ଢେଙ୍କାନାଳ, କେନ୍ଦୁଝର, ମୟୂରଭଞ୍ଜ, ଜଗତସିଂହ ପୁର, କେନ୍ଦ୍ରାପଡା, କଟକ, ଯାଜପୁର ଏବଂ ଭଦ୍ରକ ଜିଲ୍ଲାକୁ ୟେଲୋ ୱାର୍ଣ୍ଣିଙ୍ଗ ଜାରି କରାଯାଇଛି । ୧୦ ତାରିଖରୁ ପୁଣି ରାଜ୍ୟରେ ବର୍ଷାର ପରିମାଣ ଏବଂ ବିସ୍ତୃତି ବଢିବ ବୋଲି ପୂର୍ବାନୁମାନ କରିଛି ପାଣିପାଗ କେନ୍ଦ୍ର । ଅନ୍ୟପଟେ ଆଜି ପର୍ଯ୍ୟନ୍ତ ବର୍ଷାର ପରିମାଣ ୬୩୯.୪ ମିଲିମିଟର ରେକର୍ଡ କରାଯାଇଛି, ଯାହା ସ୍ୱାଭାବିକ ବର୍ଷାରୁ ୨ ପ୍ରତିଶତ ଅଧିକ ଅଟେ । ପୁରୀ, କେନ୍ଦ୍ରାପଡା, ଗଞ୍ଜାମ, କଳାହାଣ୍ଡି ଏବଂ ନବରଙ୍ଗପୁରରେ ୨୦ ରୁ ୫୯ ପ୍ରତିଶତ ନିଅଣ୍ଟିଆ ବର୍ଷା ରେକର୍ଡ ହୋଇଥିବା ବେଳେ ୧୭ ଟି ଜିଲ୍ଲାରେ ସ୍ୱାଭାବିକ ବର୍ଷା ରେକର୍ଡ ହୋଇଛି ।

## କାଲି ଅନାସ୍ଥା ପ୍ରସ୍ତାବର ସମ୍ମୁଖୀନ ହେବେ ମୋଦି ସରକାର, ବିତର୍କରେ ଭାଗ ନେବେ ରାହୁଲ ଗାନ୍ଧି

ନୂଆଦିଲ୍ଲୀ,୭ ।୮(ପି.ଏନ): କେନ୍ଦ୍ରର କ୍ଷମତାସୀନ ନରେନ୍ଦ୍ର ମୋଦି ସରକାର ଆସନ୍ତାକାଲି ଅନାସ୍ଥା ପ୍ରସ୍ତାବର ସମ୍ମୁଖୀନ ହେବେ। ମଣିପୁର ପ୍ରସଙ୍ଗରେ ପ୍ରଧାନମନ୍ତ୍ରୀ ମୋଦି ଗୃହରେ ବିବୃତି ନ ରଖିବାରୁ ବିରୋଧୀ କେନ୍ଦ୍ର ସରକାରଙ୍କ ବିରୋଧରେ ଅନାସ୍ଥା ପ୍ରସ୍ତାବ ଆଣିଛନ୍ତି। ଆସନ୍ତକାଲି ଦିନ ୧୨ଟାରୁ ଠାରୁ ୧୦ ତାରିଖ ସନ୍ଧ୍ୟା ୭ଟା ଯାଏ ଏହି ଅନାସ୍ଥା ପ୍ରସ୍ତାବ ଉପରେ ଆଲୋଚନା ହେବ ବୋଲି ସମୟ ଧାର୍ଯ୍ୟ କରାଯାଇଛି ।ସବୁଠାରୁ ଗୁରୁତ୍ୱପୂର୍ଣ୍ଣ କଥା ହେଲା, ୧୩୫ ଦିନ ପରେ ସାଂସଦ ପଦ ଫେରି ପାଇଥିବା କଂଗ୍ରେସ ନେତା ରାହୁଲ ଗାନ୍ଧି ମଧ ଅନାସ୍ଥା ପ୍ରସ୍ତାବ ଉପରେ ନିଜର ମତ ରଖିବେ। ରାହୁଲ ଗାନ୍ଧି ଜୁନ ମାସରେ ହିଂସା କ୍ଷତିଗ୍ରସ୍ତ ମଣିପୁର ଯାଇଥିଲେ। ତେଣୁ ସେ ଅନାସ୍ଥା ପ୍ରସ୍ତାବ ଉପରେ ମତ ରଖିବା ବେଳେ କ'ଣ ସବୁ କହୁଛନ୍ତି, ତା' ଉପରେ ସମସ୍ତଙ୍କ ନଜର ରହିଛି।

## ମାଲକାନଗିରି ଜିଲ୍ଲାରେ ଲୋପ ପାଇବାକୁ ବସିଲାଣି ବାଉଁଶ ଜଙ୍ଗଲ

ମାଲକାନଗିରି, ୭ ।୮(ପି.ଏନ): ଦିନକୁ ଦିନ ବାଉଁଶ ଗଜା (କରଡି)ର ଚାହିଦା ସ୍ଥାନୀୟ ଅଂଚଳରେ ବଢୁଛି। ଲୋକେ ଏଥିରେ ବିଭିନ୍ନ ପ୍ରକାର ବ୍ୟଞ୍ଜନ ପ୍ରସ୍ତୁତ କରି ଖାଉଥିବା ବେଳେ ଆଦିବାସୀମାନେ ଜଙ୍ଗଲରୁ ଏହାକୁ ସଂଗ୍ରହ କରି ବଜାରରେ ବିକ୍ରି କରି ବେଶ ଦି ପଇସା ମଧ ରୋଜଗାର କରୁଛନ୍ତି । ଅନ୍ୟପକ୍ଷରେ ପ୍ରତିଦିନ ଜଙ୍ଗଲରୁ ବିପୁଳ ପରିମାଣରେ କରଡି ସଂଗ୍ରହ ହେଉଥିବା ଯୋଗୁ ମାଲକାନଗିରି ଜିଲାର ବିଭିନ୍ନ ଅଂଚଳରେ ବାଉଁଶ ଜଙ୍ଗଲ ପଦା ହେବାରେ ଲାଗିଛି। ବନ ବିଭାଗର କର୍ତୃପକ୍ଷ ଓ କର୍ମଚାରୀମାନେ ଏ ଦିଗରେ ନୀରବ ରହୁଥିବାରୁ ଲୋକେ ବେଧଡକ ଭାବେ ଜଙ୍ଗଲରୁ କରଡି ସଂଗ୍ରହ କରି ଚାଲିଛନ୍ତି ।ସୂଚନାଯୋଗ୍ୟ, କରଡି ସଂଗ୍ରହ କରି ବଜାରରେ ବିକ୍ରି କରିବା ମାଲକାନଗିରି ଜିଲା ଆଦିବାସୀ ଜନଜାତିଙ୍କର ଅନ୍ୟ ଏକ ରୋଜଗାର ପନ୍ଥା। ବର୍ଷା ଦିନେ ପ୍ରତିଦିନ ସକାଳେ ଆଦିବାସୀମାନେ ଜଙ୍ଗଲକୁ ଯାଇ ବାଉଁଶ ମୂଳରୁ କରଡି ସଂଗ୍ରହ କରିଥାନ୍ତି ଉପରେ ଥିବା ଅଂଶରୁ ମୋଟା ଆବରଣକୁ କାଟି ବିଡା ବାନ୍ଧିଥାନ୍ତି। ପ୍ରତି ବିଡ଼ାରେ ୪ ରୁ ୫ ଟି ଲେଖାଏଁ କରଡି ଥାଏ । କରଡିରେ ନାନା ପ୍ରକାର ସ୍ୱାଦିଷ୍ଟ ବ୍ୟଞ୍ଜନ ପ୍ରସ୍ତୁତ କରି ସାଧାରଣ ଲୋକେ ମଧ ଏହାକୁ ଖାଇଥାନ୍ତି । ଜଣେ ଆଦିବାସୀ ବଜାରରେ କରଡି ବିକ୍ରି କରି ଦିନକୁ ହାରାହାରି ୩୦୦ ଟଙ୍କା ରୋଜଗାର କରିଥାନ୍ତି। ମାଲକାନଗିରି ଜିଲା, କାଲିମେଳା, କୋରୁକୋଣ୍ଡା, ବାଲିମେଳା, ଚିତ୍ରକୋଣ୍ଡା, କୁଡୁମୁଲୁଗୁମ୍ମା, ଖଇରପୁଟ, ମାଥିଲି ଓ ଗୋବିନ୍ଦପାଲ୍ଲୀ ଆଦି ବିଭିନ୍ନ ଅଂଚଳରେ କରଡି ପ୍ରଚୁର ପରିମାଣରେ ଉପଲବ୍ଧ ହୋଇଥାଏ। ଏହିସବୁ ଅଂଚଳର ନିକଟବର୍ତ୍ତୀ ଜଙ୍ଗଲ ଗୁଡିକରେ ବାଉଁଶ ଗଛ ଥିବାରୁ ଲୋକେ ଉକ୍ତ ଜଙ୍ଗଲରୁ ଅଧିକରୁ ଅଧିକ କରଡି ସଂଗ୍ରହ କରିଥାନ୍ତି । ତେବେ ପ୍ରତିବର୍ଷ ବର୍ଷା ଦିନେ ଜଙ୍ଗଲରେ ଥିବା ବାଉଁଶ ଗଛ ମୂଳରେ ଗଜା ବାହାରିବା ସମୟରେ ସେଠାରୁ ବିପୁଳ ପରିମାଣର କରଡି ସଂଗ୍ରହ ହେଉଥିବାରୁ ଜଙ୍ଗଲରେ ବାଉଁଶ ଲୋପ ପାଉଛି। ଏଥିଯୋଗୁ ଅଂଚଳ ବାସୀଙ୍କ ମଧ୍ୟରେ ଅସନ୍ତୋଷ ପ୍ରକାଶ ପାଉଛି ।

## ୨ୟ ବାର୍ଷିକ ଦନ୍ତ ଚିକିତ୍ସା ରାଜ୍ୟ ସମ୍ମିଳନୀରେ ଯୋଗ ଦେଲେ ଉପ-ବାଚସ୍ପତି ରଜନୀକାନ୍ତ ସିଂହ

ଭୁବନେଶ୍ୱର,୭ ।୮(ପି.ଏନ): ପଟିଆ ଅନ୍ତର୍ଗତ ହୋଟେଲ କ୍ରାଇଷ୍ଟାଲ କ୍ରାଉନ ଠାରେ ୨ୟ ବାର୍ଷିକ ଦନ୍ତ ଚିକିତ୍ସା ରାଜ୍ୟ ସମ୍ମିଳନୀ ଅନୁଷ୍ଠିତ ହୋଇଯାଇଛି। ମୁଖ୍ୟ ଅତିଥି ଭାବେ ଓଡିଶା ବିଧାନସଭାର ଉପ-ବାଚସ୍ପତି ଶ୍ରୀଯୁକ୍ତ ରଜନୀକାନ୍ତ ସିଂହ ଯୋଗ ଦେଇଥିଲେ। ଏହି ସମ୍ମିଳନୀ ରେ କୃତି ଦନ୍ତ ଡାକ୍ତରମାନଙ୍କୁ ପୁରସ୍କୃତ କରିଥିଲେ ଉପ-ବାଚସ୍ପତି।











# ଟି ଟାଇମ୍

## ଇତିହାସରେ ଆଜି ଦିନ

ଆଜି ହେଉଛି ଡିସେମ୍ବର ୦୧ ତାରିଖ। ଆଜିର ଦିନରେ ବିଶ୍ୱ ଇତିହାସରେ ଅନେକ ଘଟଣା ଓ ଦୁର୍ଘଟଣାମାନ ଘଟିଛି। ବହୁ ବରପୁତ୍ର ତଥା ପ୍ରଖ୍ୟାତ କଳାକାର ମଧ୍ୟ ଆଜି ଜନ୍ମ ହୋଇଛନ୍ତି। ଆଜିର ଦିନରେ ଇତିହାସ ପୃଷ୍ଠାରେ କ'ଣକ'ଣ ଘଟଣା ଘଟିଥିଲା ଆସନ୍ତୁ ଜାଣିବା :

- ବିଶ୍ୱ ଏଡ୍‌ସ ଦିବସ
- ଭାରତୀୟ ସୀମା ସୁରକ୍ଷା ବାହିନୀ (ବିଏସ୍ଏଫ୍ ପ୍ରତିଷ୍ଠା ହୋଇଥିଲା (୧୯୬୫)
- ବିହାରର-ଲକ୍ଷ୍ମଣପୁର ବାଥେଠାରେ ରଣବୀର ସେନା ରଚାଇଲା ନରସିଂହାର (୧୯୯୭)
- ନାଗାଲାଣ୍ଡ ଭାରତର ୧୬ତମ ରାଜ୍ୟରେ ପରିଣତ ହେଲା (୧୯୬୩)
- ୟୁନାଇଟେଡ୍ ନେଶନ୍‌ରେ ଯୋଗଦେଲା ଆଙ୍ଗୋଲା (୧୯୬୭)
- ବେନଜୀର ଭୁଟ୍ଟୋଙ୍କୁ ପାକିସ୍ତାନର ପ୍ରଧାନମନ୍ତ୍ରୀ ରୂପେ ନିଯୁକ୍ତି କରାଗଲା (୧୯୮୮)

## ପ୍ଲାଷ୍ଟିକ୍ ବେବି



ଏହି ବ୍ୟସ୍ତ ବହୁଳ ଜୀବନରେ ଜଣେ ସାଧାରଣ ବ୍ୟକ୍ତି ଠିକ୍ ଭାବରେ ଖାଦ୍ୟ ଖାଇବାକୁ ସମୟ ପାଉନଥିବା ବେଳେ ୮ବର୍ଷୀୟ ପିଲା ଖାଦ୍ୟ ଖାଇବା ଛାଡ଼ି ପ୍ଲାଷ୍ଟିକ୍ ଜିନିଷ ଖାଇ ଯାଉଛି । ୮ବର୍ଷର ଝିଅ ଜେସିକା ୱାକର, ପିକା ନାମକ ରୋଗରେ ପୀଡ଼ିତ । ଏହି ରୋଗରେ ଜେସିକା ପୌଷ୍ଟିକ ଆହାରକୁ ଛାଡ଼ି ଅନ୍ୟ ସବୁ କିଛି ଖାଇବାକୁ ଇଚ୍ଛା ହୋଇଥାଏ ଯାହା ଜଣେ ସାଧାରଣ ବ୍ୟକ୍ତି କେବେ ଖାଇନଥାଏ । ଜେସିକାର ମା' ଲିଣ୍ଡସେ କହନ୍ତି ଯେତେବେଳେ ଜେସିକା ଛୋଟଥିଲେ ବାଲି, ମାଟି ଓ ମହମବତୀ ଖାଇଦେଉଥିଲେ । ଯଦି ପ୍ଲେଟରେ ମାଂସ ତରକାରି କିମ୍ବା ଅନ୍ୟ କୌଣସି ବ୍ୟଞ୍ଜନ ରଖାଯାଇଥାଏ ତେବେ ଜେସିକା ତାକୁ କେବେବି ଛୁଅନ୍ତି ନାହିଁ । ଝିଅର ଏଭଳି ସମସ୍ୟା ଦେଖି ତାଙ୍କ ମା' ତାକୁ ବାଳ ସୁରକ୍ଷା ଗୃହରେ ଛାଡ଼ିଥିଲେ କିନ୍ତୁ ସେଠାରେ ମଧ ଏକା ପରିସ୍ଥିତି ଉପୁଜିଥିଲା । ଜେସିକା କଞ୍ଚା ପରିବା ଖାଆନ୍ତି, ଜିନିଷ ପତ୍ର ଉପରେ ଲାଗିଥିବା ର୍‍ୟାପ୍ ବା ଜରିକୁ ଖାଆନ୍ତି । ଡାକ୍ତରଙ୍କ କହିବା ଅନୁସାରେ ଜେସିକାଙ୍କର ଏହି ରୋଗ ଭିଟାମିନ୍‌ର ଅଭାବ କାରଣରୁ ହୋଇଥାଏ । ପାଞ୍ଚ ବର୍ଷ ହେବ ଜେସିକାଙ୍କର ଏହି ରୋଗ ହୋଇଥିଲେ ହେଁ ତାଙ୍କର ଚିକିତ୍ସା ଠିକ୍ ଭାବେ କରାଯାଇପାରୁନାହିଁ । ଏଥିପାଇଁ ଜେସିକାର ମା' ବହୁତ ଚିନ୍ତିତ ଅଛନ୍ତି ।

## ଚର୍ଚ୍ଚାରେ 'ହରାମ୍‌ଖୋର'



ନୱାଜଉଦ୍ଦିନ ସିଦ୍ଦିକି ଓ ଶ୍ୱେତା ତ୍ରିପାଠୀଙ୍କ ଅଭିନୀତ ଫିଲ୍ମ 'ହରାମ୍‌ଖୋର'ର ଟ୍ରେଲର ରିଲିଜ କରାଯାଇଛି। ପୂର୍ବରୁ ଫିଲ୍ମକୁ ନେଇ କିଛି ସମସ୍ୟା ଦେଖାଦେଇଥିଲା। ମାତ୍ର ଫିଲ୍ମଟି ସମାଜକୁ ଏକ ସୁନ୍ଦର ବାର୍ତ୍ତା ପ୍ରଦାନ କରୁଥିବାରୁ ଏହାର ବ୍ୟାନକୁ ହଟାଇଦିଆଯାଇଛି। ଗୁଜୁରାଟର ଏକ ଛୋଟ ଗାଁରେ ସୁଟିଂ କରାଯାଇଛି ସମ୍ପୂର୍ଣ୍ଣ ଫିଲ୍ମ। ଶ୍ଳୋକ ଶର୍ମାଙ୍କ ନିର୍ଦ୍ଦେଶନାରେ ମାତ୍ର ୧୬ଦିନରେ ଶେଷ ହୋଇଛି ପୂରା ଫିଲ୍ମର ସୁଟିଂ। ଫିଲ୍ମର କାହାଣୀରେ ଜଣେ ୧୪ବର୍ଷର ଝିଅର ନିଜ ପ୍ରଫେସରଙ୍କ ସହ ପ୍ରେମକାହାଣୀକୁ ଦର୍ଶାଯାଇଛି। ନିଛକ ଗାଁର ଛବି ଓ ଏହାର ସଙ୍ଗୀତ ଟ୍ରେଲରଟିକୁ ଅଧିକ ଆକର୍ଷଣୀୟ କରିଛି।

## ପୁରାଣ କାହାଣୀ

# କୁଟୁମ୍ବେଶ୍ୱର ମହାଦେବଙ୍କ ମହାତ୍ମ୍ୟ



ସଂସାର ହିତ ଲାଗି ସୋମବତୀ ଅମାବାସ୍ୟା କୁଟୁମ୍ବେଶ୍ୱର ଲିଙ୍ଗଙ୍କୁ ଦର୍ଶନ କଲେ କୁଟୁମ୍ବ ବୃଦ୍ଧି ପାଇବା ସହ ସମସ୍ତ ପାପ ଦୂର ହୋଇଥାଏ। ରବିବାର, ସୋମବାର, ଅଷ୍ଟମୀ, ଚତୁର୍ଦ୍ଦଶୀ ତଥା ସୋମବତୀ ଦିନ ଶିପ୍ରା ନଦୀରେ ସ୍ନାନ କରି କୁଟୁମ୍ବେଶ୍ୱରଙ୍କୁ ଦର୍ଶନ କଲେ ସୁଫଳ ମିଳିଥାଏ। ଏହାସହ ସ୍କନ୍ଦ ପୁରାଣରେ କୁଟୁମ୍ବେଶ୍ୱରଙ୍କ ମହାତ୍ମ୍ୟ ବର୍ଣ୍ଣନା କରାଯାଇଛି। ଏକଦା ଦେବତା ଓ ରାକ୍ଷସ ସମୁଦ୍ର ମନ୍ଥନ କରୁଥିବା ବେଳେ ବିଷ ଉତ୍ପନ୍ନ ହେଲା। ଏହାଦେଖି ରାକ୍ଷସ ଓ ଦେବତାମାନେ ବିଚଳିତ ହୋଇ ଉଠିଲେ। ସେମାନେ ଭଗବାନ ଶିବଙ୍କ ନିକଟକୁ ଯାଇ ସମସ୍ତ କଥା ପ୍ରକାଶ କରି ବିଷକୁ ଦୂର କରିବା ଲାଗି ପ୍ରାର୍ଥନା କଲେ। ମହାଦେବ ସମସ୍ତ କଥା ଶୁଣିବା ପରେ ମୟୂର ରୂପ ଧାରଣ କରି ସେହି ବିଷକୁ ପାନ କରିବା ଦ୍ୱାରା ତାଙ୍କ କଣ୍ଠ ନୀଳ ପଡିଗଲା। କିନ୍ତୁ ମହାଦେବ ଏହି ବିଷକୁ ଦୂର କରିବା ଲାଗି ଶିପ୍ରା ନଦୀକୁ ଆଦେଶ ଦେଲେଯେ ଏହି ବିଷକୁ ନେଇ ସେ ମହାକାଳ ବଣରେ ଥିବା କାମେଶ୍ୱରସ୍ଥିତ ଏକ ଲିଙ୍ଗ ଉପରେ ଚଢ଼ାଇ ଦିଅ। ମା' ଶିପ୍ରା ନଦୀ ଉକ୍ତ ବିଃକୁ ନେଇ ଲିଙ୍ଗ ଉପରେ ଢ଼ାଳିଦେଲେ। ବିଷର ପ୍ରଭାବରେ ଯେଉଁ ପ୍ରାଣୀ ତାଙ୍କୁ ଦର୍ଶନ କରୁଥିଲେ ସେମାନେ ମୋକ୍ଷ ପ୍ରାପ୍ତ କରୁଥିଲେ। କିଛି ବ୍ରାହ୍ମଣ ତୀର୍ଥ ଯାତ୍ରା କରିବା ଲାଗି ଏହି ଲିଙ୍ଗ ନିକଟକୁ ଆସି ଦର୍ଶନ କଲେ। ଦର୍ଶନ ଫଳରେ ସମସ୍ତ ବ୍ରାହ୍ମଣ ଦେହତ୍ୟାଗ କଲେ ଏହାଦ୍ୱାରା ତାଙ୍କ କୁଟୁମ୍ବ ଲୋପ ପାଇବାକୁ ଲାଗିଲା। ଏହା ଦେଖି କିଛି ବ୍ରାହ୍ମଣ ତାଙ୍କ କୁଟୁମ୍ବକୁ ବଞ୍ଚାଇବା ଲାଗି ଭଗବାନ ଶିବଙ୍କୁ ପ୍ରାର୍ଥନା କଲେ ଉକ୍ତ ପ୍ରାର୍ଥନାକୁ ସ୍ୱୀକାର କରି ମହାଦେବ କହିଲେ ରାଜା ଲକୁଳିଶ ଏହି ଲିଙ୍ଗକୁ ଦର୍ଶନ କଲେ ବିଷର ପ୍ରଭାବ ଆପେ ଆପେ ଦୂର ହୋଇଯିବ। ଏହି ଲିଙ୍ଗକୁ କୁଟୁମ୍ବେଶ୍ୱର କୁହାଯିବ କହି ମହାଦେବ ଅନ୍ତର୍ଦ୍ଧାନ ହୋଇଗଲେ ସେବେଠାରୁ ଏହି ଲିଙ୍ଗର ନାମ କୁଟୁମ୍ବେଶ୍ୱର ରହି ଆସିଛି।

# ୫୦୦ କୋଟି ବନାମ ୫୦୦ଟଙ୍କା



ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀଙ୍କ ବିମୁଦ୍ରାକରଣ ନୀତି ସତ୍ତ୍ୱେ ଦେଶବାସୀ ଦେଖିଥିଲେ କର୍ଣ୍ଣାଟକର ପୂର୍ବତନ ମନ୍ତ୍ରୀ ତଥା ଖଣି ମାଲିକ ଜନାର୍ଦ୍ଦନ ରେଡ୍ଡୀଙ୍କ ଝିଅ ବ୍ରାହ୍ମଣୀଙ୍କ ୫୦୦ କୋଟିର ବିବାହ। ବିବାହ କାର୍ଡ, ପୋଷାକଠାରୁ ଆରମ୍ଭ କରି ଭୋଜିଭାତରେ ଖର୍ଚ୍ଚ ହୋଇଥିଲା କୋଟି କୋଟି ଟଙ୍କା। ଏବେ କିନ୍ତୁ ଦେଶବାସୀ ଏହି ନୀତିର ଅପରପାର୍ଶ୍ୱ ଦେଖିବାକୁ ପାଇଛନ୍ତି। ସାଧାରଣ ଜନତା ଏହି ନୀତି ଦ୍ୱାରା କେତେମାତ୍ରାରେ ପ୍ରଭାବିତ ହୋଇଛନ୍ତି ତାହାର ଜ୍ୱଳନ୍ତ ଉଦାହରଣ ସାଜିଛି ସୁରଟର ଦକ୍ଷା ପରମାର୍ ଓ ଭାରତ ମାରୁଙ୍କ ମାତ୍ର ୫୦୦ ଟଙ୍କାର ବିବାହ। ସୁରଟର ଏକ ଇଲେକଟ୍ରିସିଟି କମ୍ପାନୀରେ ଟେକ୍ନିସିଆନ ଭାବେ କାର୍ଯ୍ୟ କରୁଥିବା ରାଜ୍ ପରମାର୍ ନିଜ ଝିଅ ଦକ୍ଷାଙ୍କ ବିବାହ ଠିକ୍ କରିଥିଲେ କମ୍ପ୍ୟୁଟର ଇଞ୍ଜିନିୟର ଭାରତ ମାରୁଙ୍କ ସହ। ଦୀପାବଳି ପୂର୍ବରୁ ଉଭୟ ପରିବାରର ମିଳାମିଶା ପରେ ବିବାହ ତାରିଖ ଦୀପାବଳି ପରେ ତଥା ନଭେମ୍ବର ୨୪କୁ ନିର୍ଦ୍ଧାରଣ କରାଯାଇଥିଲା। ଏହା ମଧ୍ୟ ସ୍ଥିର କରାଯାଇଥିଲା କି ଖୁବ୍ ଧୂମ୍‌ଧାମରେ ବିବାହ କରାଯିବ। ମାତ୍ର ୮ ତାରିଖରେ ୫୦୦ ଓ ୧୦୦୦ ଟଙ୍କିଆ ଅଚଳ ଉପରେ ଭାଷଣ ଶୁଣିବା ପରେ ଚିନ୍ତାରେ ଆସିଯାଇଥିଲେ ଉଭୟ ପରିବାର। ଜାକଜମକରେ କରିବାକୁ ଥିବା ବିବାହ ଆଶା ମଉଳି ଯାଇଥିଲା ସେମାନଙ୍କର। ନିର୍ଦ୍ଧାରିତ ତାରିଖ ପରିବର୍ତ୍ତେ ଅନ୍ୟ ତାରିଖରେ ବିବାହ କରିବା ପାଇଁ ଯୋଜନା କରିବାକୁ ଆରମ୍ଭ କରିଥିଲେ। କିନ୍ତୁ ସେହି ସମୟରେ ଦକ୍ଷା ଏକ ଉପାୟ ଚିନ୍ତା କରିଥିଲେ। ସେ ବିନା ଆଡମ୍ବରରେ ଭୋଜିରେ କେବଳ ଚା ଓ ପାଣିର ବ୍ୟବସ୍ଥା କରି ବିବାହ କରିବାର ପ୍ରସ୍ତାବ ପରିବାର ସଦସ୍ୟଙ୍କୁ ଦେଇଥିଲେ। ପ୍ରଥମେ ପରିବାର ଲୋକଙ୍କୁ ଦକ୍ଷାଙ୍କ ଏହି ପ୍ରସ୍ତାବ ଉଚିତ ଲାଗିନଥିଲା। କିନ୍ତୁ ବାରମ୍ବାର ବୁଝାଇବା ପରେ ସେମାନେ ରାଜି ହୋଇଥିଲେ। ପରେ ଉଭୟ ଦକ୍ଷା ଏବଂ ତାଙ୍କ ପରିବାର ସଦସ୍ୟ ମିଶି ଭାରତଙ୍କ ପରିବାର ଲୋକଙ୍କୁ ପ୍ରସ୍ତାବ ଦେଇଥିଲେ। ପ୍ରଥମେ ମଧ୍ୟ ଭାରତଙ୍କ ପରିବାର ଠାରୁ ଅନୁରୂପ ପ୍ରତିକ୍ରିୟା ମିଳିଥିଲା। ମାତ୍ର ପରେ ସେମାନେ ମଧ୍ୟ ରାଜି ହୋଇଯାଇଥିଲେ। କାରଣ ତାଙ୍କ ପାଇଁ ପିଲାମାନଙ୍କ ବିବାହ ଅଧିକ ଗୁରୁତ୍ୱ ରଖୁଥିଲା ସେଥିରେ ଖର୍ଚ୍ଚର ପରିମାଣ ନୁହେଁ। ଦୁଇ ପରିବାରର ସମ୍ମତିରେ ବିନା ଜାକଜମକରେ ବେଦ୍ ରୋଡ ଠାରେ ଥିବା ଏକ କମ୍ୟୁନିଟି ହଲ୍‌ରେ ଆୟୋଜିତ ହୋଇଥିଲା ବିବାହ। ସେଥିରେ କନ୍ୟାପକ୍ଷରୁ ପ୍ରାୟ ୫୦ ଜଣ ଓ ବର ପକ୍ଷରୁ ପ୍ରାୟ ୧୨୫ ରୁ ୧୫୦ ଜଣ ନିମନ୍ତ୍ରିତ ଅତିଥି ଯୋଗ ଦେଇଥିଲେ। ସମସ୍ତ ଅତିଥିଙ୍କୁ ଭୋଜିରେ ଦିଆଯାଇଥିଲା ଗୋଟିଏ ଗ୍ଲାସ ପାଣି ଓ କପେ ଚା। ଏପରି ବିବାହରେ ଅତିଥି ମାନେ ମଧ୍ୟ ପୂର୍ଣ୍ଣ ସମର୍ଥନ ଜଣାଇଥିଲେ। ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ ଦକ୍ଷା ଓ ଭାରତଙ୍କ ଏହି ବିବାହକୁ ପ୍ରଶଂସା କରିଛନ୍ତି। ମନ୍ କୀ ବାତ୍ କାର୍ଯ୍ୟକ୍ରମରେ ସେ କହିଛନ୍ତି ମୁଁ ଚାଏ ପେ ଚର୍ଚ୍ଚା ଆରମ୍ଭ କରିଥିଲି କିନ୍ତୁ ଏହି ଚା ଏବେ ବିବାହ ମଣ୍ଡପରେ ପହଞ୍ଚି ଗଲାଣି ଜାଣି ଖୁସି ଲାଗୁଛି।

# ଲାଭଦାୟକ ୱେବ୍‌ସାଇଟ୍



ଅନ୍‌ଲାଇନ୍ ସପିଂର ମଜା ଯିଏ କରିଛି ସିଏ ଜାଣିଛି । ଗୋଟିଏ କ୍ଲିକ୍‌ରେ ଜିନିଷ ପାଖରେ ଆସି ହାଜର ହୋଇଯାଏ । ନା ମୁଲେଇ କରିବାକୁ ପଡ଼ିଥାଏ ନା ଘଣ୍ଟା ଘଣ୍ଟା ଅପେକ୍ଷା କରିବାକୁ ପଡ଼ିଥାଏ । କଥାରେ କହନ୍ତି ବାପାମା'ଙ୍କୁ ଛାଡ଼ିଦେଇ ସବୁକିଛି ଇଣ୍ଟରନେଟ୍‌ରେ ଉପଲବ୍ଧ । କିନ୍ତୁ ଆଜି ଆପଣଙ୍କୁ ଆମେ ଏପରି ଏକ ୱେବ୍‌ସାଇଟ୍ ବିଷୟରେ ଜଣାଇବୁ ଯେଉଁଥିରୁ ଆପଣ ଯାହା ଚାହିଁବେ ତାହା କିଣିପାରିବେ । ଜାପାନର ଏକ ୱେବ୍‌ସାଇଟ୍ ନ୍ତରେଣ୍ଟଏବାଇଫଅଟୋବା ଡଟ୍ କମ୍'ରେ ଆପଣଙ୍କୁ ଅନ୍ତଃବସ୍ତ୍ରଠାରୁ ଆରମ୍ଭ କରି ମା-ବାପା, ପତି-ପତ୍ନୀ ଏବଂ ପିଲା ମଧ୍ୟ ଭଡ଼ାରେ ମିଳିଥାନ୍ତି । ବର୍ତ୍ତମାନ ଜାପାନରେ ଏହି ୱେବ୍‌ସାଇଟ୍ ଅନେକ ଲୋକପ୍ରିୟ ହୋଇଗଲାଣି । ଏହି ୱେବ୍‌ସାଇଟ୍‌ଟି ଗ୍ରାହକମାନଙ୍କୁ ସମସ୍ତ ପ୍ରକାରର ସୁବିଧା ଯୋଗାଇବା ପାଇଁ ଗ୍ରାହକମାନଙ୍କଠାରୁ ମୋଟା ପରିମାଣର ଅର୍ଥ ନେଇଥାଏ । ଜାଣିରଖନ୍ତୁ ଏହି ୱେବ୍‌ସାଇଟ୍‌ରେ କ'ଣ ସବୁ ମିଳୁଛି ? ଯଦି ଆପଣ ଏକଲା ଅଛନ୍ତି ତେବେ ଏହି ୱେବ୍‌ସାଇଟ୍‌ଟି ଆପଣଙ୍କ ଏକୁଟିଆପଣ ଦୂର କରିବା ପାଇଁ ଗ୍ରାହକଙ୍କ ଇଚ୍ଛା ମୁତାବକ ପୁରୁଷ କିମ୍ବା ସ୍ତ୍ରୀ ବନ୍ଧୁ ମଧ୍ୟ ଉପଲବ୍ଧ କରେଇଥାଏ । ଏଠାରେ ଆପଣଙ୍କୁ ଭଲ ପାଉଥିବା ମାତା-ପିତା ମଧ୍ୟ ମିଳିଥାନ୍ତି । ଏହା ବ୍ୟତୀତ ଏହା ଏପରି ଏକମାତ୍ର ୱେବ୍‌ସାଇଟ୍ ଯାହା ଅନ୍ତଃବସ୍ତ୍ରକୁ ଭଡ଼ାରେ ଦେଇଥାଏ । ଯଦି ଆପଣ ଆପଣଙ୍କର ବୋରିଂନେସ୍‌କୁ ଦୂର କରିବାକୁ ଚାହୁଁଛନ୍ତି ତେବେ ଆବଶ୍ୟକ ହେଲେ ଏକ ଛୋଟ ସୁନ୍ଦର ଶିଶୁ ସହିତ ମଧ ସମୟ ଅତିବାହିତ କରିପାରିବେ । ଯଦି ଆପଣଙ୍କ ପାଖରେ ସମୟ ନାହିଁ କିମ୍ବା ଆପଣ ପିଲାଙ୍କ ସ୍କୁଲ ଘରପାଠ କରିବାରେ ସାହାଯ୍ୟ କରି ପାରୁନାହାନ୍ତି ତେବେ ଏହି ୱେବ୍‌ସାଇଟଟି ଆପଣଙ୍କ ପାଇଁ ଏପରି ଏକ ବ୍ୟକ୍ତି ଠିକ୍ କରିଦେବେ ଯିଏ ଆପଣଙ୍କ ପିଲାର ଘରପାଠ କରିବାରେ ମଧ ସାହାଯ୍ୟ କରିବ ।

## ଆଜିର ଭାଗ୍ୟ

**ମେଷ** — କର୍ମକ୍ଷେତ୍ରରେ ସହଜ ସୁବିଧରେ କାମ ହାସଲ କରିବେ। ବନ୍ଧୁଙ୍କର ଆଦର ମନକୁ ଖୁସି ରଖିବ। ସଭା, ସମିତି, ରାଜନୀତି କ୍ଷେତ୍ରରେ ପ୍ରଶଂସିତ ହେବେ। ମହିଳାମାନେ ଅନ୍ୟଙ୍କ ସେବାରେ ବ୍ୟସ୍ତ ରହିବେ।

**ବୃଷ** — କର୍ମକ୍ଷେତ୍ରରେ କେତେକ ଦିଗରୁ ଚାପର ସମ୍ମୁଖୀନ ହୋଇପାରନ୍ତି। ଧୈର୍ଯ୍ୟ ହରାନହୋଇ ପରିସ୍ଥିତିର ସାମ୍ନା କରିବେ। ସାମ୍ବାଦିକତା କ୍ଷେତ୍ରରେ ପ୍ରତିବନ୍ଧକର ସମ୍ମୁଖୀନ ହେବେ। ବ୍ୟବସାୟରେ ବନ୍ଧୁ ସମ୍ପର୍କ ପ୍ରେ ଓ ପ୍ରଣୟ କ୍ଷେତ୍ରରୁ ଅନୁକୂଳ ଫଳ ମିଳିବ।

**ମିଥୁନ** — କାର୍ଯ୍ୟ ହାସଲ କ୍ଷେତ୍ରରେ ଜଣେ ପୂର୍ବତନ ବନ୍ଧୁ ସାହାଯ୍ୟ କରିବେ। ଆନୁଷ୍ଠାନିକ କାମରେ ସଫଳତା ପାଇବେ। ବ୍ୟବସାୟରେ ସାମାନ୍ୟ କ୍ଷତି ହୋଇପାରେ। ପରିବହନରେ ଉନ୍ନତି କରିବେ। ମହିଳାଙ୍କ ଭାତୃ ସମ୍ପର୍କ ବୃଦ୍ଧି ପାଇବ।

**କର୍କଟ** — ଅନ୍ୟମାନଙ୍କୁ ନିଜ ଆଡକୁ ଆକର୍ଷିତ କରିବା ପାଇଁ ବିଭିନ୍ନ ପ୍ରକାର ଚେଷ୍ଟା କରିବେ। ବନ୍ଧୁଙ୍କର ସହାନୁଭୂତି ଲାଭ କରିପାରନ୍ତି। ସ୍ଥଗିତ କାମକୁ ତ୍ୱରାନିତ କରିବେ। ମହିଳାମାନେ ସାଥିଙ୍କ ବାଟକୁ ଚାହିଁ ବସିବେ। ଦୂର ସ୍ଥାନକୁ ଭ୍ରମଣ ଯୋଗ ରହିଛି।

**ସିଂହ** — ଇଚ୍ଛା ନଥିଲେ ମଧ ସମୟ ଓ ପରିସ୍ଥିତିକୁ ନେଇ ବନ୍ଧୁଙ୍କ ସହ ବିତର୍କ ସୃଷ୍ଟି ହୋଇପାରେ। ନିଜ ଲୋକମାନେ ଈର୍ଷା ପରାୟଣ ହୋଇ ପରିସ୍ଥିତିକୁ ଜଟିଳ ରୂପ ଦେବାରେ ସମର୍ଥ ହେବେ। ଅର୍ଥ ସଂଗ୍ରହରେ ତତ୍ପରତା ପ୍ରକାଶ କରିବେ।

**କନ୍ୟା** — ବନ୍ଧୁଙ୍କ ନିକଟୁ ସାହାଯ୍ୟ ପଅତିଶୃତି ପାଇ ଆସ୍ୱସ୍ଥି ଅନୁଭବ କରିବେ। ପାରିବାରିକ ଅସ୍ଥିରତା ଓ ଅର୍ଥାଭାବ ପାଇଁ ମାନସିକ ଦ୍ୱନ୍ଦ ଭିତରେ ସମୟ କଟାଇବେ। ଆତ୍ମିୟମାନଙ୍କ ପରାମର୍ଶ ନେଇ କାର୍ଯ୍ୟ କ୍ଷେତ୍ରରେ ଉପକୃତ ହେବେ।

**ତୁଳା** — ହଠାତ୍ ଅର୍ଥ ସମ୍ପର୍କକୁ ନେଇ ଭାତୃ ବିବାଦ ଦେଖାଦେଇପାରେ। ପ୍ରେମରେ ପ୍ରତାରଣା ପାଇ କର୍ମକ୍ଷେତ୍ରରେ ପରିସ୍ଥିତିର ଚାପ ବୃଦ୍ଧି ପାଇବ। ସାମାନ୍ୟ ଶାରୀରିକ ଅସୁସ୍ଥତା ଅନୁଭବ କରିବେ। ମହିଳାଙ୍କ କ୍ଷେତ୍ରରେ ବିଭିନ୍ନ ପ୍ରକାରର ଶତ୍ରୁମାନେ କଟୁ କଥା କହିବେ।

**ବିଛା** — ସମସ୍ୟାର ସମାଧାନ ପାଇଁ ବନ୍ଧୁଙ୍କ ଉପରେ ନିର୍ଭର କରିବାକୁ ପଡିପାରେ। କର୍ମକ୍ଷେତ୍ରରେ ନୂତନ ଯୋଜନା ଆରମ୍ଭ କରିପାରନ୍ତି। ବକେୟା ଟଙ୍କା ମିଳିବାର ଯୋଗ ରହିଛି। ପ୍ରତିଷ୍ଠିତ ବ୍ୟକ୍ତିଙ୍କ ପରୋକ୍ଷରେ ସାହାଯ୍ୟ ପ୍ରାପ୍ତି ହୋଇପାରେ।

**ଧନୁ** — ପଡୋଶୀଙ୍କ ସହ ସମ୍ପର୍କ ମଧୁର ରଖିବାକୁ ଚେଷ୍ଟା କରିବେ। ବନ୍ଧୁଙ୍କ ସହ ସୌହାର୍ଦ୍ଦ୍ୟପୂର୍ଣ୍ଣ ଆଲୋଚନାରୁ ମନ ଖୁସି ରହିବ। ବିବାଦୀୟ ପରିସ୍ଥିତିର ଦୃଢ଼ ମୁକାବିଲା କରିବେ। ମହିଳାମାନେ ଭାବ ପ୍ରବଣତା ପ୍ରକାଶ କରିବେ।

**ମକର** — ଯେତେ ତ୍ୟାଗ ସ୍ୱିକାର କଲେ ମଧ ବନ୍ଧୁ ସହକର୍ମୀ ଓ ପଡୋଶୀଙ୍କର ଭୁଲ୍ ଧାରଣାକୁ ବଦଳାଇ ପାରିବେ ନାହିଁ। ଆୟ ଅପେକ୍ଷା ବ୍ୟୟ କ୍ରମଶଃ ବୃଦ୍ଧି ପାଇବ। ସ୍ତ୍ରୀଙ୍କ ସ୍ୱାସ୍ଥ୍ୟ ପାଇଁ ଚିନ୍ତିତ ରହିବେ। ଆକସ୍ମିକ ଭାବେ ଉପହାର ଦ୍ରବ୍ୟ ଲାଭ ହୋଇପାରେ।

**କୁମ୍ଭ** — କୌଣସି ଅପରିଚିତ ବ୍ୟକ୍ତିଙ୍କ ଦ୍ୱାରା ଗୁରୁତ୍ୱ ପୂର୍ଣ୍ଣ କାର୍ଯ୍ୟ ହସଲ କରିବେ। ଭାବୁଥିବା କାମଟିକୁ ସମ୍ପୂର୍ଣ୍ଣ କରିବା ପାଇଁ ବନ୍ଧୁଙ୍କର ସାହାଯ୍ୟ ଭିକ୍ଷ୍ୟା କରିବେ। ଦାମ୍ପତ୍ୟ ଜୀବନରେ ତିକ୍ତତା ଦେଖାଦେଇପାରେ। ମହିଳାମାନେ ଅଶାନ୍ତି ରହିବେ।

**ମୀନ** — ସୁନ୍ଦର ମଧୁର କଥା କହି ଅନ୍ୟମାନଙ୍କୁ ଆକର୍ଷିତ କରି କାର୍ଯ୍ୟ ହାସଲ କରିବେ। ଶାରୀରିକ ଅସୁସ୍ଥତା ଫେରି ପାଇବ। ପାରିବାରିକ କ୍ଷେତ୍ର, ଯାତ୍ରା ଓ ଦାମ୍ପତ୍ୟ ଜୀବନରୁ ସୁଫଳ ପାଇବେ। ଦୂର ସ୍ଥାନକୁ ଯାତ୍ରା କରିପାରନ୍ତି। ମହିଳାଙ୍କ ମନୋବଳ ଦୃଢ଼ ରହିବ।

# ମୃତ୍ୟୁକୁ ନେଇ ଆତଙ୍କ



ଭୟଙ୍କର ଗାଁ ନାମ ଶୁଣିବା କ୍ଷଣି ମନରେ ଅନେକ ପ୍ରଶ୍ନ ଉଙ୍କି ମାରେ। କ'ଣ ପାଇଁ ଗାଁର ଏପରି ବିଚିତ୍ର ନାମ ରହିଛି ? ଏହା ପଛରେ ରହସ୍ୟ କ'ଣ ଜାଣିବାକୁ ମଧ ଜିଜ୍ଞାସା ଯାତ ହୋଇଥାଏ। ପଙ୍ଖାପୁରର ବଡଗାଓଁ ଭୟଙ୍କର ଗ୍ରାମ ଭାବେ ପ୍ରସିଦ୍ଧ। ଏହି ଗ୍ରାମରେ ଆଜିକୁ ୨୨ ବର୍ଷ ତଳେ ଜଣେ ବ୍ୟକ୍ତିର ମୃତୁ ଘଟିଥିଲା। ବାଶ୍ ତା' ପରେ ବିଗତ ୨୨ ବର୍ଷର ଠାରୁ ପ୍ରତି ଦଶ ଦିନ ଅନ୍ତରରେ ପ୍ରତ୍ୟେକଙ୍କ ଘରୁ ଜଣେ ଲେଖାଏଁ ସଦସ୍ୟଙ୍କର ମୃତ୍ୟୁ ହେବାରେ ଲାଗିଛି। ଗ୍ରାମବାସୀମାନେ କେବଳ ଚିନ୍ତାରେ ରହିଥାନ୍ତି ଯେ, କାହାର ମୃତ୍ୟୁ ଘଟିଲା ଏବଂ ଏବେ ଆଉ କାହାର ପାଳି ପଡିବ। ଏହାକୁ ଗ୍ରାମବାସୀଙ୍କ ଦୁର୍ଭାଗ୍ୟ କୁହାଯିବ ନା ଅନ୍ଧବିଶ୍ୱାସ ନା ଆଉ କିଛି ? ବରିଷ୍ଠ ବ୍ୟକ୍ତି, ଡାକ୍ତର ଓ ଶିକ୍ଷକ ଏସବୁ ବିଶ୍ୱାସ କରିବାକୁ ବାଧ୍ୟ । କିଛି ରୋଗ ନଥାଇ ଆଖି ସାମନାରେ ଭଲ ଲୋକଙ୍କର ଏଠାରେ ମୃତ୍ୟୁ ହେବାରେ ଲାଗିଛି ।




# ହେଳା, ଭେଳା, ଅବହେଳା



ହେଳାରୁ ବା ଭେଳା ବୁଡ଼େ ବୋଲି ଏକ ଲୋକକଥା ଅଛି। ହେଲେ ଅବହେଳା ଆଉ ଏକ ଅକ୍ଷମଣୀୟ ଗୁରୁତ୍ୱପୂର୍ଣ୍ଣ ଦିଗ। ଅବହେଳା ମଣିଷର ଚରିତ୍ର ଦୃଷ୍ଟିକୋଣରୁ ହୋଇପାରେ, ଆଦର୍ଶ, ବୃତ୍ତିଗତ, ଚିନ୍ତନ, ଆଧ୍ୟାତ୍ମିକ, ଆର୍ଥିକ ବି ହୋଇପାରେ। ତେବେ ଅବହେଳା ଗୁରୁତର ହେଲେ ଏହା ମାନବୀୟ ଜୀବନରେ ବଡ଼ ଦୁଃଖର ଓ ଅବଶୋଷର କାରଣ ପାଲଟେ। କିଛିଦିନ ତଳେ ଗଣମାଧ୍ୟମରେ କାର୍ଯ୍ୟ କରୁଥିବା ଅନୁଜପ୍ରତୀମ ଶ୍ରଦ୍ଧେୟ ସୁଶାନ୍ତଙ୍କୁ ନେଇ ତା'ର ଚକ୍ଷୁ ସମ୍ବନ୍ଧୀୟ ସ୍ୱାସ୍ଥ୍ୟ ଅସୁବିଧା ପାଇଁ ଓଡ଼ିଶାର ବିଶିଷ୍ଟ ଯୁବ ଚକ୍ଷୁରୋଗ ବିଶେଷଜ୍ଞ ଡାକ୍ତର ଅନୁରାଗ ମିଶ୍ରଙ୍କ ପାଖକୁ ନେଇଥିଲି। ଅନୁରାଗ ମିଶ୍ର କଟକ କାଠଯୋଡ଼ି ରିଙ୍ଗରୋଡ଼ ରାଧାରମଣ ଚକ୍ଷୁ ହସ୍ପିଟାଲ ଓ ରିସର୍ଚ୍ଚ ଇନଷ୍ଟିଚ୍ୟୁଟରେ ରୋଗୀସେବା କରୁଛନ୍ତି। ଅନୁଜ ସୁଶାନ୍ତର ପରିଚୟ ଗଣମାଧ୍ୟମରେ ପରିଚିତି ଓ କାର୍ଯ୍ୟଦକ୍ଷତା ଶୁଣିବା ପରେ ସେ ବଡ଼ ବିଷାଦଭରା କଣ୍ଠରେ କହିଲେ ଆମେ ଅବହେଳା ସମ୍ପର୍କରେ ବିଭିନ୍ନ କଥା ଶୁଣୁଛୁ। ପ୍ରଶାସନର ଅବହେଳା, ଡାକ୍ତରର ଅବହେଳା, ପୋଲିସର ଅବହେଳା, ଅଭିଭାବକଙ୍କ ଅବହେଳା ସବୁଠି ଅବହେଳାର ଚିତ୍ର ଓ ଚରିତ୍ର ଛତୁ ଫୁଟୁଥିବାବେଳେ ଜଣେ ଅନୁଭବୀ, କାର୍ଯ୍ୟଦକ୍ଷ ଓ ଲୋକପ୍ରିୟ ଯୁବ ବ୍ୟକ୍ତିତ୍ୱ ହୋଇ ବି ଶରୀରର ଅତ୍ୟନ୍ତ ଗୁରୁତ୍ୱପୂର୍ଣ୍ଣ ଚକ୍ଷୁର ଅବହେଳାକୁ ନେଇ ସେଦିନ ଅନୁରାଗବାବୁ ବହୁତ ଦୁଃଖିତ ହୋଇପଡ଼ିଲେ। ଓଡ଼ିଶାର ସମସ୍ତ ଛପା ଗଣମାଧ୍ୟମରେ କାର୍ଯ୍ୟ କରୁଥିବା ଏପରି ଜଣେ ଯୁବ ବ୍ୟକ୍ତିତ୍ୱ ଯିଏ କି ତାଙ୍କ ଘରୋଇ ପାଠାଗାରରେ ଅଧକୋଟି ଟଙ୍କାର ଦୁର୍ଲ୍ଲଭ, ଉପାଦେୟ ଓ ମୂଲ୍ୟବାନ ପୁସ୍ତକ ରଖିଛନ୍ତି। ଏହାସହ ପ୍ରତିଦିନ ଓଡ଼ିଶାର ସମସ୍ତ ଛପା ଖବରକାଗଜ କିଣନ୍ତି ଓ ପଢ଼ନ୍ତି କିନ୍ତୁ ଦୀର୍ଘଦିନ ଧରି ଚକ୍ଷୁ ସମସ୍ୟା ଅନୁଭବ କରି ତାଙ୍କର ଅନେକ ପରିଚିତ ବିଭିନ୍ନ ବିଭାଗର ବିଶେଷଜ୍ଞ ଡାକ୍ତର ବନ୍ଧୁ ଥାଇ ମଧ୍ୟ ସେ ନିଜ ଚକ୍ଷୁ ପରୀକ୍ଷା ନକରି ତା'ର ସହାୟକ ଶ୍ରଦ୍ଧେୟ ଶ୍ରୀକାନ୍ତଠାରୁ ପାଇଥିବା ଏକ ଲେନ୍ସରେ ସେ ଲେଖାପଢ଼ା କରୁଛନ୍ତି। ଲେନ୍ସରେ ଦୀର୍ଘଦିନ ଧରି ପଢ଼ାପଢ଼ି କରିବା ଆଖିକୁ ପ୍ରତିକୂଳ ସ୍ୱାସ୍ଥ୍ୟ ସମସ୍ୟା ଭିତରକୁ ଠେଲି ଦେବା ସହ ଦୃଷ୍ଟିଶକ୍ତି ମଧ୍ୟ କମାଇଦେଇଛି। ଯାହାଫଳରେ ସୁଶାନ୍ତ ପ୍ରଥମ ଥର ପାଇଁ ଚଷମା ବ୍ୟବହାର କରିବା ପାଇଁ ବାଧ୍ୟ ହେଲା। ଅନୁରାଗ ବାବୁଙ୍କ ଯନ୍ତ୍ରଣାସିକ୍ତ କଥାଟି ଥିଲା ଯେ ଆମ ଗହଣରେ ଏପରି ଅନେକ ବ୍ୟକ୍ତିତ୍ୱ ରହିଛନ୍ତି ଯେଉଁମାନେ ଅତ୍ୟନ୍ତ ଗୁଣୀ ଜ୍ଞାନୀ ଓ ସଚେତନ ମଧ୍ୟ ଏହା ସହ ଆର୍ଥିକ କ୍ଷେତ୍ରରେ ସେମାନେ ମଧ୍ୟ ସ୍ୱଚ୍ଛଳ। କିନ୍ତୁ ସାମାନ୍ୟ ଅବହେଳା ପାଇଁ ସେମାନେ ନିଜର ମୂଲ୍ୟବାନ ସମୟ ଓ ସମ୍ପତ୍ତିକୁ ଏକପ୍ରକାର ନଷ୍ଟ କରିଦେଇଥା'ନ୍ତି।

ଚକ୍ଷୁ ଆମ ଶରୀର ସ୍ୱାସ୍ଥ୍ୟର ଅମୂଲ୍ୟ ଓ ଗୁରୁତ୍ୱପୂର୍ଣ୍ଣ ସ୍ୱାସ୍ଥ୍ୟ ସମ୍ପତ୍ତି। ତେବେ ଏ ଅବହେଳା କ'ଣ ପାଇଁ ହେଲା? ବ୍ୟସ୍ତତା, ଭାବପ୍ରବଣତା ନା ଆଉ କିଛି? ସୁଶାନ୍ତର ବୟସ ସେତେ ବେଶି ନୁହେଁ। ଜଣେ ଯୁବ ଓ କର୍ମଦକ୍ଷ ସାମ୍ବାଦିକ ଭାବେ ସେ ସୁପରିଚିତ। ବଡ଼କଥା ହେଉଛି ସ୍ୱାସ୍ଥ୍ୟ ବିଭାଗର ପ୍ରତିଟି ବିଭାଗରେ ଓଡ଼ିଶାରେ ବେଶ ନାଁ କମାଇଥିବା ପ୍ରଫେସର ଓ ଡାକ୍ତରମାନେ ତାର ଅତ୍ୟନ୍ତ ଘନିଷ୍ଠ ବନ୍ଧୁ। ତା' ସତ୍ତ୍ୱେ ସେ ଏତେ ଅବହେଳା କରି ନିଜର ଯେଉଁ କ୍ଷତି କରିଦେଲା, ତାହା ମୋତେ ଅତ୍ୟନ୍ତ ଦୁଃଖିତ କରିଦେଲା। ଡାକ୍ତର ଅନୁରାଗବାବୁଙ୍କ ବାପା ସ୍ୱର୍ଗତଃ ପ୍ରଫେସର ଡାକ୍ତର ବ୍ରଜସୁନ୍ଦର ମିଶ୍ର ଓଡ଼ିଶାରେ ଜଣେ କେବଳ ଓଡ଼ିଶାରେ ନୁହେଁ ସମଗ୍ର ଭାରତରେ ପ୍ରଥିତଯଶା ଚକ୍ଷୁରୋଗ ବିଶେଷଜ୍ଞ। ୧୯୮୦-୯୦ ମସିହା ଭିତରେ ତତ୍କାଳୀନ ସମୟରେ ଓଡ଼ିଶାର ଶ୍ରୀସତ୍ୟସାଇ ସେବା ସଙ୍ଗଠନର ଗ୍ରାମାଞ୍ଚଳରେ ଯେତେସବୁ ମାଗଣା ମୋତିଆବିନ୍ଦୁ ଅସ୍ତ୍ରୋପଚାର ଶିବିର ହେଉଥିଲା, ତାହାର ଅନ୍ୟତମ ପୁରୋଧା ଥିଲେ ଡାକ୍ତର ବ୍ରଜସୁନ୍ଦର ମିଶ୍ର। ଓଡ଼ିଶାର ଅଗମ୍ୟ ଗ୍ରାମାଞ୍ଚଳକୁ ନିଃସ୍ୱାର୍ଥପର ଭାବରେ ଅନେକ କ୍ଷେତ୍ରରେ ନିଜେ ହାତରୁ ପଇସା ଖର୍ଚ୍ଚକରି ଗରିବ ଲୋକମାନଙ୍କ ମାଗଣା ମୋତିଆବିନ୍ଦୁ ଅସ୍ତ୍ରୋପଚାର କରୁଥିଲେ। ତାଙ୍କ ପରଲୋକ ସମୟରେ ଓଡ଼ିଶାର ବିଶିଷ୍ଟ ଇଏନଟି ବିଶେଷଜ୍ଞ ପ୍ରଫେସର ଡାକ୍ତର ଦୟାନିଧି ଦାସ ଏହି ସୁଶାନ୍ତ ମାଧ୍ୟମରେ ଓଡ଼ିଶାର ସମସ୍ତ ଗଣମାଧ୍ୟମରେ ଖବର ଓ ଲେଖା ପ୍ରକାଶ କରାଇଥିଲେ। ସେତେବେଳେ ଡାକ୍ତର ଅନୁରାଗ ମିଶ୍ରଙ୍କ ସଂସ୍ପର୍ଶରେ ସେ ଆସି ନ ଥିଲେ। ରାଧାରମଣ ଚକ୍ଷୁ ହସ୍ପିଟାଲ ଓଡ଼ିଶାର ଏକ ପ୍ରମୁଖ ଚକ୍ଷୁରୋଗ ଗବେଷଣା ଓ ସେବା ପ୍ରତିଷ୍ଠାନ। ଅସହାୟ, ଗରିବ ଲୋକମାନଙ୍କ ପାଇଁ କିଛି ସ୍ୱତନ୍ତ୍ର ସେବା ବ୍ୟବସ୍ଥା ମଧ୍ୟ ରହିଛି। ଏଠାରେ କାର୍ଯ୍ୟରତ ଉତ୍ସର୍ଗୀକୃତ ସେବା ମନୋଭାବର ପାଖାପାଖି ତିରିଶରୁ ଊର୍ଦ୍ଧ୍ୱ କର୍ମଚାରୀଙ୍କ କର୍ମସଂସ୍ଥାନର ଦାୟିତ୍ୱ ଅନୁରାଗବାବୁଙ୍କ ଉପରେ। ବଡ଼କଥା ହେଉଛି ସେହି ଡାକ୍ତରଖାନାର ପରିଚାଳକ ସୁଧୀର କୁମାର ଛାଟୋଇ, ଦେବୀପ୍ରସାଦ ସାହୁ, ପ୍ରଦୀପ କୁମାର ପ୍ରଧାନ, ପିଆଲି ଦାସ, ପ୍ରିୟଙ୍କା ଦାସ, ଓଟି ସହାୟିକା ସ୍ୱରୂପା ଦାସ, ସସ୍ମିତା ମୁଖୀ, କ୍ରୀଷ୍ଟା ପାଲ ଓ ଅନ୍ୟ ପ୍ରମୁଖ କର୍ମକର୍ତ୍ତା ଏବଂ ସେବାକାରୀଙ୍କ ଉତ୍ସର୍ଗୀକୃତ ସେବା ମନୋଭାବ ଓ ବ୍ୟବହାର। ରୋଗୀଟିଏ ଯନ୍ତ୍ରଣାସିକ୍ତ ଭାବରେ ଆସିଥାଏ ଉପଶମ ପାଇବା ପାଇଁ। ଡାକ୍ତର ତ' ଦ୍ୱିତୀୟ ଭଗବାନ; କିନ୍ତୁ ଡାକ୍ତରଙ୍କୁ ସାକ୍ଷାତ ପୂର୍ବରୁ ଓ ସାକ୍ଷାତ ପରେ ଏହି ବ୍ୟକ୍ତିତ୍ୱଙ୍କ ସେବା, ସ୍ନେହ, ମମତା, ଭଲପାଇବାର ପରଶମଣି ସେମାନଙ୍କ ଯନ୍ତ୍ରଣାକୁ ସମ୍ପୂର୍ଣ୍ଣ ଲୋପ କରିଦେଇଥାଏ। ଏମାନେ କିନ୍ତୁ ସୁଶାନ୍ତର ଚକ୍ଷୁ ଅବହେଳା ପରି ରୋଗୀକୁ ସ୍ନେହଶ୍ରଦ୍ଧା ଦେବାରେ ହେଳା କରିନଥା'ନ୍ତି। ଅନୁରାଗବାବୁ ତାଙ୍କ ଜୀବନରେ ହେଳା ତ ପ୍ରଶ୍ନ ଉଠୁନି; ବରଂ ଯେଉଁ ସେବା ଓ ଉତ୍ସର୍ଗୀକୃତ ମନୋଭାବର ପ୍ରଶଂସା ଓ ସମ୍ମାନ ଆଶୀର୍ବାଦ ଅନେକଙ୍କଠାରୁ ପ୍ରାପ୍ତ ହେଉଛନ୍ତି; ତାହା ତାଙ୍କ ପାଇଁ ମୂଲ୍ୟବାନ। କୋଟି କୋଟି ମୁମୂର୍ଷୁ ନୂଆ ଜୀବନ ପାଇ ଚକ୍ଷୁ ଦ୍ୱାରା ସମାଜ ଓ ସଂସାରକୁ ଦେଖିବାର ଯେଉଁ ଆଲୋକ ପାଇଥା'ନ୍ତି ତା'ର ନେପଥ୍ୟ ଏହି ମହନୀୟ ଡାକ୍ତରବାବୁଙ୍କର। ଆସନ୍ତୁ ନିଜ ନିଜ ଜୀବନରେ ହେଳା କରି ଭେଳା ବୁଡ଼ାଇବା ନାହିଁ। କାରଣ ଅନେକ ସମୟରେ ନିଜ ହେଳା ସହ ଅନ୍ୟମାନଙ୍କର ବି ଭେଳା ବୁଡ଼ିଯାଏ। ଏହାକୁ ମନେରଖି ଜୀବନକୁ ଆଗେଇନେବା ଉଚିତ।

—ଶ୍ୟାମସୁନ୍ଦର ସାମଲ
ବିଡ଼ାନାସୀ ବନ୍ଧଛକ, କଟକ,
ଦୂରଭାଷ: ୯୭୭୮୬୩୫୯୨୬

# ଶରିୟତ ଲାଗୁ କରିବାର ଝାଡଖଣ୍ଡ ମଡେଲ

ଡ. ସମନ୍ୱୟ ନନ୍ଦ



୧୯୪୭ ମସିହାରେ ଭାରତ ସ୍ୱାଧୀନ ହେବା ସଙ୍ଗେ ସଙ୍ଗେ ଭାରତର ବିଭାଜନ ମଧ୍ୟ ହୋଇଥିଲା। କାରଣ କିଛି ମୁସଲମାନ ନେତା ସେତେବେଳେ କହିଥିଲେ ଯେ ହିନ୍ଦୁମାନଙ୍କ ସହ ମୁସଲମାନମାନେ ରହିବା ସମ୍ଭବ ନୁହେଁ। ତତ୍କାଳୀନ କଂଗ୍ରେସ ନେତୃତ୍ୱ ଏହି ଇସଲାମୀ ଶକ୍ତିମାନଙ୍କ ଆଗରେ ମୁଣ୍ଡ ନୁଆଇଁଥିଲା ଓ ଭାରତର ବିଭାଜନ ହୋଇଥିଲା। ଭାରତ ବିଭାଜନ ପରେ ଯେଉଁ ଅଲଗା ଦେଶ ତିଆରି ହେଲା ତାହାକୁ ସେମାନେ ଇସଲାମୀ ଦେଶର ମାନ୍ୟତା ପ୍ରଦାନ କଲେ। ପାକିସ୍ତାନ ସରକାରୀ ଭାବେ ଇସଲାମୀ ଦେଶ ଭାବେ ପରିଗଣିତ ହେଲା। ଅପରପକ୍ଷେ ଭାରତରେ କେବେହେଲେ ପୂଜାପଦ୍ଧତି ନେଇ କେବେ କାହା ସହ ଭେଦଭାବ କରାଯାଇ ନଥିବା କାରଣରୁ ଭାରତ ପାକିସ୍ତାନ ଭଳି ଥିଓକ୍ରେଟିକ ଦେଶ ହୋଇ ନ ଥିଲା।

ପାକିସ୍ତାନ ଇସଲାମୀ ଦେଶ ହୋଇଥିବା କାରଣରୁ ସେଠାରେ ଇସଲାମୀ ଆଇନ ଅଥବା ଶରିଆ ଆଇନ କିଛି ମାତ୍ରାରେ ଲାଗୁ ହେଲା।



ଏବେ ଭାରତରେ ମଧ୍ୟ ସେହି ଟ୍ରେଣ୍ଡ ଦେଖାଯିବା ଆରମ୍ଭ ହେଲାଣି। ଭାରତକୁ ବିଭାଜନ କରାଇ ପାକିସ୍ତାନ ନିର୍ମାଣ କରିବା ପରେ ମଧ୍ୟ ଭାରତରେ ଥିବା ଇସଲାମିଷ୍ଟ ମାନଙ୍କର ସେହି ବିଭାଜନକାରୀ ମାନସିକତାରେ କୌଣସି ପରିବର୍ତ୍ତନ ଆସି ନ ଥିବା ଗତ କିଛିଦିନର ଘଟଣାରୁ ସ୍ପଷ୍ଟ ହେଉଛି।

ପ୍ରଥମେ କର୍ଣ୍ଣାଟକରେ ଏକ ମହାବିଦ୍ୟାଳୟରେ ମୁସଲମାନ ଛାତ୍ରୀମାନେ ହିଜାବ ପିନ୍ଧି ଆସିବାକୁ ଦାବି କରିଥିଲେ। ସେତେବେଳେ ଏହାକୁ ନେଇ ଖୁବ ବିବାଦ ହୋଇଥିଲା ଓ ମାମଲା କୋର୍ଟ ଯାଏ ଗଲା।

ଏବେ ଝାଡଖଣ୍ଡରୁ ଏକ ବିପଜ୍ଜନକ ଚିତ୍ର ସାମନାକୁ ଆସିଛି। ଝାଡଖଣ୍ଡରେ ଏକ ଜାମତଡା ଜିଲ୍ଲା ନାମକ ଏକ ଜିଲ୍ଲା ରହିଛି। ଏହି ଜିଲ୍ଲାର ଏକ ଘଟଣା ବର୍ତ୍ତମାନ ସାରା ଦେଶରେ ଚର୍ଚ୍ଚାର କେନ୍ଦ୍ରବିନ୍ଦୁରେ ଅଛି। ସାଧାରଣ ଭାବେ ସାରା ଭାରତରେ ସରକାରୀ କିମ୍ବା ବେସରକାରୀ କାର୍ଯ୍ୟାଳୟ ହେଉ ବା ସରକାରୀ କିମ୍ବା ବେସରକାରୀ ସ୍କୁଲ ହେଉ ରବିବାର ଦିନ ଛୁଟି ହୋଇଥାଏ। ହେଲେ ଜାମତଡା ଜିଲ୍ଲାରେ ଶହେରୁ ଅଧିକ ବିଦ୍ୟାଳୟରେ ଗତ କିଛିବର୍ଷ ହେଲା ରବିବାର ବଦଳରେ ଜୁମ୍ମା ଅର୍ଥାତ ଶୁକ୍ରବାର ଦିନ ଅବକାଶ ହେଉଛି। ଏ ସମ୍ପର୍କରେ ଗଣମାଧ୍ୟମରେ ରିପୋର୍ଟ ପ୍ରକାଶ ପାଇବା ପରେ ତନାଘନା ଆରମ୍ଭ ହେଲା। ଏଥିରୁ ଜଣାପଡିଲା ଯେ ଯେଉଁ ସ୍କୁଲଗୁଡିକରେ ରବିବାର ବଦଳରେ ଜୁମ୍ମା ଅର୍ଥାତ ଶୁକ୍ରବାର ଦିନକୁ ଅବକାଶ ଘୋଷଣା କରାଯାଇଥିଲା ସେହି ଅଂଚଳରେ ୭୦ ପ୍ରତିଶତ ଜନତା ହେଉଛନ୍ତି ମୁସଲମାନ। ଅର୍ଥାତ ସେହି ଅଂଚଳରେ ମୁସଲମାନମାନଙ୍କ ସଂଖ୍ୟା ବଢିଯିବା କାରଣରୁ ସେମାନେ ସ୍କୁଲର ପ୍ରଧାନଶିକ୍ଷକ ଓ ଅନ୍ୟ ଶିକ୍ଷକମାନଙ୍କୁ ଧମକ ଚମକ ଦେବା ସହ ବାଧ୍ୟ କରି ରବିବାର ବଦଳରେ ଶୁକ୍ରବାର ଦିନ ଛୁଟି କରାଇ ନେଇଛନ୍ତି। ଏବେ ଜଣାପଡୁଛି ସେତେବେଳେ ଏହି ସ୍କୁଲମାନଙ୍କର ପ୍ରଧାନ ଶିକ୍ଷକମାନେ ହେମନ୍ତ ସୋରେନ ସରକାରଙ୍କ ଶିକ୍ଷା ବିଭାଗର ଅଧିକାରୀମାନଙ୍କୁ ମୁସଲମାନ ଗ୍ରାମବାସୀମାନଙ୍କ ଦ୍ୱାରା ତାଙ୍କୁ ଧମକ ଚମକ ଦେଉଥିବା ସମ୍ପର୍କରେ ଅବଗତ କରାଇଥିଲେ ସୁଦ୍ଧା ଶିକ୍ଷା ବିଭାଗର ଅଧିକାରୀମାନେ କୌଣସି ପ୍ରକାର କର୍ଣ୍ଣପାତ କରି ନ ଥିଲେ। ଫଳରେ ଗତ କିଛିବର୍ଷ ହେଲା ଏହି ମୁସଲମାନବହୁଳ ସ୍କୁଲମାନଙ୍କରେ ରବିବାର ବଦଳରେ ଜୁମାରେ ଛୁଟି ହେଉଛି। କେବଳ ସେତିକି ନୁହେଁ, ଏହି ମୁସଲମାନ ମାନେ ସରକାରୀ ସ୍କୁଲ ଆଗରେ ଜୋର ଜବରଦସ୍ତି ଉର୍ଦ୍ଦୁ ସ୍କୁଲ ବୋଲି ମଧ୍ୟ ଲେଖା କରାଇ ଦେଇଛନ୍ତି। ସରକାରୀ ସ୍କୁଲଗୁଡିକୁ ଉର୍ଦ୍ଦୁ ସ୍କୁଲ ବୋଲି ମୁସଲମାନମାନେ ଘୋଷଣା କରି ଦେଇଛନ୍ତି। ଏହା ଆଉ ଏକ ଉଦ୍‌ବେଗର ବିଷୟ।

ପରବର୍ତ୍ତୀ ସମୟରେ ଜଣାପଡିଲା ଯେ କେବଳ ଜାମତଡା ଜିଲ୍ଲାରେ ହିଁ ଏପରି ଘଟିନାହିଁ। ଝାଡଖଣ୍ଡର ମୁଖ୍ୟମନ୍ତ୍ରୀ ହେମନ୍ତ ସୋରେନଙ୍କ ନିଜ ଜିଲ୍ଲାରେ ମଧ୍ୟ ଏଭଳି ଘଟଣାମାନ ଘଟିଛି। ମୁଖ୍ୟମନ୍ତ୍ରୀଙ୍କ ନିଜ ଜିଲ୍ଲା ହେଉଛି ଦୁମକା। ଏହି ଜିଲ୍ଲାରେ ୩୩ଟି ସରକାରୀ ସ୍କୁଲ ଏପରି ରହିଛି ଯେଉଁଥିରେ ସ୍କୁଲଗୁଡିକର ନାମ ଆଗରେ ଉର୍ଦ୍ଦୁ ସ୍କୁଲ ଯୋଡି ଦିଆଯାଇଛି। ମୁସଲମାନବହୁଳ ଅଂଚଳରେ ଥିବା ଏହି ସରକାରୀ ସ୍କୁଲମାନଙ୍କରେ ମଧ୍ୟ ରବିବାର ବଦଳରେ ଶୁକ୍ରବାର ଦିନ ଛୁଟି ହେଉଛି।

ମୁଖ୍ୟମନ୍ତ୍ରୀଙ୍କ ନିଜ ଜିଲ୍ଲାରେ ଏଭଳି ଘଟଣା ଘଟିବା ସମସ୍ତଙ୍କୁ ଆଶ୍ଚର୍ଯ୍ୟରେ ପକାଇ ଦେଇଛି। ସ୍ଥାନୀୟ ଗଣମାଧ୍ୟମ ରିପୋର୍ଟରେ କୁହାଯାଇଛି ଯେ ଏହି ସ୍କୁଲର ମଧ୍ୟାହ୍ନ ଭୋଜନ ମେନ୍ୟୁରେ ଲେଖାଯାଇଛି ଯେ ଏଠାରେ ରବିବାର ଦିନ ଖାଦ୍ୟ ବିତରଣ କରାଯାଇଥାଏ ଓ ଜୁମ୍ମା ଅର୍ଥାତ ଶୁକ୍ରବାର ଦିନ ସ୍କୁଲ ବନ୍ଦ ରହେ। ପ୍ରଶାସନକୁ ସୂଚନା ନ ଦିଆଯାଇ ଏହି ସ୍କୁଲଗୁଡିକୁ ଉର୍ଦ୍ଦୁ ସ୍କୁଲ କରି ଦିଆଯାଇଛି, କାରଣ ଏହି ଅଂଚଳରେ ମୁସଲମାନମାନଙ୍କ ସଂଖ୍ୟା ଅଧିକ।

ମୁସଲମାନବହୁଳ ଅଂଚଳରେ ଯେ କେବଳ ରବିବାର ବଦଳରେ ଜୁମା ଅର୍ଥାତ ଶୁକ୍ରବାର ଦିନ ସ୍କୁଲ ଛୁଟି କରିବାକୁ ବାଧ୍ୟ କରାଯାଉଛି ତା' ନୁହେଁ ହାତଯୋଡି ପ୍ରାର୍ଥନା କରିବାର ପରମ୍ପରାକୁ ବଦଳାଇ ଦିଆଯିବାର ଚାଂଚଲ୍ୟକର ଖବର ମଧ୍ୟ ସାମନାକୁ ଆସିଛି। ଝାଡଖଣ୍ଡରେ ହିଁ ଗଡଓ୍ୱା ଜିଲ୍ଲାରେ ମୁସଲମାନବହୁଳ ଗାଁର ସ୍କୁଲରେ କଟ୍ଟରପନ୍ଥୀ ମୁସଲମାନମାନେ ହାତଯୋଡି ପ୍ରାର୍ଥନାକୁ ବନ୍ଦ କରାଇଛନ୍ତି। ଏହା ମଧ୍ୟ ବର୍ତ୍ତମାନ ଗଣମାଧ୍ୟମର ଚର୍ଚ୍ଚାର କେନ୍ଦ୍ରବିନ୍ଦୁରେ ରହିଛି।

ଝାଡଖଣ୍ଡରେ ଯେଉଁସବୁ ଘଟଣା ଗତ କିଛିଦିନ ମଧ୍ୟରେ ଘଟିଛି ତାହା ଅତ୍ୟନ୍ତ ଉଦ୍‌ବେଗଜନକ। ଏହି ଘଟଣାରୁ ସାଧାରଣ ଭାବେ କିଛି ନିଷ୍କର୍ଷ ବାହାର କରାଯାଇପାରେ। ପ୍ରଥମଟି ହେଲା କୌଣସି ସ୍ଥାନର ଡେମୋଗ୍ରାଫିରେ ପରିବର୍ତ୍ତନ ଘଟିଲେ ଏପରି ଘଟଣା ସାମନାକୁ ଆସିବ। ଭାରତର ସମ୍ବିଧାନରେ ଯାହା ଲେଖାହୋଇଥାଉ ନା କାହିଁକି ଇସଲାମିଷ୍ଟ ଶକ୍ତିମାନେ ସଂଖ୍ୟା ବଳ ଆଧାରରେ ବଳ ଓ ଚାପ ପ୍ରୟୋଗ କରି ଧୀରେ ଧୀରେ ଦେଶରେ ଚାଲିଥିବା ବ୍ୟବସ୍ଥା ଓ ପରମ୍ପରାକୁ ବଦଳାଇବାକୁ ଚେଷ୍ଟା କରିବେ। ଧୀରେ ଧୀରେ ସେମାନେ ଶରିଆ ଆଇନ ଲାଗୁ କରିବାକୁ ପ୍ରୟାସ କରିବେ। ଝାଡଖଣ୍ଡରେ ମୁସଲମାନବହୁଳ ଗାଁମାନଙ୍କରେ ଘଟିଥିବା ଏହି ଘଟଣା ଏହାକୁ ସ୍ପଷ୍ଟ ସଂକେତ କରୁଛି।

ଏହି ଘଟଣାମାନ ଆଉ ଏକ ଦିଗକୁ ମଧ୍ୟ ସଂକେତ କରୁଛି। ତାହା ହେଲା, ୧୯୪୭ ମସିହାରେ ଭାରତକୁ ବିଭାଜନ କରି ଇସଲାମୀ ଦେଶ ପାକିସ୍ତାନ ତିଆରି କଲେ। ଭାରତ ବିଭାଜନ କରି ମୁସଲମାନ ଦେଶ ତିଆରି କରି ମଧ୍ୟ ସେମାନେ ସନ୍ତୁଷ୍ଟ ହୋଇନାହାନ୍ତି। ସେତେବେଳେ ଯେଉଁମାନେ ଭାରତରେ ରହିଗଲେ ସେମାନଙ୍କ ମନରେ ଭାରତର ସମ୍ପୂର୍ଣ୍ଣ ଇସଲାମୀକରଣର ସ୍ୱପ୍ନ ଏବେ ବି ରହିଛି। ଯେଉଁଠାରେ ସେମାନଙ୍କର ସଂଖ୍ୟା ବଢୁଛି, ସେଠାରେ ସେମାନେ ତାଙ୍କ ମନରେ ଥିବା ଭାରତର ଇସଲାମୀକରଣର ସ୍ୱପ୍ନକୁ ସାକାର କରିବାକୁ ପ୍ରୟାସ କରୁଛନ୍ତି। ସ୍କୁଲମାନଙ୍କରେ ରବିବାର ଛୁଟି ବଦଳରେ ଜୁମାରେ ଜୋର ଜବରଦସ୍ତି ଛୁଟି କରାଇବା ବା ହାତଯୋଡି ପ୍ରାର୍ଥନାକୁ ବନ୍ଦ କରାଇବା ସେମାନଙ୍କର ଏହି ପ୍ରୟାସର ଅଂଶବିଶେଷ।

ଏହି ଘଟଣାଗୁଡିକରୁ ସ୍ପଷ୍ଟ ହେଉଛି ଯେ ଏହା ସୁଚିନ୍ତିତ ଓ ସୁନିୟୋଜିତ ଭାବେ କରାଯାଉଛି। ଏହା ଅତ୍ୟନ୍ତ ଗୁରୁତର ବିଷୟ ଓ ଦେଶର ସୁରକ୍ଷା ଦୃଷ୍ଟିରୁ ଅତ୍ୟନ୍ତ ଗୁରୁତ୍ୱପୂର୍ଣ୍ଣ ବିଷୟ ହୋଇଥିବାରୁ ଏହାକୁ ହାଲ୍‌କା ଭାବେ ନିଆଯିବା ଉଚିତ ନୁହେଁ। ଏହାପଛରେ କେଉଁ ଶକ୍ତିମାନେ ଅଛନ୍ତି ତାହାକୁ ଚିହ୍ନଟ କରିବା ଆବଶ୍ୟକ। ଏମାନଙ୍କୁ କେଉଁଠାରୁ ବୈଚାରିକ ଓ ଆର୍ଥିକ ସହଯୋଗ ମିଳୁଛି, ତା'ର ମଧ୍ୟ ଯାଂଚ କରି ଏ ବାବଦରେ କଠୋର କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବାର ଆବଶ୍ୟକତା ରହିଛି।

## ଅଶୋକ ପଣ୍ଡାଙ୍କ ବିୟୋଗ ସାମ୍ବାଦିକ ଜଗତ ପାଇଁ ଅପୂରଣୀୟ କ୍ଷତି



ଭୁବନେଶ୍ୱର (ପିଏନ୍): ବରିଷ୍ଠ ଚିତ୍ର ଉତ୍ତୋଳକ ସାମ୍ବାଦିକ ଅଶୋକ କୁମାର ପଣ୍ଡାଙ୍କ ଆକସ୍ମିକ ବିୟୋଗରେ ଓଡ଼ିଶା ନାଗରିକ ମହାମଞ୍ଚ ପକ୍ଷରୁ ଗଭୀର ଶୋକ ବ୍ୟକ୍ତ କରାଯାଇଛି। ଅଧ୍ୟକ୍ଷ ତଥା ବରିଷ୍ଠ ସାମ୍ବାଦିକ ପ୍ରଦ୍ୟୁମ୍ନ ଶତପଥୀ ସ୍ମୃତିଚାରଣ ପୂର୍ବକ ମତବ୍ୟକ୍ତ କରିଥିଲେ ଯେ ଜଣେ ଦକ୍ଷ, ସଚ୍ଚୋଟ, ନିଷ୍ଠାପର ସାମ୍ବାଦିକ ଭାବରେ ତାଙ୍କର ଅବଦାନ ଚିରସ୍ମରଣୀୟ ହୋଇ ରହିବ। ଫଟୋ ଉତ୍ତୋଳନ ସହିତ ସେ ଜଣେ ମିଷ୍ଟଭାଷୀ, ସାରସ୍ୱତ ପ୍ରତିଭା ଭାବେ ସର୍ବଦା ନୂତନ ପିଢ଼ିର ସାମ୍ବାଦିକମାନଙ୍କୁ ପ୍ରେରିତ କରୁଥିବେ। ମୁଖପାତ୍ର ଅରବିନ୍ଦ ତ୍ରିପାଠୀଙ୍କ ସହିତ ମଞ୍ଚର ଉପସଭାପତି ପ୍ରଦୀପ ବିଶ୍ୱାଳ, ସଂଯୋଜକ ନାରାୟଣ ଓଝା, ଶିକ୍ଷାବିତ୍ ସୀତାବଲ୍ଲଭ ମହାପାତ୍ର ପ୍ରମୁଖ ଶ୍ରଦ୍ଧାଞ୍ଜଳି ଅର୍ପଣ କରିବା ସହିତ ଓଡ଼ିଶା ସାମ୍ବାଦିକ ଜଗତ ଏକ ଧ୍ରୁବତାରାଙ୍କୁ ହରାଇଲା ବୋଲି କହିଥଲେ।

## କେନ୍ଦ୍ରାପଡାରେ ଏସଏଚଜି ନିର୍ମିତ ଝୋଟର ରାକ୍ଷୀ ମିଳିବ



କେନ୍ଦ୍ରାପଡ଼ା (ପିଏନ୍): ସ୍ୱେଚ୍ଛାସେବୀ ଅନୁଷ୍ଠାନ 'ରାଇଡ' ଏବଂ କଲିକତାର ନିନଫେଟ (ଏନ.ଆଇ.ଏନ.ଏଫ.ଇଟି.)ର ମିଳିତ ଆନୁକୂଲ୍ୟରେ ଝୋଟରୁ ବିଭିନ୍ନ ନିର୍ମାଣ ସାମଗ୍ରୀ ପ୍ରସ୍ତୁତ ପାଇଁ ସଚେତନତା କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ଏହି ଉପଲକ୍ଷେ କେନ୍ଦ୍ରାପଡା ଜିଲ୍ଲାର ମାର୍ଶାଘାଇ ବ୍ଲକ ଅନ୍ତର୍ଗତ ବଛରେଇ ଗ୍ରାମପଞ୍ଚାୟତରେ ଅନୁଷ୍ଠିତ ସଚେତନତା କାର୍ଯ୍ୟକ୍ରମରେ ନିନଫେଟ (ଏନ.ଆଇ.ଏନ.ଏଫ.ଇଟି.)ର ମୁଖ୍ୟ ବୈଜ୍ଞାନିକ ଲକ୍ଷ୍ମୀକାନ୍ତ ନାୟକ, ତରୁଣ କୁମାର କୁଣ୍ଡୁ ଓ 'ରାଇଡ' ଅନୁଷ୍ଠାନର ସମ୍ପାଦକ କିଶୋର କୁମାର ସାହୁ, ଓରମାସର ସିଇଓ ଆଶିଷ କୁମାର ରାଉଳ, ଏଡିଏଚ ଅଜିତ କୁମାର ବିଶ୍ୱାଳ, ମିଶନ ଶକ୍ତି ଡିପିସି କୈଳାସ କୁମାର ସେନାପତି, କୃଷି ବିଜ୍ଞାନ କେନ୍ଦ୍ରର ମୁଖ୍ୟ ବୈଜ୍ଞାନିକ ଡଃ. ସୂର୍ଯ୍ୟନାରାୟଣ ମିଶ୍ର, ବୈଜ୍ଞାନିକ ନମିତା ମହାପାତ୍ର, ବୈଜ୍ଞାନିକ ପ୍ରଭଞ୍ଜନ ମିଶ୍ର, ମାର୍ଶାଘାଇ ବିଏଲସି ବିଜ୍ଞାନ କୁମାର ସେନାପତି, ମାର୍ଶାଘାଇ ବିପିସି ବିକାଶ ମହାନ୍ତି ପ୍ରମୁଖ ଯୋଗଦେଇ ଉପସ୍ଥିତ ସ୍ୱୟଂସହାୟିକା ଗୋଷ୍ଠିର ମହିଳାମାନଙ୍କୁ ଝୋଟରୁ କିଭଳି ମୂଲ୍ୟଯୁକ୍ତ ପଦାର୍ଥ ନିର୍ମିତ ହୋଇପାରିବ ଏବଂ ସେହି ପଦାର୍ଥକୁ ବଜାରରେ କିଭଳି ବିକ୍ରୟ କରାଯାଇପାରିବ ସେ ସମ୍ପର୍କରେ ସଚେତନ କରାଇଥିଲେ। ଏହି ଅବସରରେ ନିନଫେଟ (ଏନ.ଆଇ.ଏନ.ଏଫ.ଇଟି.) ଏବଂ ରାଇଡ ଦ୍ୱାରା ପ୍ରସ୍ତୁତ କେତେକ ଝୋଟ ତିଆରି ପଦାର୍ଥକୁ ସେଠାରେ ପ୍ରଦର୍ଶନ କରାଯାଇଥିଲା। ଏହାପରେ କେନ୍ଦ୍ରାପଡାରେ ରାଇଡ ଅନୁଷ୍ଠାନର ସହଯୋଗରେ ବିଭିନ୍ନ ସ୍ୱୟଂସହାୟିକା ଗୋଷ୍ଠୀଗୁଡିକ ଦ୍ୱାରା ନିର୍ମିତ ଝୋଟ ତିଆରି ରାକ୍ଷୀ ଓ ଜୁଟ ଫ୍ରେମକୁ ଦର୍ଶାଯାଇଥିଲା। ଏହି ଅବସରରେ ରାଇଡ ଅନୁଷ୍ଠାନ ପକ୍ଷରୁ ସୂଚନା ଦିଆଯାଇଛି ଯେ କେନ୍ଦ୍ରାପଡାରେ ଆଗାମୀ ରକ୍ଷାବନ୍ଧନରେ ସ୍ୱୟଂସହାୟିକା ଗୋଷ୍ଠୀ ଦ୍ୱାରା ନିର୍ମିତ ଝୋଟ ରାକ୍ଷୀ ସହିତ ବିଭିନ୍ନ ଦୁଗ୍ଧଜାତ ଦ୍ରବ୍ୟ ସୁଲଭ ମୂଲ୍ୟରେ ମିଳିପାରିବ।

## ବନ ବିଭାଗ ପକ୍ଷରୁ ଚଢାଉ, ବିପୁଳ ପରିମାଣର କୋଇଲା ଜବତ

ଚଣ୍ଡିଖୋଲ (ପିଏନ୍): କଟକ ବନଖଣ୍ଡ ଭିଜିଲାନ୍ସ ଟିମ ଓ ଡାଳିଯୋଡା ବନଖଣ୍ଡ ଅଧିକାରୀ ବଡଚଣା ବ୍ଲକର ଭରତପୁର ପଞ୍ଚାୟତ ଅନ୍ତର୍ଗତ ପଣସୁଧା ଗ୍ରାମରେ ଚଢାଉକରି ବିପୁଳ ପରିମାଣର କୋଇଲା ଜବତ କରିଛନ୍ତି। ପ୍ରକାଶ ଥାଉକି, ଏହି ଗ୍ରାମରେ ଦୀର୍ଘଦିନ ଧରି ବେଆଇନ ଭାବେ ଚୋରା କୋଇଲା କାରବାର ହେଉଥିବା ବନବିଭାଗ ନିକଟରେ ଖବର ଥିଲା। ବନବିଭାଗର ଭିଜିଲାନ୍ସ ଟିମ ଓ ଚଣ୍ଡିଖୋଲ ବନପାଳ ଶଶୀକାନ୍ତ ବେହେରା ଘଟଣାସ୍ଥଳରେ ପହଞ୍ଚି ଅତର୍କିତ ଚଢାଉ କରିଥିଲେ। ସେଠାରେ ଗଚ୍ଛିତ ଥିବା ୨ଟନ ଚୋରା କୋଇଲାକୁ ଜବତ କରିଥିବା ବେଳେ ଏହି କାରବାରରେ ସଂପୃକ୍ତ ଥିବା ଯୁବକ ଖସି ପଳାଇବାରେ ସକ୍ଷମ ହୋଇଛି। ୨ଟନ କୋଇଲାକୁ ଅଭିଯୁକ୍ତ ପ୍ୟାକେଟ କରି ଚୋରାରେ ବିଭିନ୍ନ ଅଂଚଳକୁ ଚାଲାଣ କରୁଥିଲା। ବନବିଭାଗ ୧୧୨ ଗୋଟି କୋଇଲା ବୋଝେଇ ପ୍ୟାକେଟକୁ ଦେଖି ତାଜୁବ ହୋଇଯାଇଥିଲେ। ତେବେ ଅଭିଯୁକ୍ତକୁ ଖୁବଶୀଘ୍ର ଗିରଫ କରାଯିବ ବୋଲି ବନପାଳ ଶ୍ରୀ ବେହେରା ସୂଚନା ଦେଇଛନ୍ତି।

## ଅବସରକାଳୀନ ସମ୍ବର୍ଦ୍ଧନା ଉତ୍ସବ

ଖୋର୍ଦ୍ଧା (ପିଏନ)- ବେଗୁନିଆ ବ୍ଲକର ଅତିରିକ୍ତ ଗୋଷ୍ଠୀ ଶିକ୍ଷାଧିକାରୀ ରାମପ୍ରସାଦ ସାହୁଙ୍କ ଅବସରକାଳୀନ ସମ୍ବର୍ଦ୍ଧନା ଉତ୍ସବ ମିଳିତ ପ୍ରାଥମିକ ଶିକ୍ଷକ ସଂଘ ପକ୍ଷରୁ ଗୋପବନ୍ଧୁ ଉଚ୍ଚବିଦ୍ୟାଳୟ ପରିସର ସଭାଗୃହରେ ଅନୁଷ୍ଠିତ ହୋଇଯାଇଛି। ଏ ନେଇ ମିଳିତ ପ୍ରାଥମିକ ଶିକ୍ଷକ ସଂଘର ସଭାପତି ରାମଚନ୍ଦ୍ର ଷଣ୍ଢଙ୍କ ପୌରୋହିତ୍ୟରେ ଆୟୋଜିତ ଉତ୍ସବରେ ପୂର୍ବତନ ଗୋଷ୍ଠୀ ଶିକ୍ଷାଧିକାରୀ ବିଷ୍ଣୁ ପ୍ରସାଦ ମିଶ୍ର ମୁଖ୍ୟ ଅତିଥି, ଗୋପବନ୍ଧୁ ଉଚ୍ଚ ବିଦ୍ୟାଳୟର ପ୍ରଧାନଶିକ୍ଷକ ବାସୁଦେବ ବେହେରା ମୁଖ୍ୟବକ୍ତା, ପୂର୍ବତନ ଗୋଷ୍ଠୀ ଶିକ୍ଷାଧିକାରୀ ଲଛମନ ପରିଡା, ପୂର୍ବତନ ଅତିରିକ୍ତ ଗୋଷ୍ଠୀ ଶିକ୍ଷାଧିକାରୀ ଯୋଗୀନ୍ଦ୍ର ନାଥ ସାହୁ, ବେଣୁଧର ପଣ୍ଡା ଓ ଶିକ୍ଷାବିତ୍ ରାଜକିଶୋର ପାଣିଗ୍ରାହୀ ପ୍ରମୁଖ ସମ୍ମାନିତ ଅତିଥି ଭାବେ ଯୋଗଦେଇ ବିଦାୟୀ ଅତିରିକ୍ତ ଗୋଷ୍ଠୀ ଶିକ୍ଷାଧିକାରୀଙ୍କ କର୍ମମୟ ଜୀବନ ଉପରେ ଗୁଣଗାନ କରିଥିଲେ। ସଭାର ପ୍ରାରମ୍ଭରେ ଗୋପବନ୍ଧୁଙ୍କ ପ୍ରତିମୂର୍ତ୍ତିରେ ମାଲ୍ୟାର୍ପଣ ପରେ ଉପଦେଷ୍ଟା ବସନ୍ତ ପ୍ରହରାଜ ସ୍ୱାଗତ ଭାଷଣ ଦେଇଥିବା ବେଳେ ସମ୍ପାଦକ ବସନ୍ତ ଜୟସିଂହ ଅତିଥି ପରିଚୟ ପ୍ରଦାନ କରିଥିଲେ। ଗୋପବନ୍ଧୁ ଉଚ୍ଚବିଦ୍ୟାଳୟର ଛାତ୍ରଛାତ୍ରୀ ମାନଙ୍କ ଦ୍ୱାରା ବିଦାୟୀ ସଙ୍ଗୀତ ପରିବେଷଣ କରାଯାଇଥିବା ବେଳେ ସଭାରେ ଉପସ୍ଥିତ ଶିକ୍ଷକମାନେ ନିଜସ୍ୱ ମତ ଉପସ୍ଥାପନ କରିଥିଲେ। ଶେଷରେ ଶିକ୍ଷକ ରବୀନ୍ଦ୍ର କୁମାର ମହାପାତ୍ର ଧନ୍ୟବାଦ ଅର୍ପଣ କରିଥିଲେ।

# ଗରିବଙ୍କ ଉପରେ ମୋଦି ସରକାର ଦାଉ ସାଧୁଛନ୍ତି କାହିଁକି ?




ଭୁବନେଶ୍ୱର ତା ୧୭.୭- ଗତ ଜୁନ ୨୮ ଓ ୨୯ ତାରିଖ ଚଣ୍ଡିଗଡ଼ ଠାରେ ଦୁଇଦିନିଆ ଜିଏଷ୍ଟି କାଉନସିଂଲର ୪୭ତମ ବୈଠକରେ ଚୁଡ଼ା, ମୁଢ଼ି, ଗୁଡ଼, ଦହି, ଖଇ ଓ ଉଖୁଡ଼ା ଆଦି ଅତ୍ୟାବଶକୀୟ ଖାଦ୍ୟ ସାମଗ୍ରୀ ଉପରେ ୫% ହାରରେ ଜିଏଷ୍ଟି ଲାଗୁ କରିବା ନିଷ୍ପତି ଏକ ହତଭାଗ୍ୟ ନିଷ୍ପତି ବୋଲି ଆଜି ଏକ ସାମ୍ବାଦିକ ସମ୍ମିଳନୀରେ ପ୍ରଦେଶ କଂଗ୍ରେସ ସଭାପତି ଶ୍ରୀ ଶରତ ପଟ୍ଟନାୟକ କହିଛନ୍ତି। ଶ୍ରୀ ପଟ୍ଟନାୟକ ସାମ୍ବାଦିକ ମାନଙ୍କୁ ସମ୍ବୋର୍ଦ୍ଧିତ କରି କହିଥିଲେ ଯେ ଓଡ଼ିଶାର ମୟୁରଭ, ବାଲେଶ୍ୱର, ଭଦ୍ରକ ଏବଂ କେନ୍ଦୁଝର ଜିଲ୍ଲାରେ ମୁଢ଼ି ବିନା ଜୀବନ ଦୁର୍ବିସହ। କିନ୍ତୁ ଆସ'। କାଲି ପାଖରୁ ଏହି ଅଣବ୍ରାଣ୍ଡ ପ୍ୟାକେଟ ଦ୍ୱାରା ବିକ୍ରି ହେଉଥିବା ମୁଢ଼ି, ଗୁଡ଼, ଚୁଡ଼ା, ଦହି, ଖଇ ଓ ଉଖୁଡ଼ା ଆଦି ଉପରେ ୫% ଜିଏଷ୍ଟି ଲାଗୁ ହେବ। ଦୀର୍ଘ ୮ବର୍ଷ କାଳ ଧରି କେବଳ ଘୃଣ୍ୟ ରାଜନୀତିରେ ଲିପ୍ତ ରହିବା ଛଡ଼ା ଭାରତବର୍ଷର ଅର୍ଥନୀତିକୁ ସଂପୂର୍ଣ୍ଣରୂପେ ଅଣଦେଖା କରିବା ଓ ଭୁଲ ଅର୍ଥନୈତିକ ନିଷ୍ପତି ଯୋଗୁଁ ଆଜି ଭାରତ ବର୍ଷର ଅର୍ଥନୀତି ସଂପୂର୍ଣ୍ଣ ରୂପେ ରସାତଳଗାମୀ। ମୋଦି ସରକାର କେବଳ ମନ୍ଦିର, ମସ୍‌ଜିଦ, ରାହୁଲ ଗାନ୍ଧୀ, ସୋନିଆ ଗାନ୍ଧୀ, ଇଡି, ଇନକମଟେକ୍ସ ଭିତରେ ସୀମାବଦ୍ଧ ହୋଇ ରାଜନୀତି କରୁଛନ୍ତି। ଓଡ଼ିଶାର ସାଧାରଣ ଜୀବନରେ ଏ ସମସ୍ତ ଖାଦ୍ୟଦ୍ରବ୍ୟ ଅତ୍ୟାବଶ୍ୟକ ଅଟେ। ଏ ସବୁ ଉପରେ କର ଆଦାୟ କରିବା କିଭଳି ଭାବରେ ଗରିବ ଲୋକଙ୍କ ଉପରୁ ଜୋର ଜବରଦସ୍ତ କରି କର ଆଦାୟ କରି ହେବ ଏହାହିଁ ପ୍ରମାଣିତ କରୁଛି। ସବୁଠାରୁ ଗୁରୁତ୍ୱପୂର୍ଣ୍ଣ କଥା ବିଜୁ ଜନତା ଦଳର ଅର୍ଥମନ୍ତ୍ରୀ ସେ ମିଟିଂରେ ଉପସ୍ଥିତ ଥାଇ ମଧ୍ୟ ଏ ବାବଦରେ ଥରୁଟିଏ ବିରୋଧ କରି ନାହାଁନ୍ତି କାହିଁକି ? କ'ଣ ଏହା ରାଜ୍ୟର ଜନସାଧାରଙ୍କ ସ୍ୱାର୍ଥ ବିରୋଧି କି ନୁହେଁ ବୋଲି ଶ୍ରୀ ପଟ୍ଟନାୟକ ପ୍ରଶ୍ନ କରିଛନ୍ତି। ଏଥିରୁ ଏହା ବୁଝାପଡୁଛି ରାଜ୍ୟ ସରକାର ଜିଏଷ୍ଟି କାଉନସିଲର ଏ ନିଷ୍ପତିକୁ ସମ୍ମତି ଜଣାଇଛି। ଗୋଟେ ଗଣତାନ୍ତ୍ରିକ ସରକାର ଜନସାଧାରଣଙ୍କ ପରିସ୍ଥିତିକୁ ଦେଖି କର ଆଦାୟ କରିଥାଏ। କିନ୍ତୁ ଏବେ ସରକାର ଅଧିକରୁ ଅଧିକ କିଭଳି କର ଆଦାୟ କରାଯିବ ସେଥିପାଇଁ ଅଧିକ ତତ୍ପରତା ଦେଖାଉଛନ୍ତି। ପୂର୍ବତନ ଅର୍ଥମନ୍ତ୍ରୀ ଶ୍ରୀ ପଂଚାନନ କାନୁନଗୋ ତଥା ବରିଷ୍ଠ କଂଗ୍ରେସ ନେତା ସାମ୍ବାଦିକ ମାନଙ୍କୁ ସମ୍ବୋର୍ଦ୍ଧିତ କରି କହିଲେ ୨୦୦୫ ମସିହାରେ ମନମୋହନ ସିଂଙ୍କ ସରକାର ସମୟରେ ୩୭ ଗୋଟି ଦ୍ରବ୍ୟକୁ ଭାଟ ମୁକ୍ତ କରାଯାଇଥିଲା। ଏହିସବୁ ଦ୍ରବ୍ୟ ଗୁଡ଼ିକ ଦହି, ଲସି, ଘୋଳଦହି, କ୍ଷୀର ପ୍ୟାକେଟ, ସ୍ଲେଟ, ପ୍ଲେଟ, ମ୍ୟାପ, ଚୁଡ଼ା, ମୁଢ଼ି, ହୁଡ଼ମ, ଖଇ, ଉଖୁଡା, ମୁଆଁ, ଖଲିପତ୍ର, ସବାଇ ଘାସରୁ ପ୍ରସ୍ତୁତ ଦଉଡ଼ି, ଗହମ, ଅଟା, ଲୁଙ୍ଗି, ଗାମୁଛା, ମାଛ, ମାଂସ, ଅଣ୍ଡା ଇତ୍ୟାଦି। କିନ୍ତୁ ଆସ'। କାଲି ଜୁଲାଇ ୧୮ ତାରିଖ ୨୦୨୨ ମସିହା ପାଖରୁ ପ୍ରାୟ ସବୁ ଦ୍ରବ୍ୟ ଉପରେ ସରକାର ଜିଏଷ୍ଟି ଲାଗୁ କରିସାରିଛନ୍ତି। ଏହି ସବୁ ଦ୍ରବ୍ୟ ମାନଙ୍କରୁ ୫% ରୁ ୧୨ % ପର୍ଯ୍ୟ' ଜିଏଷ୍ଟି ଆଦାୟ କରୁଛନ୍ତି। ୨୦୧୭ ମସିହା ଜିଏଷ୍ଟିକୁ ଲାଗୁ କରିବା ପାଇଁ ସେଂଟ୍ରାଲ ହଲରେ ଯେଉଁ ଐତିହାସିକ ମଧ୍ୟରାତ୍ରୀ ମିଂଟି ହୋଇଥିଲା ସେଇ ସଭାରେ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ଉଦ୍‌ବୋଧନ ଦେଲାବେଳେ ବାରମ୍ବାର ଗୋଟିଏ କଥାକୁ ଦୋହରାଉଥିଲେ ଯେ ଜିଏଷ୍ଟି ସାଧାରଣ ଲୋକଙ୍କ ସ୍ୱାର୍ଥ, ରାଜ୍ୟର ସ୍ୱାର୍ଥ ପାଇଁ, ଦେଶର ସ୍ୱାର୍ଥ ପାଇଁ ଓ ସର୍ବୋପରି ଦେଶର ଖାଉଟିଙ୍କ ପାଇଁ। ଏହାଦ୍ୱାରା ଜିନିଷ ପତ୍ରର ଦରଦାମ ବହୁ ମାତ୍ରାରେ କମିଯିବ ଓ ସାଧାରଣ ଜନତା ଏହାର ବହୁ ସୁଫଳ ପାଇବେ କିନ୍ତୁ ସତ୍ୟ କ'ଣ ? ଖାଲି ସେତିକି ନୁହେଁ ପାଖାପାଖି ୬ଥର କହିଥିଲେ ଯେ ଜିଏଷ୍ଟି ଦ୍ୱାରା ରାଜ୍ୟ ମାନଙ୍କର ଅର୍ଥନୈତିକ ସ୍ୱାଧୀନତା କ୍ଷେତ୍ରରେ ଏହା କୌଣସି ଅ'ରାୟ ସୃଷ୍ଟି କରିବ ନାହିଁ ଏବଂ ପାଖାପାଖି ୨୭ ଥରରୁ ଅଧିକ ଏହାର ସୁଫଳ ଜନସାଧାରଣ ପାଇବେ ବୋଲି କହିଥିଲେ। ଏକ ରାଷ୍ଟ୍ର ଏକ ଟ୍ୟାକ୍ସ ବୋଲି କହିଥିଲେ। କିନ୍ତୁ ଜିଏଷ୍ଟି ଲାଗୁ ହେବା ଠାରୁ ୫ଟି ସ୍ଲାବରେ କର ଆଦାୟ କରାଯାଉଛି। ଶ୍ରୀ କାନୁନଗୋ କହିଲେ ଯେ କଂଗ୍ରେସ ସରକାର ସମୟରେ କୋଇଲା ଉପରେ ଟନ ପିଛା ୧୦୦ ଟଙ୍କାର ସେସ ବସୁଥିଲା ବେଳେ ଏବେ ୪ ଶହ ଟାଙ୍କାରୁ ଅଧିକ ସେସ ମୋଦି ସରକାର ଆଦାୟ କରୁଛି। ଖାଲି ସେତିକି ନୁହେଁ ପାଖାପାଖି ୨୪ ପ୍ରକାରର ସେସ୍ କେନ୍ଦ୍ର ଆଦାୟ କରୁଛି। ଯେଉଁଥିରୁକି ରାଜ୍ୟ ଓଡ଼ିଶା ସରକାର ଏକ ଟଙ୍କାର ଭାଗ ପାଉନାହାଁନ୍ତି। କିନ୍ତୁ ଓଡ଼ିଶା ସରକାର ସଂପୂର୍ଣ୍ଣ ନୀରବ ପ୍ରତିବାଦର ସ୍ୱର ନାହିଁ। ଏବେ ପର୍ଯ୍ୟ' ରାଜ୍ୟର ୮ ହଜାର କୋଟି ଟଙ୍କାର ଜିଏଷ୍ଟି ବାବଦ ଅର୍ଥ କେନ୍ଦ୍ର ଦେଇ ନାହିଁ। ଏ ବାବଦରେ ଥରୁଟିଏ ନା ମୁଖ୍ୟମନ୍ତ୍ରୀ ନା ଅର୍ଥମନ୍ତ୍ରୀ କୁଆଡ଼େ ମୁହଁ ଖୋଲି ନାହାଁନ୍ତି। ବିଜେପି ବିଜେଡ଼ି ଉଭୟ ଏକ ରାଜନୈତିକ ଦଳ ଚି'। ଓ ଚେତନା। ଓଡ଼ିଶାର ଜନସାଧାରଙ୍କ ଦୁଃଖ, ସମସ୍ୟା ତାଙ୍କ ପାଇଁ ପ୍ରାଥମିକତା ନୁହେଁ। ରାଜନୈତିକ ନାଟକବାଜି କରିବା ତାଙ୍କର ଏକମାତ୍ର ଉଦ୍ଦେଶ୍ୟ। ଗଣମାଧ୍ୟମ ବିଭାଗର ଅଧ୍ୟକ୍ଷ ଶ୍ରୀ ଗଣେଶ୍ୱର ବେହେରା ସାମ୍ବାଦିକ ମାନଙ୍କୁ ସମ୍ବୋର୍ଦ୍ଧିତ କରି କହିଲେ ଯେ ସବକା ସାଥ ଡିଣ୍ଡିମ ପିଟୁଥିବା ସରକାର ସମସ୍ତଙ୍କ ସାଥିରେ ନାହାଁନ୍ତି। ମୋଦି ସରକାର କେବଳ ଧନୀକ ଶ୍ରେଣୀର ସାଂଗରେ ଅଛନ୍ତି। ୫% ଜିଏଷ୍ଟି ଅଟା, ଚୁଡ଼ା, ଦହି, ଲହୁଣି, ଗୁଡ଼ ଓ ଖଇ ଉପରେ ଯେତେବେଳେ ଲଗାଯାଇ ପାରୁଛି କିନ୍ତୁ ସେହି ସମୟରେ ଜୁଆଖେଳ, ଘୋଡ଼ାଦୌଡ଼ ପ୍ରତିଯୋଗିତା ଏବଂ ଲଟେରି ଉପରେ ଜିଏଷ୍ଟି ଟିକସ ବସାଇବା ନିଷ୍ପତି ନେଇପାରୁ ନାହିଁ। କିନ୍ତୁ ଗରିବଙ୍କ ଉପରେ ଜିଏଷ୍ଟି ଲଗାଇବା ନିଷ୍ପତି ଅତିଶୀଘ୍ର ନେଇପାରୁଛି। ଲଗାତାର ଭାବରେ ଖାଉଟି ସୂଚକାଙ୍କ ମୂଲ୍ୟ ଅହେତକୁ ବୃଦ୍ଧି ସତ୍ତ୍ୱେ ମୁଦ୍ରା ସ୍ଫିତି ୭%ରୁ ଅଧିକ ଥିଲା ବେଳେ ଏହି ନିଷ୍ପତି କାହା ସ୍ୱାର୍ଥରେ ବୋଲି ପଚାରିଛନ୍ତି। ଯଦି ଏହି ନିଷ୍ପତିକୁ କେନ୍ଦ୍ର ସରକାର ଅତିଶୀଘ୍ର ପ୍ରତ୍ୟାହାର ନକରନ୍ତି ତାହାହେଲେ କଂଗ୍ରେସ ସାରା ରାଜ୍ୟରେ ଏହା ବିରୋଧରେ ଜନଆନ୍ଦୋଳନ କରିବ। ଏହି ସାମ୍ବାଦିକ ସମ୍ମିଳନୀରେ ଅନ୍ୟମାନଙ୍କ ମଧ୍ୟରେ ପ୍ରଦେଶ କଂଗ୍ରେସ ମୁଖପାତ୍ର ରଜନୀ କୁମାର ମହାନ୍ତି, ଅମୀୟ ପାଣ୍ଡବ ଓ ଗଣମାଧ୍ୟମ ସଂଯୋଜକ ଶ୍ରୀ ଦୀପକ କୁମାର ମହାପାତ୍ର ଉପସ୍ଥିତ ଥିଲେ।

ସଂ ଗଚ୍ଛଧ୍ୱଂ ସଂ ବଦଧ୍ୱଂ ସଂ ବୋ ମନାଂସି ଜାନତାମ୍ ।
ଦେବା ଭାଗଂ ଯଥା ପୂର୍ବେ ସଂଜାନାନା ଉପାସତେ ।।
ସମାନୋ ମନ୍ତ୍ରଃ ସମିତିଃ ସମାନୀ ସମାନମ୍ ମନଃ ସହ ଚିତ୍ତମେଷାମ୍ ।
ସମାନଂ ମନ୍ତ୍ରମଭି ମନ୍ତ୍ରୟେ ବଃ ସମାନେନ ବୋ ହବିଷା ଜୁହୋମି ।।
ସମାନୀ ବ ଆକୂତିଃ ସମାନା ହୃଦୟାନି ବଃ ।
ସମାନମସ୍ତୁ ବୋ ମନୋ ଯଥା ବଃ ସୁସହାସତି ...
ଋଗ୍ ବେଦ ୧୦/୧୯୧-୨-୪




**ଭୁବନେଶ୍ୱର, ୨୦୨୩, ଅଗଷ୍ଟ ୮**

# ଶରତ ପୂଜାରୀ

୧୯୩୪ ମସିହା ଆଜିର ଦିନରେ ଜନ୍ମ ଗ୍ରହଣ କରିଥିଲେ ଓଡ଼ିଶାର ପ୍ରଖ୍ୟାତ ଚଳଚ୍ଚିତ୍ର ଅଭିନେତା ଶରତ ପୂଜାରୀ। ସେ ଓଡ଼ିଆ ଚଳଚ୍ଚିତ୍ର ଜଗତରେ ଜଣେ ସକ୍ରିୟ ଅଭିନେତା ଭାବେ ଅନେକ ଗୁଡ଼ିଏ ସଫଳ ଚଳଚ୍ଚିତ୍ରରେ ଅଭିନୟ କରିଯାଇଛନ୍ତି। ଅଭିନେତା ସାଙ୍ଗକୁ ସେ ଥିଲେ ଜଣେ ଉଚ୍ଚକୋଟୀର ଚିତ୍ରଶିଳ୍ପୀ। ତା'ସାଙ୍ଗକୁ ଥିଲେ ଜଣେ ସ୍ୱନାମଧନ୍ୟ ଅଧ୍ୟାପକ। ଶ୍ରୀ ଶ୍ରୀ ମହାଲକ୍ଷ୍ମୀ ପୂଜା କଥାଚିତ୍ରରୁ ଅଭିନୟ ଜୀବନ ଆରମ୍ଭ କରିବା ପରେ 'ଜୀବନସାଥୀ', 'ସାଧନା', 'କା', 'ମାଟିର ମଣିଷ', 'ଅରୁନ୍ଧତୀ' ପ୍ରଭୃତି ସିନେମାରେ ଉଲ୍ଲେଖନୀୟ ଅଭିନୟ କରି ଅଭୁଲା ଛାପ ଛାଡ଼ିଯାଇଛନ୍ତି। ତାଙ୍କ ଅଭିନୀତ 'କିଏ କାହାର' ଫିଲ୍ମ ସେତେବେଳେ ବିଭିନ୍ନ ପ୍ରେକ୍ଷାଳୟରେ ୧୦୦ ଦିନ ବ୍ୟାପୀ ଚାଲିଥିବାର ରେକର୍ଡ଼ ସୃଷ୍ଟି କରିଥିଲା। କେବଳ ଅଭିନୟ କାହିଁକି ନିର୍ଦ୍ଦେଶନା କ୍ଷେତ୍ରରେ ମଧ୍ୟ ଶରତ ପୂଜାରୀଙ୍କ ଅବଦାନ ଥିଲା ଅତୁଳନୀୟ। 'ତଅପୋଇ', 'ଅଶାନ୍ତ ଗ୍ରହ', ଏବଂ 'ଅସ୍ତରାଗ' ଭଳି କଥାଚିତ୍ରରେ ନିର୍ଦ୍ଦେଶନା ଦାୟିତ୍ୱ ବହନ କରି ଦର୍ଶକଙ୍କୁ ବେଶ ପ୍ରଭାବିତ କରିପାରିଥିଲେ। ୨୦୦୭ ମସିହାରେ 'ପୂଜା ପାଇଁ ଫୁଲଟିଏ' ଫିଲ୍ମରେ ତାଙ୍କ ଅଭିନୟ ଏତେ ଜୀବନ୍ତ ଥିଲା ଯାହାକୁ ଦର୍ଶକ ଆଜି ବି ଝୁରି ହେଉଛନ୍ତି। ଏହି ଫିଲ୍ମ


ଅନୁପମା ଭୂୟାଁ

ଜାତୀୟ ସ୍ତରରେ ବେଶ୍ ସଫଳତା ହାସଲ କରିଥିଲା। ଅଭିନୟ ମାଧ୍ୟମରେ ସିନେ ଜଗତରେ ଯେଉଁ ସୋପାନ ସେ କରିଥିଲେ, ସେଥିପାଇଁ ତାଙ୍କୁ କାଦମ୍ବିନୀ ସମ୍ମାନ, ଗୁରୁ କେଳୁଚରଣ ମହାପାତ୍ର ସମ୍ମାନ, ଜୟଦେବ ସମ୍ମାନ, ଭୂମିପୁତ୍ର ସମ୍ମାନ, ଗଣକବି ସମ୍ମାନ ତଥା ସିନେ କ୍ରିକେଟ ଆର୍ଟିଷ୍ଟ ଆସୋସିଏସନ ପୁରସ୍କାରରେ ସମ୍ମାନିତ କରାଯାଇଥିଲା। ୨୦୧୪ ମସିହା ମେ ୧୨ ତାରିଖରେ ଏହି ମହାନ ପ୍ରତିଭାଙ୍କର ଜୀବନଦୀପ ଲିଭିଥିଲା।

'ସାଇବିଥି' ୭ଡ଼ି/୧୩୫୪,
ସେକ୍ଟର-୯, ସିଡିଏ, କଟକ

# ଭୀଷ୍ମ ସାହାନୀ

ଭୀଷ୍ମ ସାହାନୀ ଜଣେ ପ୍ରସିଦ୍ଧ ହିନ୍ଦୀ ଲେଖକ, ନାଟ୍ୟକାର ତଥା କଳାକାର ଥିଲେ ଯିଏକି ବିଶେଷତଃ ନିଜର ପ୍ରସିଦ୍ଧ ଉପନ୍ୟାସ ଏବଂ ଟେଲିଭିଜନ ସ୍କ୍ରିନପ୍ଲେ 'ତାମସ' ପାଇଁ ଜଣାଶୁଣା। ଭୀଷ୍ମ ସାହାନୀଙ୍କ ଏହି ଉପନ୍ୟାସ ଭାରତ ବିଭାଜନ ଉପରେ ଆଧାରିତ ଥିଲା। ୧୯୯୮ରେ ସାହିତ୍ୟରେ ତାଙ୍କ ଯୋଗଦାନକୁ ଦେଖି ପଦ୍ମଭୂଷଣ ସମ୍ମାନରେ ସମ୍ମାନିତ କରାଯାଇଥିଲା। ୨୦୦୨ରେ ସାହିତ୍ୟ ଏକାଡ଼େମୀ ଫେଲୋସିପ୍ ପ୍ରଦାନ କରାଯାଇଥିଲା। ଏହି ପ୍ରସିଦ୍ଧ ସାହିତ୍ୟକାର ୧୯୧୫ ମସିହା ଆଜିର ଦିନରେ ରାଓ୍ୱଲପିଣ୍ଡିରେ ଜନ୍ମ ଗ୍ରହଣ କରିଥିଲେ। ଇଂରାଜୀ ସାହିତ୍ୟରେ ମାଷ୍ଟର ଡିଗ୍ରୀ ହାସଲ କରିବା ପରେ ସେ ଶିକ୍ଷକତା ଜୀବନ ଆରମ୍ଭ କରିଥିଲେ। ସେ ଏକଧାରାରେ ଜଣେ ଲେଖକ, ଅଭିନେତା, ଶିକ୍ଷକ, ଅନୁବାଦକ ଏବଂ ବହୁଭାଷୀ ଥିଲେ। ୧୯୪୨ରେ ଭାରତଛାଡ଼ ଆନ୍ଦୋଳନରେ ସାମିଲ ହେବା ପରେ ତାଙ୍କୁ ଅନେକ ବର୍ଷ ଜେଲ ଦଣ୍ଡ ଭୋଗିବାକୁ ପଡ଼ିଥିଲା। ଭାରତ ବିଭାଜନ ତାଙ୍କ ଉପରେ ଗଭୀର ପ୍ରଭାବ ପକାଇଥିଲା। ସେଥିପାଇଁ ତାଙ୍କର ଅଧିକାଂଶ ଲେଖା ଭାରତ ବିଭାଜନ ଉପରେ ପର୍ଯ୍ୟବସିତ ଥିଲା। ସାହାନୀ ନିଜ ଭାଇ ବଳରାଜଙ୍କ ପରି ଜଣେ ଖ୍ୟାତନାମା ଅଭିନେତା ଥିଲେ। ଇଣ୍ଡିଆନ ପିପୁଲ୍ସ ଥିଏଟର


ଶେଖ ଫରିଦଉଦ୍ଦିନ

ଆସୋସିଏସନରେ ଯୋଗ ଦେଇ ସ୍ୱାଧୀନ ଭାରତ ସହ ଜଡ଼ିତ ଅନେକ ନାଟକରେ ସାମିଲ ହେଲେ ଏବଂ ମଞ୍ଚ ଉପରେ ନିଜର ଅଭିନୟ ପ୍ରତିଭା ଦେଖାଇଲେ। ଏଥିପାଇଁ ତାଙ୍କୁ ପଦ୍ମଶ୍ରୀ, ପଦ୍ମଭୂଷଣ, ମଧ୍ୟପ୍ରଦେଶ କଳା ସାହିତ୍ୟ (ନାଟକ 'ହନୁଷ' ପାଇଁ) ପରିଷଦ ଆଓ୍ୱାର୍ଡ଼, ସଂଗୀତ ନାଟକ ଏକାଡ଼େମୀ ଆଓ୍ୱାର୍ଡ଼ରେ ସମ୍ମାନିତ କରାଯାଇଥିଲା। ୨୦୦୩ ମସିହା ଜୁଲାଇ ୧୧ରେ ଏହି ମହାନ କାଳଜୟୀ ପ୍ରତିଭାଙ୍କର ନିଧନ ହୋଇଥିଲା।

ଦୂରସଞ୍ଚାର ଭବନ, ଲିଙ୍କରୋଡ଼, କଟକ,
ଦୂରଭାଷ : ୯୪୩୭୦୦୪୮୮୮

# ସିକନ୍ଦର ଆଲାମ୍ : ଆଧୁନିକ ଓଡ଼ିଶାର ସାଲବେଗ

ଜଣେ ମୁସଲମାନ ହୋଇଥିଲେ ମଧ୍ୟ ଜଗନ୍ନାଥଙ୍କ ଭଜନକୁ ଅତି ଭକ୍ତିର ସହ ଗାଇଥିବା ଓଡ଼ିଆ କଣ୍ଠଶିଳ୍ପୀ ହେଉଛନ୍ତି ସିକନ୍ଦର ଆଲାମ। ତାଙ୍କ ପୁରା ନାଁ ହେଉଛି ମହମ୍ମଦ ସିକନ୍ଦର ଆଲାମ। ୧୯୩୯ ମସିହା ଜୁଲାଇ ୨୭ ତାରିଖ ଆଜିର ଦିନରେ କଟକର ବୟାଳିଶି ମୌଜାର ରାଉତରାପୁର ଠାରେ ତାଙ୍କ ଜନ୍ମ। ଆଧୁନିକ ଓଡ଼ିଶାର ସାଲବେଗ ଭାବେ ସେ ପ୍ରଖ୍ୟାତ। କଟକସ୍ଥିତ ଖ୍ରୀଷ୍ଟ କଲିଜିଏଟ ସ୍କୁଲରେ ପ୍ରାରମ୍ଭିକ ଶିକ୍ଷା ସମାପ୍ତ କରିବା ପରେ ସିକନ୍ଦର ଆଲାମ ଖ୍ରୀଷ୍ଟ କଲେଜରୁ ବିଜ୍ଞାନରେ ଇଣ୍ଟରମିଡ଼ିଏଟ୍ ପାସ କରିଥିଲେ। ସଂଗୀତ ପ୍ରତି ଅହେତୁକ ଭଲ ପାଇବା ଥିବା ହେତୁ ସେ ଗନ୍ଧର୍ବ ମହାବିଦ୍ୟାଳୟ ସଂଗୀତ ଶିକ୍ଷା କରିବା ପାଇଁ ଯୋଗ ଦେଇଥିଲେ। ଗୁରୁ ଗୋବିନ୍ଦ ଚନ୍ଦ୍ର ପାଲୁଶକର ଏବଂ ଉସ୍ତାଦ କୁନ୍ଦଳ ଆଦିନାରାୟଣ ରାଓଙ୍କ ଅଧୀନରେ ସେ ହିନ୍ଦୁସ୍ତାନୀ ଶାସ୍ତ୍ରୀୟ ସଂଗୀତରେ କୃତିତ୍ୱ ଲାଭ କରିବା ସହ ସଂଗୀତ ବିଶାରଦ ହାସଲ କରିଥିଲେ।

୧୯୫୭ ମସିହାରେ ମାତ୍ର ୧୮ ବର୍ଷ ବୟସରୁ ସିକନ୍ଦର ଆଲାମ ଆକାଶବାଣୀରେ ଗୀତ ଗାଇବା ଆରମ୍ଭ କରିଥିଲେ। ଭଜନ, ଜଣାଣ, ଗଜଲ, ଆଧୁନିକ ଇତ୍ୟାଦି ସଂଗୀତରେ ସେ ଦକ୍ଷତା ପ୍ରତିପାଦନ କରି ଖୁବ୍ କମ୍ ଦିନ ମଧ୍ୟରେ ଲୋକପ୍ରିୟତା ଅର୍ଜନ କରିଥିଲେ। ୧୯୬୨ ମସିହାରେ ସେ ପ୍ରଥମ ଥର ପାଇଁ ସଂଗୀତ ସୁଧାକର ବାଳକୃଷ୍ଣ ଦାସଙ୍କ ନିର୍ଦ୍ଦେଶନାରେ ନିର୍ମିତ ଚଳଚ୍ଚିତ୍ର 'ଲକ୍ଷ୍ମୀ'ରେ 'ଆରତ ଶୁଣ ବାରେ' ଗୀତରେ କଣ୍ଠଦାନ କରିଥିଲେ। ପରବର୍ତ୍ତୀ ସମୟରେ ସେ ବହୁ ଓଡ଼ିଆ ଚଳଚ୍ଚିତ୍ର ପାଇଁ କଣ୍ଠଦାନ କରିଥିଲେ। ସେ କଣ୍ଠଦାନ କରିଥିବା କେତେକ ଚଳଚ୍ଚିତ୍ର ହେଉଛି 'ଅମଡ଼ା ବାଟ', 'ଅଦିନ ମେଘ', 'ମାଣିକ ଯୋଡ଼ି', 'ମମତା', 'ସୂର୍ଯ୍ୟମୁଖୀ', ପୂଜା ଇତ୍ୟାଦି। ପତ୍ନୀ ନାଇମା ଓ କନ୍ୟା ନାଜିଆ ଆଲାମଙ୍କ ସହ ମିଶି ସେ


ନାଟ୍ୟସାରଥି ଅଭୟ କୁମାର ଦାସ

'ଆଲ୍ଲା କେ ହୁଜୁର' ନାମକ ଏକ ଆଲବମ ମଧ୍ୟ ନିର୍ମାଣ କରିଥିଲେ। ସଂଗୀତ ଦୁନିଆ ବ୍ୟତୀତ ସେ ରାଜ୍ୟ କୃଷି ବିଭାଗରେ ଜଣେ ଅଧିକାରୀ ଭାବରେ ମଧ୍ୟ କାମ କରିଥିଲେ। ସେ ଓଡ଼ିଶା ରାଜ୍ୟ ସଂଗୀତ ନାଟକ ଏକାଡ଼େମୀର ସଭାପତି ଓ ସଂଗୀତ ସୁଧାକର ବାଳକୃଷ୍ଣ ଦାସ ଫାଉଣ୍ଡେସନର ସଭାପତି ପଦବୀ ମଧ୍ୟ ଅଳଙ୍କୃତ କରିଥିଲେ। ଜୀବନ ବ୍ୟାପୀ ସଂଗୀତ ସାଧନା ଓ କର୍ମ ଚଞ୍ଚଳତା ପାଇଁ ସିକନ୍ଦର ଆଲାମଙ୍କୁ ଚିତ୍ରପୁରୀ ସମ୍ମାନ, ସୁର ସାଗର, ଧରିତ୍ରୀ ସମ୍ମାନ, ଓଡ଼ିଶା ରାଜ୍ୟ ଚଳଚ୍ଚିତ୍ର ସମ୍ମାନ, ଶ୍ରେଷ୍ଠ ପ୍ରଚ୍ଛଦପଟ ଗାୟକ, ସାଲବେଗ ସମ୍ମାନ, ଚିନ୍ତା ଓ ଚେତନା ସମ୍ମାନ, ଓଡ଼ିଶା ସଂଗୀତ ନାଟକ ଏକାଡ଼େମୀ ସମ୍ମାନ, ସରସ୍ୱତୀ ସମ୍ମାନ, ଚଳଚ୍ଚିତ୍ର ସହସ୍ରବାଦୀ ସମ୍ମାନ, ବାଣୀଚିତ୍ର ସମ୍ମାନ, ରାଜୀବ ଗାନ୍ଧୀ ସମ୍ମାନ, ସଂଗୀତଶ୍ରୀ ଆଦି ସମ୍ମାନରେ ସମ୍ମାନିତ କରାଯାଇଛି। ୨୦୧୦ ମସିହା ଅଗଷ୍ଟ ୮ ତାରିଖରେ ସିକନ୍ଦର ଆଲାମ ଇହଲୀଳା ସମ୍ବରଣ କରିଥିଲେ।

*ଗୋତରା, ମାହାଙ୍ଗା, କଟକ,*
*ଦୂରଭାଷ : ୯୪୩୭୧୪୨୭୧୭*

# ଶ୍ରୀଜଗନ୍ନାଥଙ୍କ ଶ୍ରଦ୍ଧାଳୁ ସ୍ୱର୍ଗତଃ ରବୀନ୍ଦ୍ର କିଶୋର ପତି

ଶ୍ରୀମଦ ଭାଗବତ ଗୀତାରେ ଭଗବାନ ଶ୍ରୀକୃଷ୍ଣ କହିଛନ୍ତି 'ସୁଖେ ଦୁଃଖେ ସମେ କୃତ୍ୱ ଲାଭାଲାଭୌ ଜୟଜୟଃ। ତତୋ ଯୁଦ୍ଧାୟ ଯୁଜ୍ୟସ୍ତ ନୈବଂ ପାପ ସବାପ୍ସି।।' ଅର୍ଥାତ୍ ହେ 'ପାର୍ଥ ସୁଖ ଦୁଃଖ ହାନି ଲାଭ ଜୟ ପରାଜୟକୁ ସମାନ ଜ୍ଞାନ କରି ତୁମେ ଯୁଦ୍ଧରେ ପ୍ରବୃତ୍ତ ହୁଅ, ଏପରି କଲେ ତୁମେ ପାପରେ ଭାଗୀ ହେବନାହିଁ। ଏହିପରି ଜଣେ କର୍ମଯୋଦ୍ଧା ଥିଲେ ଅମାପ ଆଧାତ୍ମିକ ଦିବ୍ୟ ବ୍ୟକ୍ତିତ୍ୱ ସ୍ୱର୍ଗତଃ ରବୀନ୍ଦ୍ର କିଶୋର ପତି। ବାଲିଘର ସହିତ ବେଳାଭୂମି ଓ ସାଗରର ସମ୍ପର୍କ ଅତି ନିବିଡ଼ ଓ ମାର୍ମିକ। ଶିଶୁର କଅଁଳହାତରେ ଗଢ଼ା ସ୍ୱପ୍ନର 'ଇମାରତ' ଏଇ ବାଲିଘର। କେତେ କ୍ଷଣିକ ଏବଂ କେତେ କ୍ଷଣଭଙ୍ଗୁର। କିନ୍ତୁ ଅବରୋଧ ଶିଶୁ ତା'ର ମନପ୍ରାଣ ଏବଂ ଅନ୍ତର ଦେଇ ତା'ପାଇଁ ଏହି ସ୍ୱପ୍ନମଖା 'ମହଲ'ଟି ଗଢ଼ିଥାଏ। ଏଇ ଆନନ୍ଦମୟ ବାଲିଘର ଗଢୁଥିଲା ବେଳେ ଏବଂ ଠିକ ଗଢ଼ା ସରିଲାପରେ ବି ସାଗରର ଉତ୍ତାଳ ଓ ଅମାପ ଢ଼େଉ ଏହି ଘରଟିକୁ ଭସେଇନିଏ। ଶିଶୁ ଶିଳ୍ପୀର ଏତେ ଶ୍ରମ, ଏତେ ସାଧନା, ଏତେ ସ୍ୱେଦ ଫରକ ପକାଏନା ସମୁଦ୍ର ପାଇଁ। ସମୁଦ୍ର ତା'ର ଧର୍ମ ପାଳନ କରେ। କିନ୍ତୁ ଅବାଧ ଶିଶୁଟି କ'ଣ କରେ? ହୁଏତ ଆଖିରୁ ଦୁଇଟୋପା ଲୁହ ଝରାଇ ପଳାୟନପନ୍ଥୀ ହୁଏ। ଆଉ କେଉଁ କ୍ଷେତ୍ରରେ ଦୁଃସାହସୀ ଶିଶୁଟି ସମୁଦ୍ରର ଉଦ୍ଦାମତାକୁ ଖାତିର ନକରି ଭଗ୍ନ ବାଲିଘରର ମୂଳଦୁଆ ଉପରେ ଗଢ଼ିଦିଏ ଆଉ ଏକ ନୂତନ ସୁନ୍ଦର ବାଲିଘର। ପୁଣି ମାଡ଼ିଆସେ ଲବଣାକ୍ତ ସମୁଦ୍ରର ବିଶାଳ ଢ଼େଉ। ବାଲିଘର ହୁଏ ପୁଣି ଧୂଳିସାତ୍। କିନ୍ତୁ ହାରମାନେନି ଏଇ ଦେବଶିଶୁଟି।

ଶ୍ରୀମଦ୍ ଭାଗବତ ଗୀତାରେ ଭଗବାନ ଶ୍ରୀକୃଷ୍ଣ ତାଙ୍କର ବାଲ୍ୟସଖା ଅର୍ଜୁନଙ୍କୁ କହିଥିଲେ – 'ଉଚ୍ଚକୂଳରେ ଜାତହେବା ଦୈବର ଅଧୀନ, କିନ୍ତୁ ପୁରୁଷାକାର ମୋର ଅଧୀନ' ସମ୍ଭବତଃ ସାମର୍ଥ୍ୟ ବାହାରେ ଥାଇ ବି ଆମର ଏଇ ଶିଶୁଟି


ଜ୍ୟୋତିର୍ମୟୀ ପତି

ପୁରୁଷାକାରକୁ ନିଜର ଅଧୀନରେ ରଖିଥିବାରୁ ନିଜ ବୃତ୍ତି ଓ କୃତିରେ ଚରିକାଳ ବିଜୟୀ ହୋଇଥିଲେ, ମହାଭାରତର ବିଜୟୀ ବୀର କର୍ଣ୍ଣଙ୍କ ଭଳି। ଜୀବନର ପ୍ରତିଟି କ୍ଷେତ୍ରରେ ସେ ନିଜକୁ ଶ୍ରେଷ୍ଠତାରେ ପରିପୂରଣ କରିଛନ୍ତି। ଗଣକବି ବୈଷ୍ଣବ ପାଣିଙ୍କ ଏକ ଲେଖନୀରୁ ଏକଦା ଝରି ଆସିଥିଲା – 'ଯାହା କରିଗଲେ ଭାବିବ ଦୁନିଆ ତାହା ଯାଉଥାଅ କରି, ତୋହ ମଲାପରେ କାନ୍ଦିବେ ସରବେ ନୟନୁ ବୁହାଇ ବାରି।' ଜଗନ୍ନାଥଙ୍କ ପରମ ଶ୍ରଦ୍ଧାଳୁ ଭାବେ ସେ ନିଜ ମୂଳକରେ ପ୍ରତିଷ୍ଠା କରିଥିଲେ ମହାପ୍ରଭୁ ଶ୍ରୀଜଗନ୍ନାଥଙ୍କ ମନ୍ଦିର ସହିତ ବିଭିନ୍ନ ଦେବାଳୟ। ତାଙ୍କ ପାଇଁ ଶ୍ରଦ୍ଧାଞ୍ଜଳୀ ସମର୍ପିତ ଭକ୍ତି ନୈବେଦ୍ୟଟି ହେଉଛି –

''କାଳର କରାଳ ସ୍ରୋତେ ଭାସିଗଲ, ଆଉ କି ଫେରିବ ତୁମେ। ବୁଣି ଦେଇଗଲ ଜୀବନର ମନ୍ତ୍ର, ସାଇତି ରଖିବୁ ଆମେ।। ସେଇତ ଜୀବନ ସିଏତ ମଣିଷ, ପର ପାଇଁ ଯିଏ ବଞ୍ଚେ। ନିଇତି ସକାଳୁ ପୁଞ୍ଜା ପୁଞ୍ଜା ଖୁସି, ଜଗତ ପାଇଁ ସେ ସଞ୍ଚେ।। ଯେଉଁଠି ବି ଅଛ ଭଲରେ ତ ଥିବ, ଏ କଥା ଜାଣନ୍ତି ସର୍ବେ। ଅମର ଆତ୍ମାର ସଦଗତି ତୁମ, କାମନା କରୁଛୁ ଆମେ।। ନିରାଶାରୁ ଆଶା ଆଶାରୁ ଆଲୋକ, ଆଲୋକରୁ ଜ୍ୟୋତି ଆସେ। ସେଇ ଜ୍ୟୋତି ଦିନେ ଏହି ଘଟ ଛାଡ଼ି, ପରଂବ୍ରହ୍ମ ଠାରେ ମିଶେ।। ରବିରୁ ରବିନ୍ଦ୍ର କିର୍ତ୍ତୀରୁ କିଶୋର, ପତିରୁ ପତିତପାବନ। ଆଜିବି ଶୁଭୁଛି ମନ୍ଦିର ବେଢ଼ାରେ, ତୁମର କଣ୍ଠର ସ୍ୱନ।।''

ଜୀବନ ଭିତରେ ଯେଉଁ ଯଶ ଓ କୀତିର ଅଧିକାରୀ ହୋଇଛନ୍ତି ନିଜ ଆତ୍ମାର ସଦ୍‌ଗତି ପାଇଁ ସେ ନିଜେ ଜୀବନ କାଳ ମଧ୍ୟରେ ପଥ ପରିଷ୍କାର କରିଦେଇ ଯାଇଛନ୍ତି। ଏ ମର ଶରୀର ନଷ୍ଟ ହେଲେ ବି ସେ ନିଜେ ଅତ୍ୟନ୍ତ ଆନନ୍ଦରେ ଭଗବାନଙ୍କ ପାଖକୁ ଚାଲିଯାଇଛନ୍ତି। ଶ୍ରୀ ସତ୍ୟସାଇ ବାବାଙ୍କ ଏକ ବାଣୀ ଯାହାର ଭାଷାନ୍ତର ହେଉଛି 'ପୃଥିବୀରେ ଗୋଟିଏ ଭାଷା ଅଛି, ତାହା ହେଉଛି ହୃଦୟର ଭାଷା।' ଏଭଳି ଜଣେ ଯଶକୀର୍ତ୍ତିର ଅଧିକାରୀଙ୍କୁ ମୃତ୍ୟୁ କ'ଣ କେବେ ଛୁଇଁପାରେ ବରଂ ସେ ମୃତ୍ୟୁକୁ ଛୁଇଁ ଦେଇଛନ୍ତି ଓ ସବୁଦିନ ପାଇଁ ଅମର ହୋଇ ରହିଯାଇଛନ୍ତି, କେବଳ ମୃତ୍ୟୁ ହିଁ ମରିଛି। ଓଁ ଶାନ୍ତିଃ ଶାନ୍ତିଃ ଶାନ୍ତିଃ।

ସେକ୍ଟର-୯, ସିଡିଏ, କଟକ

# ଅଗ୍ନୀଜିବୀ ଅଗ୍ନୀ ଜିବୀ

ଅଗ୍ନୀଜିବିରେ ପ୍ରଥମ ଗଣତି ପୁରୋହିତ ବ୍ରାହ୍ମଣମାନେ ଯଜ୍ଞ, ହୋମ ଏସବୁ ଅଗ୍ନୀ ସମ୍ବନ୍ଧ କାର୍ଯ୍ୟ, ଗୃହ ଆରମ୍ଭ, ଗୃହ ପ୍ରବେଶ, ବିବାହ, ବ୍ରତ ଏସବୁରେ ଅଗ୍ନୀର ପ୍ରକ୍ରିୟା ଅଛି। ଏପରିକି ହିନ୍ଦୁଜନ ମୃତ୍ୟୁ କାଳରେ ଅଗ୍ନୀଦାହ କ୍ରିୟ ଅଛି। ଏହାପରେ ଶୁଦ୍ଧିକ୍ରିୟା, ଘାଟକର୍ମରେ ଅଗ୍ନୀର କାର୍ଯ୍ୟ, ଦଗ୍ଧହାଣ୍ଡି ବାଡ଼ିଆରେ, ବିପ୍ରତଦ୍ଧାବଧାନରେ ଏସବୁ କାର୍ଯ୍ୟ ସମ୍ପାଦନ ହୁଏ। ପୁଣି ଶୁଦ୍ଧିର ଶେଷ ଦିନ ଗୃହରେ ହୋମ ହୁଏ। ଏଠାରୁ ଆଗ୍ନୀ ଯାଇ ରୋଷେଇ ଶାଳରେ ଘିଅ ହାଣ୍ଡି ରୋଷେଇ ହୁଏ। ଯାହା ଏହାର ଭୋଜନରେ ଶୁଦ୍ଧି ହୋଇଗଲା ବୋଲି ଧରାଯାଏ। ଗୃହରୁ ଶ୍ମଶାନକୁ ଶବ ଗଲାବେଳେ ଗୃହରୁ ଅଗ୍ନୀ ନିଆଯାଇଥାଏ। ଏ କ୍ରାବ ଅଗ୍ନୀଦୋଷରେ ଥାଏ। ଏହି ଶୁଦ୍ଧି ଦିନ ପୁଣି ଶୁଦ୍ଧଅଗ୍ନୀ ବ୍ରାହ୍ମଣମାନେ କରନ୍ତି।

ପୂର୍ବେ ରୋଷେଇ ଜାତିଆଣ ଭୋଜିରେ ସ୍ୱଜାତିର ବ୍ୟକ୍ତିମାନେ କରୁଥିଲେ ଏହା ଏତେ ସୁସ୍ୱାଦୁ ହେଉନଥିଲା, ହେଲେ ପରେ ବ୍ରାହ୍ମଣ ରୋଷେଇ ଧରାଯିବା ମାର୍ଗ ଆସିଲା, ଯାହାକୁ ସମସ୍ତେ ଭୋଜନରେ ବାଧା ରହିଲା ନାହିଁ। ରୋଷେଇଆ ନନାଙ୍କର କାମ ଅଗ୍ନୀରେ ସେମାନେ ଅଗ୍ନୀଜିବି। ବର୍ଷରେ ଥରେ ଗ୍ରାମରେ ଅଗ୍ନୀ ଉତ୍ସବ ପର୍ବ କରାଯାଏ। ଏଥିପାଇଁ କୌଣସି ପ୍ରସ୍ତର ଘର୍ଷଣରୁ ନିଆଁ କମାର ଘରୁ ପ୍ରତି ଗୃହସ୍ଥ ସଂଗ୍ରହ କରି କରିଆରେ ଘରେ ରଖି ସନ୍ଧ୍ୟାକୁ ଜାଳେଣୀ ସହିତ ସେ କରିଆକୁ ନେଇ ସମୂହ ପୂଜା କରି ସ୍ଥପିକୃତ ଜାଳେଣୀରେ ପୁରୋହିତ ବ୍ରାହ୍ମଣଙ୍କ ଦ୍ୱାରା ଅଗ୍ନୀପୂଜା କରି ଅଗ୍ନୀ ସଂଯୋଗ କରାଯାଏ। ଏପରି ଭିନ୍ନ ଏକ ଅଗ୍ନୀପୂଜା ଦୋଳ ପୂର୍ଣ୍ଣିମାରେ ମେଣ୍ଢା, କୁଡ଼ିଆ, ପୋଡ଼ ସେହି ବ୍ରାହ୍ମଣଙ୍କ ପୌରହିତ୍ୟରେ କରାଯାଏ। ପ୍ରତି ମନ୍ଦିରରେ ପାକକର୍ମ ଦେବ ପ୍ରସାଦ ପ୍ରସ୍ତୁତ ବ୍ରାହ୍ମଣଙ୍କ ଦ୍ୱାରା ହିଁ କରାଯାଏ। ଏକ ଅଗ୍ନୀଜିବି କମାର ସେ ଲୁହାରୁ ଅନେକ ପ୍ରକାର ଦ୍ରବ୍ୟ ଏଇ ଅଗ୍ନୀ ମାର୍ଫତ ଗରମ କରି କରିଥାନ୍ତି। ପୂର୍ବରୁ କୁହାଯାଇଛି ଅଗ୍ନୀ ଭସ୍ମକରେ ତାଙ୍କର ଘର୍ଷଣରୁ ଅଗ୍ନୀ ନେଇ କାର୍ଯ୍ୟ କରାଯାଏ। କୁମ୍ଭାରମାନେ ଅଗ୍ନୀଜିବି ତାଙ୍କ ଉହାରେ କଞ୍ଚା ହାଣ୍ଡି ମାଠିଆ ପଲମ ଘଡ଼ି କଳସୀ ପ୍ରସ୍ତୁତ କରି ପୋଡ଼ିବା ଦେଖାଯାଏ। ଧୋବାମାନେ ଅଗ୍ନୀଜିବୀ ଗ୍ରାମର ମହଲଲୁଚାକୁ ଜଳରେ ଖାର ବା ସୋଡ଼ାରେ ସିଝାଇ ଜଳରେ ଏକ ବିରାଟ ଚୁଲିରେ କରିଥାନ୍ତି। ଧୋବା ଲୁଗା ଛୁଆଁ ନୁହେଁ ବ୍ୟବହାର ଯୋଗ୍ୟ। କଂସାରୀମାନେ ଅଗ୍ନୀଜିବୀ କମାରଙ୍କ ପରି ତାଙ୍କର ଶାଳଘର ଅଛି ସେଠାରେ ସେମାନେ ଧାତୁ ତରଳାଇ ବିଭିନ୍ନ ଛାଞ୍ଚରେ ପକାଇ ହାଣ୍ଡି ହଣ୍ଡା ଥାଳି, ଗରା, ତାଟିଆ, ହାତଘଣ୍ଟା ଘଣ୍ଟ ତିଆରି କରିଥାନ୍ତି। ସୁନାରୀ ବଣିଆଁମାନେ ଅଗ୍ନୀଜିବୀ। କଂସାରୀଙ୍କ ପରି ବଡ଼ଶାଳ ଘର ନହେଲେ ବି ଛୋଟ କୁଣ୍ଡରେ ଅଙ୍ଗାର ରଖି ଅଗ୍ନୀ ସଂଯୋଗ କରି ସୁନା, ରୂପା, ଖର୍ପର, ତମ୍ବା ତରଳାଇ ବିଭିନ୍ନ ଅଳଙ୍କାର ପତ୍ର ପ୍ରସ୍ତୁତ କରନ୍ତି। ଶଙ୍ଖାରୀମାନେ ଯଉ ଲାଖରୁ ନାରୀଙ୍କ ପ୍ରସାଧନ ଶଙ୍ଖାଚୂଡ଼ି ପ୍ରସ୍ତୁତ ଅଗ୍ନୀରେ ଲାଖ ତରଳାଇ କରନ୍ତି। ଅତଏବ ଏବି ଅଗ୍ନୀଜିବୀ। ଚୋଲାଇ ମଦ୍ୟ, ହାଣ୍ଡିଆ ଏପରିକି ବିଲାତି ମଦ୍ୟ ବିନା ଅଗ୍ନୀରେ ହୋଇନପାରେ। ଏସବୁରେ ଲାଗି ରହୁଥିବା ବୃତ୍ତିଧାରୀମାନେ ଅଗ୍ନୀଜିବୀ। କେଉଟଙ୍କ ଗୃହରେ ଚୁଡ଼ା, ହୁଡୁମ୍ବ ପ୍ରସ୍ତୁତ ହୁଏ। ଏସବୁ ଭଜା ଧାନ ନହେଲେ ହୁଏନାହିଁ। ଏ ସମୟରେ ଚୁଡ଼ା ପ୍ରସ୍ତୁତ ମେସିନରେ ଏପରି ଅଗ୍ନୀ କ୍ରିୟା ଅଛି। ଗୁଡ଼ିଆଘର ମିଠା ପ୍ରସ୍ତୁତ ଉଖୁଡ଼ା ମୁଢ଼ିଭଜା ମୁଆଁ ଲଡୁ ପ୍ରସ୍ତୁତ ସେଓଗାଣ୍ଠିଆ, ଭୁଜିଆ ପ୍ରସ୍ତୁତ ବିନା ଅଗ୍ନୀରେ ସମ୍ଭବ ନୁହଁ। ଅତଏବ କେଉଟ, ଗୁଡ଼ିଆ ଅଗ୍ନୀଜିବୀ। ଗୋପାଳମାନେ ଅଗ୍ନୀଜିବୀ ଗୋଦୁଗ୍ଧକୁ ଦୋହନ କରି ତାକୁ ଏକତ୍ର କରିବାପରେ ଗରମ କରି ଗରମ ଦୁଗ୍ଧ କରି ବିକ୍ରୟ କରନ୍ତି, ସେପରି ବସାଇ ବସାଦହି କରିବା, ବସାଦହିରୁ ଦହି, ଦହିରୁ ଲହୁଣୀ ଅଲଗା ପରେ ଦହିକୁ ଗରମ କରି ଦହିଛେନା କରିବା ଓ ଲହୁଣୀକୁ ମାରି ଘୃତରେ ପରିଣତ ଅଗ୍ନୀଜିବୀ ବୃତ୍ତିର ଏକ ମାର୍ଗ। ଦିଅଁଙ୍କ ପାଇଁ କେଉଟଙ୍କ ଚୁଡ଼ା ଗୁଡ଼ିଆଙ୍କ ମିଠା ଉଖୁଡ଼ା ଗଉଡଙ୍କର ସ୍ୱର୍ଣ୍ଣ ଦ୍ରବ୍ୟ ବିନାଦ୍ୱିଧାରେ ଭୋଗରେ ଲାଗୁଛି। ବ୍ରାହ୍ମଣମାନେ ଭୋଜନ ବାରଣରେ ଏହାକୁ ଧରନ୍ତି ନାହିଁ। ଘିଅ ନହେଲେ ଅଗ୍ନୀ ହୋତ୍ର ହୋଇନପାରେ।


ଉତ୍କଳାନନ୍ଦ ଅଜୟ କୁମାର ବେହେରା

ଆଖୁଚାଷୀ କୃଷକ ଅଗ୍ନୀଜିବୀ ପୂର୍ବେ ଆଖକୁ କୋଲିଆ ପକାଇ ଗୁଡ଼ ରନ୍ଧା ଯାଉଥିଲା। ବର୍ତ୍ତମାନ ଗୁଡ଼ ବ୍ୟବହାର ବହୁ କ୍ଷେତ୍ରରେ ଅଭାବ, ଚିନିରେ କାର୍ଯ୍ୟ ଚଳାଉଛି। ଗୁଡ଼ ନହେଲେ ଚିନା ବା ଶକ୍କାରୀ ମଦ୍ୟ ତିଆରି ହୋଇନପାରେ। ପୂର୍ବେ ଘରକୁ ଉଖୁଡ଼ା ସୁଆଁ ଫେରା ହାଣି ଗୁଡ଼ରୁ ତିଆରି ହୋଇଯାଉଥିଲା। ତାହା ଏବେ ନାହିଁ। ଚାଷୀ ଚାଉଳ ବିକ୍ରୟ କାରୀ, କଣ୍ଡା ତାଙ୍କର ବଳଦ ଗାଈଙ୍କ ଖାଦ୍ୟ ପାଇଁ ରଖୁଥିଲେ। ଧାନ ଉସେଇଲେ ହିଁ ଉସୁନା ଚାଉଳ ଅତଏବ ଏପରି ଚାଷୀ ହିଁ ଅଗ୍ନୀଜିବୀ। ଅନେକ ଇଟା ଭାଟି କରନ୍ତି। ମାଟିର ଇଟାକୁ ପୋଡ଼ିବା ପାଇଁ ଇଟାଭାଟି ଖଞ୍ଜାଳୀ ଓ ତହିଁରେ ଅଗ୍ନୀ ସଂଯୋଗ କାରିଗରୀ ଜ୍ଞାନଥିବା ଲୋକ ଅଗ୍ନିଜୀବୀ। ଏମାନେ ଭିନ୍ନ ଭିନ୍ନ ଧର୍ମ ଜାତିର ହୋଇପାରନ୍ତି। ବାଣ ପ୍ରସ୍ତୁତକାରୀମାନେ ବାଣୁଆମାନେ ଅଗ୍ନିଜିବୀ ହୋଇଥାନ୍ତି। ଏବେ ରକେଟ ମହାକାଶ ଯାନକୁ ଗଲେ ତହିଁରେ ଅଗ୍ନୀ ସଂଯୋଗର ଧୁରୀଣ ବ୍ୟକ୍ତି ଅଗ୍ନୀ ସଂଯୋଗ କରୁଛନ୍ତି ଏମାନେ ଅଗ୍ନୀଜିବୀ। ଅନେକ କୁଚକ୍ରୀ ଲୋକ ଘରେ କୌଣସି ଲୋକ ପ୍ରରୋଚନାରେ ଅଗ୍ନୀ ସଂଯୋଗ କରି କିଛି ପଇସା ପାଆନ୍ତି, ଏମାନେ ବି ଅଗ୍ନୀଜିବୀ। ଏପରି ଏବେ ଅନେକ ପ୍ରକାର ଅଗ୍ନିଜିବୀ ଦେଖିବାକୁ ମିଳୁଛନ୍ତି। କିନ୍ତୁ ଋଷିକୃତ ପରମ୍ପରାରେ ବ୍ରାହ୍ମଣ ପୁରୋହିତମାନେ ସାତ୍ତ୍ୱିକ ବୃତ୍ତିର ଅଗ୍ନିଜିବୀ ଅଙ୍ଗାରରୁ ଜଣାଯାଏ ଅଗ୍ନୀପୂଜାର ଆଚାର୍ଯ୍ୟ ଅଙ୍ଗୀରାଙ୍କ କଥା ସେ ସପ୍ତର୍ଷିଙ୍କ ମଧ୍ୟରୁ ଜଣେ କିଛି ଲୋକ ନାମ ଅଗ୍ନୀ ମାତ୍ର ଲୋକାଚାରରେ ତାଙ୍କୁ ଅଗଣୀ ଡକାଯାଏ। ଅଗ୍ନିବେଶ ବୋଲି ଆୟୁର୍ବେଦ ଶାସ୍ତ୍ର ପ୍ରଣେତା ଅଛନ୍ତି। ଅଗ୍ନୀକୁ ଛାଡ଼ି ହିନ୍ଦୁ ସଂସ୍କୃତି ନାହିଁ। ଫାରସୀମାନେ ଅଗ୍ନୀ ଅଗ୍ନୀପୂଜକ। ଏମିତି କେଉଁ ଧର୍ମ ନାହିଁ ଧୂପ ଧୂଆଁ ବର୍ଜିତ। ଧୂପକାଠି ସବୁଧର୍ମରେ ପ୍ରଚଳନ ଅଛି। ଘରେ ଘରେ ଅଗ୍ନୀ ଦ୍ୱାରା ରୋଷେଇ କାର୍ଯ୍ୟ ସବୁ ମାଆ ଭଉଣୀମାନେ ନିଶ୍ଚେ ଅଗ୍ନୀଜିବୀ ଏମାନେ ଚେଷ୍ଟାଦ୍ୱାରା ଭଲ ସୁଆଦିଷ୍ଟ ଅନ୍ନ ବ୍ୟଞ୍ଜନ ପ୍ରସ୍ତୁତ କରି ଖୋଇପାରନ୍ତି। ଖାଇବି ପାରନ୍ତି।

*ବରେଣ୍ୟ ବାଣୀ' ପିସି ସରକାର ଲେନ୍,*
*ଅରୁଣୋଦୟ ମାର୍କେଟ, କଟକ,*
*ଦୂରଭାଷ : ୯୪୩୭୦୩୧୨୫୩*

# ଯନ୍ତ୍ରଯୁଗର ଭୟାବହତା

'ସେ କାନ୍ଦି ପାରିଲା ନାହିଁ ସତ, କିନ୍ତୁ କାନ୍ଦ କାନ୍ଦ ହୋଇ ଭାବିଲା, ସେଦିନ ଯାଇଥିଲି କୋଦଳା ସଭାକୁ । କିଏ କହୁଥିଲେ କଳ ଜିନିଷଠୁଁ ହାତ ଜିନିଷ ଭଲ । ତା' ହେଲେ ମୋଟର କଳଠୁଁ କ'ଣ ମୋ ଶଗଡ଼ ଭଲ ନୁହେଁ ? ଏତେ ଲୋକ ତ ସଭାରେ ବସି ଶୁଣୁଥିଲେ, ସେମାନେ କ'ଣ ମୋ ଦୁଃଖ ବୁଝିବେ ନାହିଁ ? କର୍ମୀ ନ ବୁଝିଲେ ଯିବି ଗାନ୍ଧୀଙ୍କ ପାଖକୁ । ଦରିଦ୍ରର ସାଥୀ ସେ, ଗରିବଙ୍କ ବନ୍ଧୁ ସେ, କ'ଣ କହିବେ ମାଗୁଣି ମରିଯାଉ, ଆଉ ଏ ସିଂହେ ବଞ୍ଚନ୍ତୁ ?' ଗୋଦାବରୀଶ ମହାପାତ୍ରଙ୍କ କାଳଜୟୀ ଗଳ୍ପ 'ମାଗୁଣିର ଶଗଡ଼'ର ଏ କେଇଧାଡ଼ି ମନେପକେଇଦିଏ ଯନ୍ତ୍ରଦାନବର ଆବିର୍ଭାବରେ ମାଗୁଣିମାନଙ୍କ ମୃତ୍ୟୁର କରୁଣ କାହାଣୀ ଏବଂ ଚେତେଇଦିଏ, ପୁରୁଣା ଚଳଣୀର ମୂଳୋତ୍ପାଟନ ସହ ମାଗୁଣିମାନଙ୍କର ଶବ ଉପରେ ବିଜ୍ଞାନର ଦ୍ରୁତ ଅଗ୍ରଗତି ଓ ନୂତନ ଆବିଷ୍କାର କଥାକୁ। ଏକ୍ଷେ ଖେଳ। ବିନା କମ୍ପ୍ୟୁଟରରେ ଆଜି କାଲି କୌଣସି କାର୍ଯ୍ୟ ସମ୍ଭବ ନୁହେଁ ଯେମିତି । ସୂଚନା ଓ ପ୍ରଯୁକ୍ତି ବିଦ୍ୟାର ଦ୍ରୁତ ବିକାଶ ଓ ସମ୍ପ୍ରସାରଣ ଫଳରେ ଏବର ମଣିଷ ସମାଜ ଯେଉଁ ସମୟରେ ସମ୍ପୂର୍ଣ୍ଣ ଭାବେ ଏକ ଡିଜିଟାଲ ଦୁନିଆରେ ସମୟ ଅତିବାହିତ କରୁଛି ବା ପରୋକ୍ଷରେ କରିବା ପାଇଁ ବାଧ୍ୟ ହେଉଛି, ସେତିକିବେଳେ ବିଜ୍ଞାନର ଏକ ଅଭିନବ ନବଜାତକ ଆର୍ଟିଫିସିଆଲ ଇନ୍‌ଟେଲିଜେନ୍ସ ବା କୃତ୍ରିମ ବୁଦ୍ଧିମତା (ଏଆଇ), ସମୟ ସହ ତାଳ ଦେଇ ଡିଜିଟାଲ ବିକାଶଧାରାକୁ ଆଉ କେଇପାଦ ଆଗେଇନେବାରେ ସକ୍ଷମ ହେବା ସହ ସମ୍ପୂର୍ଣ୍ଣ ଜୀବଜଗତର ଜୀବନଧାରାକୁ ତୀବ୍ର ବେଗରେ ପ୍ରଭାବିତ କରିବାକୁ ତତ୍ପର। ଏହି ପରିପ୍ରେକ୍ଷୀରେ ଏଆଇର ଭଲମନ୍ଦ ଦିଗ ଉପରେ ଏକ ବିଶ୍ଳେଷଣାତ୍ମକ ଆଲୋଚ୍ନା ଜରୁରୀ ମନେହୁଏ।

ଷାଠିଏ ଦଶକରୁ ଏକ ପାଠ୍ୟକ୍ରମ ହିସାବରେ ଆରମ୍ଭ ହେଇଥିବା ଏଆଇ ଅନେକ ଗବେଷଣା, ସମାଲୋଚ୍ନା, ଘାତପ୍ରତିଘାତ ଓ ଉତ୍ଥାନପତନ ଦେଇ ଶେଷରେ ଏକବିଂଶ ଶତାବ୍ଦୀର ପ୍ରାରମ୍ଭରେ କମ୍ପ୍ୟୁଟର ବିଜ୍ଞାନ, ମନସ୍ତତ୍ତ୍ୱ, ଭାଷା ବିଜ୍ଞାନ ଓ ଦର୍ଶନ ଶାସ୍ତ୍ର ଭଳି ଅଧିକାଂଶ କ୍ଷେତ୍ରରେ ସଫଳତାର ସ୍ୱାଦ ଚାଖିବାକୁ ସକ୍ଷମ ହୋଇଛି। ମନୁଷ୍ୟ ବା ପ୍ରାଣୀର ପ୍ରାକୃତିକ ବୁଦ୍ଧିମତାର ବିପରୀତରେ କମ୍ପ୍ୟୁଟର ଦ୍ୱାରା ପ୍ରଦର୍ଶିତ କୃତ୍ରିମ ବୁଦ୍ଧିମତା ବା ଏଆଇ କୌଣସି କଥାକୁ ଅନୁମାନ କରି ଶିଖିବା, ବିଚାରକରିବା, ଜ୍ଞାନ ପ୍ରଦର୍ଶନ, ଯୋଜନା, ଶିକ୍ଷା, ପ୍ରାକୃତିକ ଭାଷା ପ୍ରକ୍ରିୟାକରଣ, କୌଶଳକ୍ରମେ କୌଣସି ବସ୍ତୁ ବା ଜୀବର ଚେହେରା ଓ ସ୍ୱର ପରିବର୍ତ୍ତନ କରିବାର ବ୍ୟାପକ କ୍ଷମତା ରଖେ। ଏଆଇ ଆପଗୁଡ଼ିକ ମଧ୍ୟରେ ଗୁଗୁଲ ସର୍ଚ୍ଚ ଭଳି ଅତ୍ୟାଧୁନିକ ସର୍ଚ୍ଚ ଇଂଜିନ, ୟୁଟ୍ୟୁବ୍, ଆମାଜନ, ନେଟଫ୍ଲିକ୍ସ ଦ୍ୱାରା ବ୍ୟବହୃତ ଅନୁମୋଦିତ ବ୍ୟବସ୍ଥାସମୂହ, ମଣିଷର ଭାଷା ଓ ନିର୍ଦ୍ଦେଶକୁ ବୁଝିପାରୁଥିବା ସିରି, ଆଲେକ୍ସା ଓ ଚ୍ୟାଟ ଜିପିଟି ଭଳି ରଚ୍ନାତ୍ମକ ଉପକରଣ ଆଦି ଅନ୍ତର୍ଭୁକ୍ତ। 'କାର୍ଯ୍ୟକ୍ଷେତ୍ରରେ ଜେନେରେଟିଭ୍ ଏଆଇ' ଉପରେ ଏପ୍ରିଲ ୨୦୨୩ରେ ପ୍ରକାଶ ପାଇଥିବା କେମ୍ବ୍ରିଜର ମାସାଚୁଟ୍ସ ଇନଷ୍ଟିଚ୍ୟୁଟ ଅଫ ଟେକନୋଲୋଜି ତରଫରୁ ୫୧୭୯ ଜଣ ଗ୍ରାହକ ସହାୟତା ଏଜେଣ୍ଟମାନଙ୍କୁ ନେଇ ହୋଇଥିବା ଏକ ସର୍ବ ?କ୍ଷଣରୁ ଜଣାପଡିଛି ଯେ ଏଆଇ ଉପକରଣର ବ୍ୟବହାର ଯୋଗୁଁ ପ୍ରତି ଘଣ୍ଟାର ହାରାହାରି ସମସ୍ୟା ସମାଧାନ ଅନୁଯାୟୀ କର୍ମଚ୍ୱାରୀମାନଙ୍କର କାର୍ଯ୍ୟଦକ୍ଷତା ୧୪ ପ୍ରତିଶତ ବୃଦ୍ଧି ପାଇବା ସହ ଗ୍ରାହକ ସନ୍ତୁଷ୍ଟିକୁ ପ୍ରୋତ୍ସାହିତ କରିବାରେ ସକ୍ଷମ ହେଇପାରିଛି। ଅନୁଭୂତିହୀନ ଅଣକୁଶଳୀ ବା ସ୍ୱଳ୍ପକୁଶଳୀ କର୍ମଚ୍ୱାରୀଙ୍କ ଉପରେ ଏଆଇ ବେଶୀ ପ୍ରଭାବ ପକାଇଥିଲା ବେଳେ ଅନୁଭୂତିସମ୍ପର୍ଣ୍ଣ କୁଶଳୀ କର୍ମଚ୍ୱାରୀଙ୍କ ଉପରେ ନଗଣ୍ୟ ପ୍ରଭାବ ପକେଇଛି। ସେହିଭଳି ପଚ୍ୱାଶଟି କମ୍ପାନୀର କର୍ମଚ୍ୱାରୀଙ୍କୁ ନେଇ ଆମେରିକାରେ କରାଯାଇଥିବା ଆଉ ଏକ ସର୍ବ ?କ୍ଷଣରୁ ଜଣାପଡିଛି ଯେ ଏଆଇ ୭୦ ପ୍ରତିଶତ କର୍ମଚ୍ୱାରୀଙ୍କୁ ଦ୍ରୁତ କାର୍ଯ୍ୟଦକ୍ଷ କରିପାରିଛି। ୩୨ ପ୍ରତିଶତ କର୍ମଚ୍ୱାରୀଙ୍କ ମତାମତ ଅନୁଯାୟୀ ଏହା ଆସନ୍ତା ପାଞ୍ଚ ବର୍ଷ ମଧ୍ୟରେ ଅଧିକ ଲାଭପ୍ରଦ ହେବ। ବିଶ୍ୱସ୍ତରୀୟ ଗବେଷଣା ମଧ୍ୟ ଏଆଇର ଭବିଷ୍ୟତ ନେଇ ଖୁବ ଆଶାବାଦୀ। ଇଂଲଣ୍ଡର ପ୍ରାଇସଓ୍ୱାଟରହାଉସକୁପର୍ସ ଇଣ୍ଟରନେସନାଲ ଲିମିଟେଡ଼ ତରଫରୁ କରାଯାଇଥିବା ଗବେଷଣା ମୁତାବକ ଏଆଇ ପ୍ରଯୁକ୍ତିବିଜ୍ଞାନର ଦ୍ରୁତ ଅଗ୍ରଗତି ଫଳରେ ୨୦୩୦ ସୁଦ୍ଧା ସମଗ୍ର ବିଶ୍ୱର ଜିଡିପି ୧୪ ପ୍ରତିଶତ ବୃଦ୍ଧି ପାଇ ୧୫.୭ ଟ୍ରିଲିଅନ ଡଲାରରେ ପହଞ୍ଚିବ। ଦ୍ରବ୍ୟର ବିବିଧତା ପ୍ରୋତ୍ସାହିତ ହେବାରୁ, ମୋଟ ଅର୍ଥନୈତିକ ଲାଭର ୪୫ ପ୍ରତିଶତ ଏଆଇ ଦ୍ୱାରା ହିଁ ସମ୍ଭବ ହେବ। କେବଳ ଏତିକି ନୁହେଁ, ବିଶେଷ ଆଲଗାରିଦିମର ପ୍ରୟୋଗରେ ଏହା ଅପରାଧ ଓ ଦୁର୍ନୀତି ରୋକିବାରେ ମଧ୍ୟ ସହାୟକ ହେବ।

ମାନବୀୟ ବୁଦ୍ଧିମତାର ନକଲ କରିବା ପାଇଁ ସ୍ଥାପିତ ହୋଇଥିବା ଏହି ଏଆଇକୁ ନେଇ ଅନେକ ବାଦବିବାଦ ମଧ୍ୟ ସୃଷ୍ଟିହୋଇଛି। ଅନେକ ବୈଜ୍ଞାନିକ, ଦାର୍ଶନିକ ଓ ରାଜନୀତିଜ୍ଞଙ୍କ ମତରେ ଦିନେ ଏମିତି ଏକ ସମୟ ଆସିବ ଯେତେବେଳେ ଏଆଇ ଏଭଳି ଭାବେ ଶକ୍ତିଶାଳୀ ହେଇଯିବ ଯେ ମଣିଷ ସମାଜ ତା ଉପରୁ ନିୟନ୍ତ୍ରଣ ହରେଇବସିବ। ଯେହେତୁ ମଣିଷଟିଏ ଏଆଇକୁ ପ୍ରୟୋଗ ବା ପରିଚ୍ୱାଳିତ କରିବ, ତେଣୁ ମଣିଷ ନିଜର ଅହଂ ଉପରେ ନିୟନ୍ତ୍ରଣ ନରଖି ପାରିଲେ, ଫଳାଫଳ ଭୟାବହ ହେବାର ଯଥେଷ୍ଟ ସମ୍ଭାବନା ରହିବ। ଏମିତିକି, ଆକ୍ରମଣାତ୍ମକ


ବୃହସ୍ପତି ସାମଲ

ଏଆଇ ଜରିଆରେ ଆତଙ୍କବାଦୀ, ହିଂସା ଓ ଅପରାଧମୂଳକ କାର୍ଯ୍ୟକ୍ରମ ବେଶ ପ୍ରୋତ୍ସାହିତ ହେବ। ଏଆଇର ଯୁକ୍ତିସଙ୍ଗତ ବିଜ୍ଞତା ଓ ଦକ୍ଷତା କେବଳ ବିଶ୍ୱକଲ୍ୟାଣ ନିମିତ୍ତ ଯଦି ସଠିକ ଢଙ୍ଗରେ ପରିଚ୍ୱାଳିତ ନହେଇ ପାରିଲା, ତେବେ ଭବିଷ୍ୟତରେ ଏହା ଆଧୁନିକ ସଭ୍ୟତାକୁ ଧ୍ୱସ୍ତବିଧ୍ୱସ୍ତ କରି ମାନବସମାଜର ଅସ୍ତିତ୍ୱ ଉପରେ ଏକ ବିରାଟ ବିପଦ ସୃଷ୍ଟି କରିବା ସହ ତାର ବିଲୁପ୍ତିର କାରଣ ସାଜିବା କିଛି ବିଚ୍ୱିତ୍ର ନୁହେଁ। ରୋବର୍ଟ ଏବଂ ଏଆଇର ଅତିରିକ୍ତ ଓ ଅନାବଶ୍ୟକ ବ୍ୟବହାରରୁ ଉତ୍ପନ୍ନ କ୍ଷତିର ଆଶଙ୍କାରେ ଅର୍ଥନୀତିଜ୍ଞମାନେ ବାରମ୍ବାର ସତର୍କ କରେଇବାକୁ ବାଧ୍ୟ ହେଇଛନ୍ତି ଯେ ଯଦି ସମ୍ପୂର୍ଣ୍ଣ ରୋଜଗାର ପାଇଁ ଉପଯୁକ୍ତ ସାମାଜିକ ନୀତିନିୟମ ପ୍ରଣୟନ ନ ହୁଏ ତେବେ ଏଆଇ ବେରୋଜଗାରୀର ଏକ ପ୍ରମୁଖ କାରଣ ହେବ। ନୂତନସର୍ଜନା ନୁହେଁ ବରଂ ପୁନଃସର୍ଜନାର କ୍ଷମତା ଅଧିକ ଥିବାରୁ, ଏହାର ବହୁଳ ବ୍ୟବହାରରେ ଛାତ୍ରଛାତ୍ରୀମାନେ ନିଜର ପ୍ରାକୃତିକ ସୃଜନଶୀଳତାକୁ ହରେଇବସିବା ଅତ୍ୟନ୍ତ ସ୍ୱାଭାବିକ। ଅଧିକନ୍ତୁ, ଜେନେରେଟିଭ୍ ଏଆଇ ତାର ପୁନଃସର୍ଜନଶୀଳ କ୍ଷମତାକୁ ଅତି ଦକ୍ଷତାର ସହ ସମ୍ପାଦନ କରିପାରୁଥିବାରୁ ଏହା ଶ୍ରମ ବଜାର, ଚ୍ୱାକିରୀ ଓ ମଜୁରିକୁ ନକାରାତ୍ମକ ଭାବେ ପ୍ରଭାବିତ କରିବ। ଏଆଇର ସ୍ୱୟଂଚ୍ୱାଳିତ ପ୍ରକ୍ରିୟା ଯୋଗୁଁ କାର୍ଯ୍ୟାଳୟ ଓ ଉଦ୍‌ଯୋଗଗୁଡ଼ିକ ମଧ୍ୟରେ ପ୍ରତିଯୋଗିତା ତୀବ୍ରତର ହୋଇ ଶ୍ରମିକର ଭାଗିଦାରୀ ଯଥେଷ୍ଟ ହ୍ରାସ ପାଇବ ଯାହା ପରୋକ୍ଷରେ ମଜୁରିରେ ବୈଷମ୍ୟତା ସୃଷ୍ଟି କରିବ। ଯେଉଁମାନେ ଏଆଇ ଉପଯୋଗ ପାଇଁ ନିଜକୁ ପ୍ରସ୍ତୁତ ନ କରିପାରିବେ, ସେମାନେ ନିକୃଷ୍ଟତର ବୋଲି ବିବେଚିତ ହେବେ ଯାହା ବିଶେଷ ଭାବେ ମଧ୍ୟମ ବର୍ଗର କର୍ମଚ୍ୱାରୀଙ୍କ ମଧ୍ୟରେ ବିଭେଦ ସୃଷ୍ଟି କରି ସାମାଜିକ ସନ୍ତୁଳନକୁ ପ୍ରଭାବିତ କରିବ। ଭାରତ ଭଳି ଏକ ଜନ ବହୁଳ ରାଷ୍ଟ୍ରରେ ଏହା ଅଧିକ ଅନୁଭୂତ ହେବ। ଲେଖକ ଓ କଳାକାରଙ୍କର ବିକଳ୍ପ ଭାବେ ଜେନେରେଟିଭ୍ ଏଆଇର ସମ୍ଭାବ୍ୟ ଭୟାବହତାକୁ ଆଶଙ୍କା କରି ୨ ମେ ୨୦୨୩ରୁ ହଲିଉଡ ଚ୍ୱଳଚ୍ଚ୍ୱିତ୍ର ଉଦ୍ୟୋଗର ଲେଖକ ଓ କଳାକାରମାନେ ଧର୍ମଘଟରେ ଅଛନ୍ତି। ଜୁଲାଇ ୯, ୨୦୨୩ରେ ଓଡ଼ିଶାର ଏକ ଲୋକପ୍ରିୟ ଟେଲିଭିଜନ ଚ୍ୟାନେଲ ଭେଟିଦେଇଥିବା 'ଲିସା' ନାମ୍ନୀ ଏଆଇ ଖବର ଉପସ୍ଥାପକ ଯେ ଭବିଷ୍ୟତରେ ଭସ୍ମାସୁରର ଭୂମିକା ନନିଭାଇବ, କିଏ କହିବ।

ଯେହେତୁ ଏକପକ୍ଷରେ ବିଭିନ୍ନ କ୍ଷେତ୍ରରେ ଏଆଇର ଉପଯୋଗକୁ ଆଉ ଅଟକେଇବା ସମ୍ଭବ ନୁହେଁ ଏବଂ ଅନ୍ୟପକ୍ଷରେ ଏହା ସମାଜ, ଶ୍ରମ ବଜାର, ଅର୍ଥନୀତି, ରାଜନୀତି, ଡାଟା ନିରାପତ୍ତା, ଅପରାଧ ଓ ଜନମଙ୍ଗଳ ପାଇଁ ଭବିଷ୍ୟତରେ ଏକ ବଡ ଆହ୍ୱାନ ସୃଷ୍ଟି କରିବାକୁ ତତ୍ପର, ବିଶ୍ୱର ମଙ୍ଗଳ ପାଇଁ ତୁରନ୍ତ ଆବଶ୍ୟକୀୟ ନୂତନ ବିଧି ପ୍ରଣୟନ ବର୍ତ୍ତମାନ ସମୟର ଏକ ବିଶ୍ୱସ୍ତରୀୟ ଆବଶ୍ୟକତା ଯାହାକୁ ତ୍ୱରାନ୍ୱିତ କରିବା ପ୍ରତ୍ୟେକ ରାଷ୍ଟ୍ରର ନୈତିକ ଦାୟିତ୍ୱ ହେବା ଦରକାର। ଏହି ପରିପ୍ରେକ୍ଷୀରେ, ଆନ୍ତର୍ଜାତିକ ଶାନ୍ତି ଓ ନିରାପତ୍ତା ଉପରେ ଏଆଇର ସମ୍ଭାବ୍ୟ ଭୟାବହତାକୁ ନେଇ ୧୮ ଜୁଲାଇ, ୨୦୨୩ରେ ବ୍ରିଟେନ ଦ୍ୱାରା ଆୟୋଜିତ ଜାତିସଂଘ ନିରାପତ୍ତା ପରିଷଦର ସର୍ବପ୍ରଥମ ବୈଠକରେ ଅନେକ ବ୍ୟଗ୍ରତା ପ୍ରକାଶ ପାଇଛି। ଆଲୋଚ୍ନାରେ ଭାଗନେଇ ଅନେକ ଏଆଇ କମ୍ପାନୀର ପ୍ରତିଷ୍ଠାତାମାନେ କିଛି ମୁଷ୍ଟିମେୟ ପ୍ରଯୁକ୍ତିବିଦ୍ୟା ବିଶାରଦଙ୍କ ଦ୍ୱାରା ଏଆଇର ବ୍ୟବସାୟୀକରଣକୁ ନେଇ କ୍ଷୋଭ ପ୍ରକାଶ କରିବା ସହ ଏଆଇ ଭଳି ଏକ ନବଜାତକକୁ କୌଣସି ଅପ୍ରତ୍ୟାଶିତ ବିଶୃଙ୍ଖଳ ଆଚ୍ୱରଣ ଭିତରକୁ ଠେଲି ନଦେଇ ଆନ୍ତର୍ଜାତିକ ସମୁଦାୟ ଏହାର ସମ୍ଭାବ୍ୟ ଅପବ୍ୟବହାରକୁ ବନ୍ଦ କରିବା ପାଇଁ ମିଳିତ ଉଦ୍ୟମ ଜାରିରଖିବାକୁ ମତପୋଷଣ କରିଥିଲେ। ଆଂଥ୍ରୋପିକ ଏଆଇ କମ୍ପାନୀର ଯୁଗ୍ମ ପ୍ରତିଷ୍ଠାତା ଜ୍ୟାକ୍ କ୍ଲାର୍କ ଏ ଦିଗରେ ବିଶ୍ୱ ନିରାପତ୍ତା ସହିତ କୌଣସି ବୁଝାମଣା ନକରି ଏଆଇ ବିନିର୍ମାଣକାରୀଙ୍କ ଉତ୍ତରଦାୟୀତ୍ୱ ପ୍ରତି ସମ୍ପୂର୍ଣ୍ଣ ଯତ୍ନବାନ ରହିବାକୁ ପରାମର୍ଶ ଦେଇଥିଲେ। ଏଥିପାଇଁ, ବଜାର ଚ୍ୱାହିଦାକୁ ନଜରରେ ରଖି ନିଜ ନିଜ ଭିତରେ ପ୍ରତିଯୋଗିତା ପୂର୍ବକ କିଛି ନିର୍ଦ୍ଦିଷ୍ଟ ଘରୋଇ ସଂସ୍ଥା ଉପରେ ଏଆଇର ବିନିର୍ମାଣକୁ ଛାଡି ନଦେଇ, ସରକାରୀ ଭାବେ ପ୍ରତ୍ୟେକ ରାଷ୍ଟ୍ରର ସମ୍ମିଳିତ ତଥା ଉତ୍ସର୍ଗୀକୃତ ପ୍ରଚେଷ୍ଟା ରହିବା ଜରୁରୀ। ପରମାଣୁ ଯୁଦ୍ଧାସ୍ତ୍ର, ବାୟୋଟେକ୍ନୋଲୋଜି, ନ୍ୟୁରୋଟେକ୍ନୋଲୋଜି ଏବଂ ରୋବୋଟିକ୍ସରେ ଏଆଇର ତ୍ରୁଟିପୂର୍ଣ୍ଣ ପରିଚ୍ୱାଳନା ଯୋଗୁଁ ଉତ୍ପନ୍ନ ଭୟାବହତା ଉପରେ ବ୍ୟଗ୍ରତା ପ୍ରକାଶ କରି ଏହି ସମ୍ଭାବ୍ୟ ବିପଦରୁ ବର୍ତ୍ତମାନ ଓ ଭବିଷ୍ୟତ ପିଢିଙ୍କୁ ରକ୍ଷା ନକରି ପାରିବା ନିଜ ଦାୟିତ୍ୱରୁ ବିଚ୍ୟୁତ ହେଲା ଭଳି କଥା ବୋଲି ଜାତିସଂଘର ମହାସଚ୍ୱିବ ଆଣ୍ଟୋନିଓ ଗୁଟେରିସ ମତବ୍ୟକ୍ତ କରିଥିଲେ। ମାନବକୈନ୍ଦ୍ରିକ ବିଶ୍ୱସନୀୟତା ଉପରେ ଜୋର ଦେଇ ଏଆଇର ବିନିର୍ମାଣ, ଗଣତାନ୍ତ୍ରିକ ମୂଲ୍ୟବୋଧ ଓ ମାନବୀୟ ଅଧିକାରର ଅନୁରୂପ ହେବା ବିଧେୟ ବୋଲି ଜାପାନର ବୈଦେଶିକ ରାଷ୍ଟ୍ରମନ୍ତ୍ରୀ ତାକେଇ ସୁନସୁକେ ସୂଚ୍ନା ଦେଇଥିଲେ।

ଶେଷରେ ଏତିକି କହିହେବ ଯେ ମଣିଷର ସ୍ଥୂଳ ଶରୀରଠାରୁ ଇନ୍ଦ୍ରିୟଗଣ ଶ୍ରେଷ୍ଠ, ଇନ୍ଦ୍ରିୟଗଣଙ୍କଠାରୁ ବୁଦ୍ଧି ଶ୍ରେଷ୍ଠ, ବୁଦ୍ଧିଠାରୁ ଅହଂ ଶ୍ରେଷ୍ଠ। ଏହି ଅହଂ ହେଉଛି କର୍ତ୍ତା। ମଣିଷ ନିଜର ଭୌତିକ ଇଚ୍ଛାକୁ ଚ୍ୱରିତାର୍ଥ କରିବା ପାଇଁ ଅହଂକୁ ପ୍ରାଧାନ୍ୟ ଦେଇଥାଏ। ରାମାୟଣ-ମହାଭାରତରୁ ରୁଷ-ୟୁକ୍ରେନ ଯୁଦ୍ଧ ପର୍ଯ୍ୟନ୍ତ ସବୁଠି ତ ଏହି ଅହଂର ଖେଳ। ଆଉ ଏବର ଅତ୍ୟାଧୁନିକ ଯୁଗରେ ଏଆଇ ଉପକରଣର ବେଖାତିର ଓ ବହୁଳ ପ୍ରୟୋଗ ନିସନ୍ଦେହରେ ଅହଂର ଅଭିବୃଦ୍ଧି ପାଇଁ ଯଥେଷ୍ଟ ଖୋରାକ ଯୋଗାଇବାକୁ ସକ୍ଷମ। ଅତଏବ, ଏଆଇକୁ ନିୟନ୍ତ୍ରଣରେ ରଖିବାକୁ ହେଲେ ମାନବସମାଜର ନୈତିକତା ଓ ମୂଲ୍ୟବୋଧ ସହ ପ୍ରକୃତପକ୍ଷେ ସମସ୍ତ କ୍ଷେତ୍ରରେ ମଣିଷର ଐଶ୍ୱରୀୟ ପ୍ରାପ୍ତ ମନମସ୍ତିଷ୍କର ବୋଧଶକ୍ତିକୁ ଅତିକ୍ରମ କରି ପାରୁଥିବା ସର୍ବୋତ୍କୃଷ୍ଟ ବୁଦ୍ଧିମତା (ସୁପର ଇଣ୍ଟେଲିଜେନ୍ସ) ଭଳି ଅଭିକର୍ତ୍ତାକୁ ଏଆଇ ସାଥିରେ ରଖିବାକୁ ହେବ। ନ ହେଲେ ଭେଳା ବୁଡିବା ଥୟ। ପ୍ରାସଙ୍ଗିକ ଭାବେ ଶ୍ରୀମଭଗବତଗୀତାର ଦୁଇଟି ଶ୍ଳୋକ (ତୃତୀୟ ଅଧ୍ୟାୟ, ଶ୍ଳୋକ ସଂଖ୍ୟା ୪୨ ଓ ୪୩) ଉଲ୍ଲେଖ କରିବା ଉଚ୍ୱିତ ମନେହୁଏ।

'ଇନ୍ଦ୍ରିୟାଣି ପରାଣ୍ୟାହୁରିନ୍ଦ୍ରିୟେଭ୍ୟଃ ପରଂ ମନଃ,
ମନସସ୍ତୁ ପରା ବୁଦ୍ଧିର୍ଯ୍ୟୋ ବୁଦ୍ଧ ?ଃ ପରତସ୍ତୁ ସଃ।
ଏବଂ ବୁଦ୍ଧ ?ଃ ପରଂ ବୁଦ୍ଧ୍ୱଓ ସଂସ୍ତଭ୍ୟାତ୍ମାନମାତ୍ମନା,
ଜହି ଶତ୍ରୁଂ ମହାବାହୋ କାମରୂପଂ ଦୁରାସଦମ୍।'

ଚ୍ୱନ୍ଦ୍ରଯାନ – ୩ ଉତକ୍ଷେପଣ ପୂର୍ବରୁ ମନ୍ଦିରକୁ ଯାଇ ଉପାସନା କରିଥିବା ବୈଜ୍ଞାନିକମାନଙ୍କୁ ସମାଲୋଚ୍ନା କରିବାକୁ ଯେଉଁଠି ଦ୍ୱିଧା ନାହିଁ, ସେଠି ଉଗ୍ର ଆଧୁନିକତାରେ ଅନ୍ଧ ମଣିଷ ଏ କଥାର ଗୁରୁତ୍ୱକୁ ବୁଝିବେ କି ନାହିଁ ସନ୍ଦେହ। କିନ୍ତୁ, ବୁଝିଗଲେ ଭବିଷ୍ୟତ ପିଢି ପାଇଁ ମଙ୍ଗଳକର। ଚ୍ୱଳଣି ଅତୁଟ ରହିବ। ସିଂହେ ଓ ମାଗୁଣିମାନେ ସଭିଏଁ ବଞ୍ଚିବା ସହ ସମଗ୍ର ବିଶ୍ୱ ଏକ ସମ୍ଭାବ୍ୟ ବିପଦରୁ ରକ୍ଷା ପାଇଯିବ।

*ସାଧାରଣ ସମ୍ପାଦକ*
*କେନ୍ଦ୍ର ସରକାରୀ କର୍ମଚ୍ୱାରୀ ଓ ଶ୍ରମିକ ପରିସଂଘ*
*ଓଡିଶା ରାଜ୍ୟ ସମନ୍ୱୟ ସମିତି,*
*ଭୁବନେଶ୍ୱର*
*ମୋବାଇଲ : ୯୪୩୭୦୨୨୬୬୯*




# ଦେଶରେ ମହିଳା ସଶକ୍ତିକରଣ ପାଇଁ ପ୍ରଧାନମନ୍ତ୍ରୀ ଯୁଗାନ୍ତକାରୀ ପଦକ୍ଷେପ ନେଇଛନ୍ତି: ସମୀର ମହାନ୍ତି

ଭୁବନେଶ୍ୱର,(ପି.ଏନ): ମହାନ କ୍ରାନ୍ତିକାରୀ, ସମାଜ ସୁଧାରକ ଜ୍ୟୋତିବା ଫୁଲେଙ୍କ ଜନ୍ମଜୟନ୍ତୀ ଅବସରରେ ସିନର୍ଜି ଇଷ୍ଟିଚ୍ୟୁଟ ଅଫ ଟେକନୋଲୋଜିଠାରେ ଅନୁସୂଚିତ ଜାତି ଓ ଜନଜାତି ବର୍ଗର ଛାତ୍ରଛାତ୍ରୀଙ୍କୁ ରାଜ୍ୟ ବିଜେପି ସଭାପତି ସମୀର ମହାନ୍ତି ଭେଟି ଜ୍ୟୋତିବା ଫୁଲେଙ୍କ ଦେଶପ୍ରତି ଅବଦାନ ବିଷୟରେ ଅବଗତ କରାଇଥିଲେ। ଯେତେବେଳେ ଦେଶରେ ନାରୀ ଶିକ୍ଷା ପ୍ରତି ଆଦୌ ଧ୍ୟାନ ଦିଆଯାଉନଥିଲା ସେତେବେଳେ ଜ୍ୟୋତିବା ଫୁଲେ ମହିଳାମାନଙ୍କ ଶିକ୍ଷାକୁ ପ୍ରାଧାନ୍ୟ ଦେଇ ପ୍ରତିକୂଳ ପରିସ୍ଥିତିରେ କାର୍ଯ୍ୟ କରୁଥିଲେ। ଜ୍ୟୋତିବା ଫୁଲେ ତାଙ୍କ ପତ୍ନୀ ସାବିତ୍ରୀବାଇ ଫୁଲେଙ୍କ ସହିତ ମିଶି ପୁନେଠାରେ ମହିଳାମାନଙ୍କ ଶିକ୍ଷା କ୍ଷେତ୍ରରେ ଅଗ୍ରଗତି ନିମନ୍ତେ ବାଳିକା ବିଦ୍ୟାଳୟ ସ୍ଥାପନ କରି ନାରୀ ଶିକ୍ଷା ଶିକ୍ଷାଦ୍ୱାରା ସମାଜର ଅଗ୍ରଗତି ସମ୍ଭବ ବୋଲି ବାର୍ତ୍ତା ଦେଇଥିଲେ। ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ ଜ୍ୟୋତିବା ଫୁଲେଙ୍କ ଆଦର୍ଶରେ ଅନୁପ୍ରାଣିତ ହୋଇ ମହିଳାଙ୍କ ପ୍ରତି ବିଭିନ୍ନ ଯୋଜନା ମଧ୍ୟ କରିଛନ୍ତି। ମହିଳାମାନଙ୍କ ପାଇଁ ଶୌଚାଳୟ, ଉଜ୍ଜ୍ୱଳା, ବେଟି ବଚାଓ ବେଟି ପଢ଼ାଓ, ସୁକନ୍ୟା ସମୃଦ୍ଧି ଯୋଜନା, ପୋଷଣ ଅଭିଯାନ ଭଳି ଯୁଗାନ୍ତକାରୀ ପଦକ୍ଷେପମାନ ନେଇ ମହିଳାଙ୍କୁ ସମ୍ମାନ, ସ୍ୱାଭିମାନ ଓ ସଶକ୍ତ କରିବାକୁ ତାଙ୍କ ସରକାରରେ ଅନେକ ଯୋଜନା କରିଥିବାରୁ ରାଜ୍ୟ ସଭାପତି ଶ୍ରୀ ମହାନ୍ତି ଧନ୍ୟବାଦ ଜ୍ଞାପନ କରିଛନ୍ତି। ଏହି କାର୍ଯ୍ୟକ୍ରମରେ ଅନୁଷ୍ଠାନର ପ୍ରତିଷ୍ଠାତା ବିନୋଦ ଦାଶ, ଇଷ୍ଟିଚ୍ୟୁ ନିର୍ଦ୍ଦେଶକ ଚତ୍ରସେନ ଜଗତଦେଓ, ରାଜ୍ୟ ପ୍ରବକ୍ତା ଠାକୁର ରଞ୍ଜିତ ଦାସ, ଯୁବମୋର୍ଚ୍ଚା ରାଷ୍ଟ୍ରୀୟ ଉପାଧକ୍ଷ ଅର୍ପିତା ବଡ଼ଜେନା ପ୍ରମୁଖ ଉପସ୍ଥିତ ଥିଲେ।

# ପୁରୀ ପାଇଁ ଐତିହାସିକ ଦିନ :ମୁଖ୍ୟମନ୍ତ୍ରୀ

ପୁରୀ/ ନୂଆଦିଲ୍ଲୀ/ଭୁବନେଶ୍ୱର, (ପି.ଏନ): ପୁରୀରେ ଶ୍ରୀଜଗନ୍ନାଥ ମେଡ଼ିକାଲ କଲେଜ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକଙ୍କ ଦ୍ୱାରା ଲୋକାର୍ପିତ ହୋଇଯାଇଛି। ଲୋକାର୍ପଣ ସମାରୋହରେ କେନ୍ଦ୍ର ସ୍ୱାସ୍ଥ୍ୟ ଓ ପରିବାର କଲ୍ୟାଣ ମନ୍ତ୍ରୀ ମନସୁଖ ମାଣ୍ଡଭୀୟ ଭର୍ଚ୍ଚୁଆଲ ମାଧ୍ୟମରେ ଯୋଡ଼ି ହୋଇଥିଲେ। ଏହି ଅବସରରେ ମୁଖ୍ୟମନ୍ତ୍ରୀ କହିଥିଲେ ଯେ ଏହା ପୁରୀ ପାଇଁ ଐତିହାସିକ ଦିନ। ଶିକ୍ଷକ ଓ ଛାତ୍ରଛାତ୍ରୀଙ୍କ ପ୍ରଚେଷ୍ଟାରେ ପୁରୀବାସୀଙ୍କ ସେବା କରିବାରେ ଏହି ଶିକ୍ଷାନୁଷ୍ଠାନ ନାଁ କରିବ ବୋଲି ମୁଖ୍ୟମନ୍ତ୍ରୀ ଆଶା ବ୍ୟକ୍ତ କରିଥିଲେ। ଅପରପକ୍ଷରେ କେନ୍ଦ୍ରମନ୍ତ୍ରୀ ଶ୍ରୀ ମାଣ୍ଡଭୀୟ ଓଡ଼ିଶାବାସୀଙ୍କୁ ସୁଲଭ ମୂଲ୍ୟରେ ସ୍ୱାସ୍ଥ୍ୟସେବା ଉପଲବ୍ଧ କରିବା ପାଇଁ ଆୟୁଷ୍ମାନ ଯୋଜନା ଲାଗୁ କରିବା ପାଇଁ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକଙ୍କୁ ଅନୁରୋଧ କରିଛନ୍ତି। ଏହି ଯୋଜନା ଲାଗୁ ହେବା ଦ୍ୱାରା ଓଡ଼ିଆ ଲୋକମାନେ ଲାଭ ପାଇବେ ଏବଂ ସ୍ୱାସ୍ଥ୍ୟ ବ୍ୟବସ୍ଥା ଭଲ ରହିବ ବୋଲି ସେ କହିଛନ୍ତି। କାର୍ଯ୍ୟକ୍ରମ ପରେ ଆୟୋଜିତ ସଭାରେ ମୁଖ୍ୟମନ୍ତ୍ରୀ କହିଥିଲେ ମହାପ୍ରଭୁ ଶ୍ରୀ ଜଗନ୍ନାଥଙ୍କ କ୍ଷେତ୍ରରେ ଏକ ଉନ୍ନତମାନର ମେଡିକାଲ କଲେଜ ପ୍ରତିଷ୍ଠା ହୋଇଛି। ଏହାଦ୍ୱାରା ମେଧାବୀ ଛାତ୍ରଛାତ୍ରୀମାନେ ମେଡିକାଲ ପାଠ ପଢିବା ସହିତ ପୁରୀ ଜିଲ୍ଲାରେ ସ୍ୱାସ୍ଥ୍ୟସେବା କ୍ଷେତ୍ରରେ ଏକ ନୂଆ ଯୁଗ ଆରମ୍ଭ ହେଲା। କାର୍ଯ୍ୟକ୍ରମରେ ଉପସ୍ଥିତ ଛାତ୍ରଛାତ୍ରୀ ମାନଙ୍କ ସହିତ ଆଲୋଚନା କରି ମୁଖ୍ୟମନ୍ତ୍ରୀ ସେମାନଙ୍କୁ ଅଭିନନ୍ଦନ ଜଣାଇଥିଲେ ଏବଂ ଭବିଷ୍ୟତରେ ଭଲ ଡାକ୍ତର ହୋଇ ନିଷ୍ଠାପର ଭାବେ ଉତ୍ତମ ସ୍ୱାସ୍ଥ୍ୟସେବା ଯୋଗାଇ ଦେବାକୁ ସେମାନଙ୍କୁ ପରାମର୍ଶ ଦେଇଥିଲେ। ଶିକ୍ଷକ ଓ ଛାତ୍ରଛାତ୍ରୀ ମାନଙ୍କ ଉଦ୍ୟମରେ ଏହି କଲେଜ ସ୍ୱାସ୍ଥ୍ୟସେବା କ୍ଷେତ୍ରରେ ନିଜର ଗୁରୁତ୍ୱପୂର୍ଣ୍ଣ ଅବଦାନ ରଖିବ ବୋଲି ମୁଖ୍ୟମନ୍ତ୍ରୀ ଆଶାପ୍ରକାଶ କରିଥିଲେ। ଛାତ୍ରଛାତ୍ରୀ ମାନଙ୍କ ମଧ୍ୟରୁ ପୁରୀର ଶ୍ରୀ ସମ୍ବିତ ନାୟକ, ରାଜସ୍ଥାନର ପ୍ରଗତୀ ମୀନା ଓ ଓଡିଶାର ଶ୍ରୀ ସିଦ୍ଧାର୍ଥ ସାହୁ ପ୍ରମୁଖ ଛାତ୍ରଛାତ୍ରୀ ଏହି ଆଲୋଚନାରେ ଭାଗ ନେଇ ପୁରୀରେ ପଢିବାର ସୁଯୋଗ ପାଇଥିବାରୁ ଖୁସି ପ୍ରକାଶ କରି ଭବିଷ୍ୟତରେ ଚିକିତ୍ସା ସେବା କ୍ଷେତ୍ରରେ ପ୍ରତିଶ୍ରୁତିବଦ୍ଧ ହୋଇ କାମ କରିବେ ବୋଲି କହିଥିଲେ। ପିଲାମାନେ କଲେଜର ଭିତିଭୂମିର ଉଚ୍ଚପ୍ରଶଂସା କରିଥିଲେ। ଛାତ୍ରଛାତ୍ରୀଙ୍କ ସହ ମତ ବିନିମୟ କରିବା ଅବସରରେ ଶ୍ରୀ ମାଣ୍ଡଭୀୟ ଓଡ଼ିଶାରେ ସ୍ୱାସ୍ଥ୍ୟସେବା ସୁଲଭ ଓ ସର୍ବବ୍ୟାପୀ କରିବା ପାଇଁ ମେଡ଼ିକାଲ ଛାତ୍ରଛାତ୍ରୀଙ୍କୁ ପରାମର୍ଶ ଦେଇଛନ୍ତି। ସେ କହିଛନ୍ତି ଯେ ପୁରୀ ଜଗନ୍ନାଥ ମନ୍ଦିର ଯାଇ ଦର୍ଶନ କରିବା ଓ ମହାପ୍ରସାଦ ସେବନ କରିବା ଆମ ପାଇଁ ଗର୍ବର ବିଷୟ। ସେହି ପବିତ୍ର ଧାମରେ ରହି ମେଡ଼ିକାଲ ଶିକ୍ଷା ଲାଭ କରିବା ଛାତ୍ରଛାତ୍ରୀଙ୍କ ପାଇଁ ଗର୍ବର ବିଷୟ। ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦିଙ୍କ ସ୍ୱପ୍ନ ରହିଛି ସ୍ୱାସ୍ଥ୍ୟସେବା ସୁଲଭ ଏବଂ ସର୍ବବ୍ୟାପୀ ହେବା ଦରକାର। ଏଥିପାଇଁ ଏକ ଡ଼ାକ୍ତର ରୂପରେ ଛାତ୍ରଛାତ୍ରୀଙ୍କୁ ଦୂର, ସୁଦୂର, ଗାଁ ଯେଉଁଠି ବି ଦାୟିତ୍ୱ ମିଳୁଛି, ସେମାନେ ଗରିବଙ୍କ ସେବା କରିବା ପାଇଁ ନିଜକୁ ଉତ୍ସର୍ଗ କରିବା ସହ ଦେଶର ସ୍ୱାସ୍ଥ୍ୟ କ୍ଷେତ୍ରରେ ଯୋଗଦାନ ରଖନ୍ତୁ। ମୋଦି ସରକାର ଓ ରାଜ୍ୟ ସରକାର ମିଳିତ ଭାବରେ ରାଜ୍ୟରେ ଅନେକ ମେଡ଼ିକାଲ କଲେଜ ଆରମ୍ଭ କରିଛନ୍ତି ଏବଂ ଆଗାମୀ ଦିନରେ ଅନେକ ମେଡ଼ିକାଲ କଲେଜ କାର୍ଯ୍ୟକ୍ଷମ ହେବାକୁ ଯାଉଛି। ଓଡ଼ିଶା ସମେତ ଦେଶର ଛାତ୍ରଛାତ୍ରୀମାନେ ଗୁଣାତ୍ମକ ଶିକ୍ଷା ନେଇ ଉତ୍ତମ ଡ଼ାକ୍ତର ହୁଅନ୍ତୁ ଏବଂ ସରକାରୀ ବ୍ୟବସ୍ଥାକୁ ଉପଯୋଗ କରି ରାଜ୍ୟ ଓ ରାଷ୍ଟ୍ର ନିର୍ମାଣରେ ନିଜର ଯୋଗଦାନ ରଖନ୍ତୁ। ସୁନ୍ଦରଗଡ଼ରେ ଏନଟିପିସି ତରଫରୁ ହସ୍ପିଟାଲ ହୋଇଛି। ତାଳଚେରରେ କୋଲ ଇଣ୍ଡିଆ ୧ ହଜାର କୋଟି ଟଙ୍କା ଖର୍ଚ୍ଚ କରି ମେଡ଼ିକାଲ କଲେଜ ନିର୍ମାଣ କରିଛି। ମୋଦି ସରକାରଙ୍କ ସମୟରେ ଓଡ଼ିଶାରେ ସ୍ୱାସ୍ଥ୍ୟ ସୁବିଧା, ମେଡ଼ିକାଲ କଲେଜ ଓ ସିଟ୍ ସଂଖ୍ୟା ବୃଦ୍ଧି ପାଉଛି। ଏହାର ଲାଭ ଓଡ଼ିଶାକୁ ମିଳିବ ବୋଲି କେନ୍ଦ୍ର ସ୍ୱାସ୍ଥ୍ୟ ମନ୍ତ୍ରୀ ମନସୁଖ ମାଣ୍ଡଭୀୟ କହିଛନ୍ତି।

ଏହି ଉତ୍ସବରେ ରାଜ୍ୟ ସ୍ୱାସ୍ଥ୍ୟ ମନ୍ତ୍ରୀ ନବ ଦାସ,ଗଣଶିକ୍ଷା ମନ୍ତ୍ରୀ ସମୀର ରଞ୍ଜନ ଦାଶ, କ୍ରୀଡ଼ା ମନ୍ତ୍ରୀ ତୁଷାରକାନ୍ତି ବେହେରା , ପୁରୀ ସାଂସଦ ପିନାକୀ ମିଶ୍ର,ଫାଇଭ - ଟି ସଚିବ ଭି.କେ ପାଣ୍ଡିଆନ , ପୂର୍ବତନ ବାଚସ୍ପତି ମହେଶ୍ୱର ମହାନ୍ତି, ରାଜ୍ୟ ଯୋଜନା ବୋର୍ଡ଼ ଉପାଧକ୍ଷ ସଞ୍ଜୟ କୁମାର ଦାସବର୍ମା, ଓ ଜିଲ୍ଲାର ସମସ୍ତ ବିଧାୟକ ପ୍ରମୁଖ ଯୋଗ ଦେଇଥିଲେ। ଏହି କଲେଜରେ ଛାତ୍ରଛାତ୍ରୀ ମାନଙ୍କ ପାଇଁ ୧୦୦ଟି ଏମବିବିଏସ ଆସନ ରହିଛି। ଏହାଦ୍ୱାରା ର୍ବମାନ ସାରା ରାଜ୍ୟରେ ୮ଟି ସରକାରୀ ମେଡିକାଲ କଲେଜର ସମୁଦାୟ ଏମବିବିଏସ ଆସନ ସଂଖ୍ୟା ୧୨୫୦କୁ ବୃଦ୍ଧି ପାଇଛି। ମେଡିକାଲ କଲେଜ ସହିତ ୬୫୦ ଆସନ ବିଶିଷ୍ଟ ଏକ ସାତ ମହଲା ବିଶିଷ୍ଟ ଶିକ୍ଷା ହସ୍ପିଟାଲ ନିର୍ମାଣ ପାଇଁ ମଧ୍ୟ କାମ ଚାଲିଛି। ଏହି ଶିକ୍ଷା ହସ୍ପିଟାଲ ଜୁଲାଇ ୨୦୨୩ ସୁଦ୍ଧା ଏହା ସଂପୂର୍ଣ୍ଣ ହେବ ବୋଲି ଜଣାଯାଇଛି। ବର୍ତମାନ ଏହି କଲେଜ ପାଇଁ ଜିଲ୍ଲା ମୁଖ୍ୟ ଚିକିତ୍ସାଳୟ ଶିକ୍ଷା ହସ୍ପିଟାଲ ଭାବେ କାର୍ଯ୍ୟ କରୁଛି। ପୁରୀକୁ ବହୁ ସଂଖ୍ୟାରେ ପର୍ଯ୍ୟଟକ ଆସୁଥିବାରୁ ଏହି ମେଡିକାଲ କଲେଜ ଓ ହସ୍ପିଟାଲ ଜିଲ୍ଲାର ସ୍ୱାସ୍ଥ୍ୟସେବା କ୍ଷେତ୍ରରେ ଗୁରୁତ୍ୱପୂର୍ଣ୍ଣ ଭୂମିକା ଗ୍ରହଣ କରିବ।

# ଲିଜଧାରୀ ନିୟମ ବୈହିର୍ଭୁତ ଭାବେ ବାଲି ଖଦାନ ଚଳାଉଥିବା

ବାଲେଶ୍ୱର,(ପି.ଏନ): ସଦର ବ୍ଲକ ଅନ୍ତର୍ଗତ ନଗ୍ରମ ଗ୍ରାମ ପଞ୍ଚାୟତ ଓ ରେମୁଣା ବ୍ଲକ ଦହପଡ଼ା ଗ୍ରାମ ପଞ୍ଚାୟତର ଫୁଲୱାର କଷବା, କାଳିପୁର, ଖେଜୁରପୁର, ଦହପଡ଼ା, କଣ୍ଟାବଣିଆ, ଗମ୍ଭାରିଆ ଓ ଧରମପୁର ଗ୍ରାମର ଗ୍ରାମବାସୀ ମାନେ ଲିଜ ନେଇଥିବା ଅରୁଣାକର ଦାସଙ୍କ ବିରୁଧରେ ଜିଲ୍ଲାପାଳଙ୍କୁ ଏକ ଦାବି ପ୍ରଦାନ କରିଛନ୍ତି। ବାଲି ଉଠାଇବା ନିମନ୍ତେ କୌଣସି ଯାନ୍ତ୍ରିକ ବ୍ୟବସ୍ଥା ନିୟମ ନ ଥିବା ବେଳେ ପ୍ରତିଦିନ ପୋକ୍ଲେନ ମେସିନ ମାଧ୍ୟମରେ ନଦୀ ଗର୍ଭରୁ ବେଆଇନ ଭାବରେ ସହ ସହ ସିୟୁଏମ ବାଲି ଉତ୍ତୋଳନ କରୁଛନ୍ତି। ଏହି ବାଲି ସୌରାତ୍ ଚଳାଇବା ପାଇଁ ସମୁଦାୟ ୩୭ ହଜାର ୪୦୦ ସିୟୁଏମ ବାଲି ଉତ୍ତୋଳନ ପାଇଁ ଅନୁମତି ଅଛି। ୦.୩ ମିଟର ହିସାବରେ ବର୍ଷକୁ ଯେତିକି ବାଲି ଉତ୍ତୋଳନ କରିବା କଥା ପ୍ରତିଦିନ ଏହି ମେସିନ ସାହାଯ୍ୟରେ ବେଆଇନ ଭାବେ ବହୁତ ଅଧିକ ବାଲି ଉତ୍ତୋଳନ କରାଯାଉଛି। ଏହା ଦ୍ୱାରା ସରକାର ଉକ୍ତ ସୈରାତ୍‌କୁ ବାର୍ଷିକ ଲକ୍ଷ ଲକ୍ଷ ଟଙ୍କା ରାଜସ୍ୱ ହରାଉଥିବାର ଜଣାପଡୁଛି। ଅଧିକ ବାଲି ଉତ୍ତୋଳନ ଓ ପରିବହନ ଜଣା ପଡିଯିବା ଭୟରେ ତହସିଲ କାଯ୍ୟାଳୟରୁ ମିଳିଥିବା କେଫର୍ମ ଜାଣିଶୁଣି ଗାଡ଼ିକୁ ଦିଆଯାଉ ନାହିଁ। ଉକ୍ତ ବାଲି ସୈରାତ କୌଣସି ଗୋଟିଏ ମଧ୍ୟ ନିୟମର ସର୍ତ୍ତ ଅନୁସରଣ କରୁ ନାହିଁ ଏବଂ ଏହା ଜାତୀୟ ସବୁଜ ପ୍ରାଧିକରଣ (ଏନଜିଟି) ପାସ ହୋଇଛି କି ନାହିଁ ତାହା ମଧ୍ୟ ସନ୍ଦେହ ସୃଷ୍ଟି ହେଉଛି। ନଦୀ ପଠାରୁ ୪୦ ମିଟର ଛାଡ଼ି ଓ ମାତ୍ର ୦.୩ ମିଟର ଗଭୀର ପର୍ଯ୍ୟନ୍ତ ବାଲି ଉଠାଇବାର ନିୟମ ଥିବା ବେଳେ ଉକ୍ତ ଲିଜ୍‌ଧାରୀ ଏହାର ସମ୍ପୁର୍ଣ୍ଣ ଓଲଟା ଅର୍ଥାତ ନଦୀ ପଠାକୁ ଖୋଳି ଡମ୍ଫର ସାହାଯ୍ୟର ସହ ସହ ଟ୍ରିପ ମାଟି ବିକ୍ରି କରୁଛନ୍ତି। ଫଳରେ ନଦୀ ଗର୍ଭରେ ୫୦ ରୁ ୬୦ ଫୁଟ ପର୍ଯ୍ୟନ୍ତ ଗଣ୍ଡ ସୃଷ୍ଟି ହୋଇ କିଛି ଲୋକ ନଦୀରେ ଗାଧେଇବା ସମୟରେ ପାଣିରେ ବୁଡ଼ିଯାଇ ମୃତ୍ୟୁ ବରଣ କରୁଥିବା ଉଦାହରଣ ମଧ୍ୟ ରହିଛି। ନଦୀ ଜଳଠାରୁ ମାଟି ଖୋଳି ବିକ୍ରି କରିବା ଫଳରେ ବୁଢ଼ାବଳଙ୍ଗ ନଦୀରେ ବନ୍ୟା ଆସିଲେ ନଦୀର ଗତିପଥ ପରିବର୍ତ୍ତନ ହୋଇ ଗ୍ରାମ ଗୁଡ଼ିକ ନଦୀ ଗର୍ଭରେ ଲୀନ ହେବାର ଆଶଙ୍କା ମଧ୍ୟ ସୃଷ୍ଟି ହୋଇଛି। ବର୍ତ୍ତମାନ ଗ୍ରୀଷ୍ମ ସମୟରେ ଗୋରୁ ଗାଇ, ଛେଳି ଇତ୍ୟାଦି ପ୍ରାଣି ମାନେ ପାଣି ପିଇବା ପାଇଁ ନଦୀକୁ ଯିବା ବେଳେ ନଦୀ ପାଣି ଗୋଳିଆ ହୋଇଯାଇଥିବାରୁ ପାଣି ମଧ୍ୟ ପିଇ ପାରୁ ନାହାନ୍ତି। ରାଜ୍ୟ ପରିବେଶ ଓ ପ୍ରଭାବ ମୁଲ୍ୟାୟନ କର୍ତ୍ତୃପକ୍ଷଙ୍କ ଜଣେ ବରିଷ୍ଠ ବୈଜ୍ଞାନିକ, ରାଜ୍ୟ ପ୍ରଦୁଷଣ ବୋର୍ଡ଼ର ବରିଷ୍ଠ ବୈଜ୍ଞାନିକ, ଜିଲ୍ଲାପାଳ କିମ୍ବା ତାଙ୍କ କେହି ପ୍ରତିନିଧି ଓ ଜିଲ୍ଲା ଖଣି ଅଧିକାରୀଙ୍କୁ ନେଇ ଏକ କମିଟି ଗଠନ କରାଯାଇ ସସବା ଦହପଡ଼ା ବାଲି ସୈରାତକୁ ନିରପେକ୍ଷ ତଦନ୍ତ କରି ଯଦି ଆଇନ ବୈହିର୍ଭୁତ କାର୍ଯ୍ୟ କରାଯାଇ ଥାଏ ତାହାହେଲେ ଲିଜ୍‌ଧାରୀ କରୁଣାକର ଦାସଙ୍କ ଉପରେ ଦିତ କାର୍ଯ୍ୟାନୁଷ୍ଠାନ ନେବାକୁ ଏହି ୨ ଟି ଗ୍ରାମ ପଞ୍ଚାୟତର ଅଧିବାସୀ ମାନେ ଦାବି କରିଛନ୍ତି।

# ଓଡ଼ିଶା ପଥବିକ୍ରେତା ସଂଘ ପକ୍ଷରୁ ଜିଲ୍ଲାପାଳଙ୍କୁ ଦାବିପତ୍ର ପ୍ରଦାନ

ବାଲେଶ୍ୱର: ଆଜି ପୂର୍ବାହ୍ନରେ ଓଡ଼ିଶା ପଥବିକ୍ରେତା ସଂଘ ପକ୍ଷରୁ ଏକ ସୋଭାଯାତ୍ରା ଜିଲ୍ଲାପାଳଙ୍କ କାର୍ଯ୍ୟାଳୟରେ ପହଞ୍ଚି ପଥବିକ୍ରେତା ଜୀବିକା ସୁରକ୍ଷା ଓ ପଥ ବିକ୍ରେତା ବିନିମୟ ଆଇନ ଉଲଙ୍ଘନ ଏବଂ ପଥବିକ୍ରେତାଙ୍କ ଜୀବିକା ଓ ଜୀବନ ଉଚ୍ଛେଦ ଅଭିଯୋଗ ବନ୍ଦ କରିବାକୁ ଏକ ଦାବିପତ୍ର ପ୍ରଦାନ କରିଛନ୍ତି। ପଥବିକ୍ରେତା ଙ୍କ ଜୀବିକା ସୁରକ୍ଷା ପାଇଁ ୨୦୧୪ କେନ୍ଦ୍ରୀୟ ଆଇନକୁ ବାଲେଶ୍ୱର ପୌର ଓ ଜିଲ୍ଲା ପ୍ରଶାସନ ବାରମ୍ୱାର ଉଲଙ୍ଘନ କରି ଏହି ବର୍ଗର ମଣିଷଙ୍କ ଜୀବନ ଧାରଣ ଦୁର୍ବିସ କରାଇଲେଣି। ପୌର ଓ ଜିଲ୍ଲା ପ୍ରଶାସନ ବାରମ୍ୱାର ଉଚ୍ଛେଦ କରି ପଥ ବିକ୍ରେତା ବୃଦ୍ଧି ଥିବା ସହ ସହ ପଥ ବିକ୍ରେତାଙ୍କ ଆଇନ ଗତ ସାମ୍ବିଧାନିକ ଅଧିକାରକୁ ଛଡ଼ାଇ ନେଇ ବାରମ୍ୱାର ଅନ୍ୟାୟ କରିଚାଲିଛନ୍ତି। ଏହି ପରି ରାୟ ଶାସନ ବନ୍ଦ କରି ଉଠା ଦାକାନିଙ୍କୁ ସାମ୍ବିଧାନିକ ସାମାଜିକ ନ୍ୟାୟ ପ୍ରଦାନ କରିବା ନିମନ୍ତେ ଦାବି କରିଛନ୍ତି। ଓଟି ରୋଡ଼ରେ ୨ ଟିକିଆ ରାସ୍ତାର ପିଚୁ ରାସ୍ତା ଶେଷ ଠାରୁ ସାଢ଼େ ୪ ମିଟର ଭିତରେ କୌଣସି ଦୋକାନି ରହି ପାରିବେ ନାହିଁ ବୋଲି ପୌର କାର୍ଯ୍ୟ ନିର୍ବାହି ଅଧକାରୀ ପଥ ବିକ୍ରେତା ସଂଘ କର୍ମକର୍ତ୍ତା ମାନଙ୍କୁ କହିବା ପରେ ପଥ ବିକ୍ରେତା ମାନେ ସେହି ଦିନ ବାହାରକୁ ଉଠାଇ ନେଇଥିଲେ। ରାସ୍ତାର ୨ ପାଶ୍ୱରେ କୌଣସି ଦୋକାନି ରହି ପାରିବେ ନାହିଁ ବୋଲି ଆରଏନବି ସଂସ୍ଥା କର୍ମଚାରୀ ମାନେ ସେଠାରେ ପଥ ବିକ୍ରେତା ମାନଙ୍କୁ ଭୟବିତ କରାଉଛନ୍ତି। ଜିଲ୍ଲାପାଳଙ୍କ କାର୍ଯ୍ୟାଳୟ ପରିସରରେ ସପିଙ୍ଗ କମ୍ପଲେକ୍ସ ନିର୍ମାଣ ବନ୍ଦ କରି ସେହି ଅଟାଳିକା ଗୁଡ଼ିକରେ ଇଂଚୁଡ଼ି ଲବଣ ସତ୍ୟା ଗ୍ରହ ଏବଂ ସ୍ୱାଧିନତା ଆନ୍ଦୋଳର ସଂଗ୍ରହାଳୟ ପ୍ରତିଷ୍ଠା କରାଯାଉଛି। ଓଟି ରୋଡର ସାଢ଼େ ୪ ମିଟର ପର୍ଯ୍ୟନ୍ତ ପ୍ରଶସ୍ତିକରଣ କରାଇବା ପରେ ବାକି ସ୍ଥାନ ଗୁଡ଼ିକ ପଥ ବିକ୍ରେତା କେନ୍ଦ୍ର ଓ ରାଜ୍ୟ କୁଟିରଶିଳ୍ପ, ହସ୍ତଶିଳ୍ପ ସମେତ ଆଞ୍ଚଳିକ ସାମଗ୍ରିର ପଥବିକ୍ରେତା କେନ୍ଦ୍ର ପ୍ରତିଷ୍ଠା କରି ଏହାକୁ ଜାତୀୟ ସ୍ତରରେ ଆକର୍ଷଣୀୟ ପଥ ବିକ୍ରେତା କେନ୍ଦ୍ର କରାଯାଇ ପର୍ଯ୍ୟଟକ ଗ୍ରାହକ ମାନଙ୍କୁ ଆକୃଷ୍ଟ କରାଯାଉ। ବ୍ରିଜ ଅଞ୍ଚଳର କରୋନା ମହାମରୀ ସମୟର ସରକାରୀ ଘୋଷିତ ରିଲିଫ୍ ସମସ୍ତଙ୍କୁ ପ୍ରଦାନ କରାଯାଉ। ଜୟନ୍ତ ଦାସ ଙ୍କ ନେତୃତ୍ୱରେ ଅବିଦ ଖାନ, ମୋହିନି ମୋହନ ପରିଡ଼ା, ଅଭିରାମ ବାରିକ, ପ୍ରଶାନ୍ତ ସେଠୀ, ରତନ ଗିରି, ବିଜୟ ସାହ. ରାଧା ବାରିକ, ସୁମନ ସିଂହ, ନୟନ ମାଲୋହତ୍ରା ପ୍ରମୁଖ ଏହି ଶୋଭା ଯାତ୍ରାରେ ସାମିଲ ହୋଇଥିଲେ।

# ପ୍ରଦେଶ ଛାତ୍ର କଂଗ୍ରେସ ପକ୍ଷରୁ ଏନ୍.ଏସ.ୟୁ. ଆଇ. ପ୍ରତିଷ୍ଠା ଦିବସ ପାଳିତ

ଭୁବନେଶ୍ୱର (ପି.ଏନ): ପ୍ରଦେଶ ଛାତ୍ର କଂଗ୍ରେସ ପକ୍ଷରୁ ଏନ୍.ଏସ.ୟୁ. ଆଇ. ପ୍ରତିଷ୍ଠା ଦିବସ ପାଳିତ ହୋଇଯାଇଛି। ପ୍ରଦେଶ ଛାତ୍ର କଂଗ୍ରେସ ସଭାପତି ୟାସୀର ନୱାଜଙ୍କ ସଭାପତିତ୍ୱରେ ପତାକା ଉତୋଳନ କାର୍ଯ୍ୟକ୍ରମ ହୋଇଥିଲା। ଜଟଣୀ ବିଧାୟକ ସୁରେଶ କୁମାର ରାଉତରାୟ ମୁଖ୍ୟ ଅତିଥି ଭାବରେ ଯୋଗଦେଇ ପତାକା ଉତୋଳନ କରିଥିଲେ। ଏହି ପରିପ୍ରେକ୍ଷୀରେ ଶ୍ରୀ ନୱାଜ କହିଥିଲେ ଯେ ପୂର୍ବତନ ପ୍ରଧାନ ମନ୍ତ୍ରୀ ଇନ୍ଦିରା ଗାନ୍ଧୀ ଏନ.ଏସ.ୟୁ.ଆଇ. ୧୯୭୧ ମସିହାରେ ପ୍ରତିଷ୍ଠା କରିଥିଲେ। ଛାତ୍ର କଂଗ୍ରେସର ଲକ୍ଷ୍ୟ ଛାତ୍ର ସମାଜକୁ ସଶକ୍ତ କରିବା। ଦାୟୀତ୍ୱବାନ ନାଗରିକ ଓ ନେତା ମଧ୍ୟ ସୃଷ୍ଟି କରିବା ଛାତ୍ର କଂଗ୍ରେସର କାର୍ଯ୍ୟର ଅଂଶ ବିଶେଷ ମାତ୍ର ସେମାନଙ୍କର ଗଣତାନ୍ତ୍ରୀକ, ଧର୍ମ ନିରପେକ୍ଷତା, ସମାନତା ଏବଂ ସୁଗୁଣ ରହିଥିବା ଦରକାର। ଶ୍ରୀ ନୱାଜ କହିଲେ ଓଡ଼ିଶାର ଛାତ୍ର କଂଗ୍ରେସ ଉଭୟ ନବୀନ ସରକାର ଓ ମୋଦୀ ସରକାରର ଭ୍ରଷ୍ଟାଚାର ବିରୋଧରେ ସଂଗ୍ରାମ କରୁଛି। ଚାକିରୀ ବିକିରୀର ପ୍ରତିବାଦ କରିଛି। ନାରୀ ନିର୍ଯ୍ୟାତନା ଓ ହତ୍ୟା, ଦରଦାମ ବୃଦ୍ଧି ପ୍ରସଙ୍ଗରେ ଉଭୟ ସରକାରକୁ ଜୋରଦାର ଘେରିଛି। ଆଜିର ଏହି କାର୍ଯ୍ୟକ୍ରମରେ ଲିଙ୍ଗରାଜ ସାହୁ, ମିହିର ଆଚାର୍ଯ୍ୟ, ରଞ୍ଜିତ ପାତ୍ର, ନିହାର ରଂଜନ ବେହେରା, ନଳିନୀକାନ୍ତ ନାୟକ, କାର୍ତିକେଶ୍ୱର କାଣ୍ଡି, ଅଖିଳେଷ ଯାଦବ, ବିଶ୍ୱଭୂଷଣ ମହାପାତ୍ର, ଏମଡି ସମ୍ୟୁଇଲ, ଭାଗ୍ୟଶ୍ରୀ ମହାନ୍ତି, ଜଗଦିଶ ଗଜେନ୍ଦ୍ର, ଅହମ୍ମଦ ଖାନ, ଏସ୍‌କେ ସାହାରୁଖ, ନିତେଶ ରଂଜନ ବେହେରା, ନିୟାଜୁଲ ଇସ୍‌ଲାମ, ଉଦିତ ପ୍ରଧାନ, ଜିତେନ୍ଦ୍ର ମଲ୍ଲିକ, ସନ୍ତୋଷ କୁମାର ଭୋଳ, କୁମାର ସୌରପ, ତୋଫାନ ସେଠୀ, ଅରସଦ ଅନସାରୀ, ମିର ରିୟାଜୁଦିନ, ଆରିୟାନ ଦାସ, ଆଶିଷ ଦାସ, ଶୁଭକାନ୍ତ ବେହେରା, ରୋସନ କୁମାର କିରଣ ପ୍ରମୁଖ ଅଂଶଗ୍ରହଣ କରିଥିଲେ।

# ରାଜ୍ୟସ୍ତରୀୟ ଜାତୀୟ ହସ୍ତତନ୍ତ ଦିବସ ସମାରୋହ

ଭୁବନେଶ୍ୱର,(ପି.ଏନ): ରାଜ୍ୟସ୍ତରୀୟ ଜାତୀୟ ହସ୍ତତନ୍ତ ଦିବସ ପାଳନ ସମାରୋହକୁ ସ୍ଥାନୀୟ ଜୟଦେବ ଭବନରେ ବିଭାଗୀୟ ମନ୍ତ୍ରୀ ଶ୍ରୀମତୀ ରୀତା ସାହୁ ଉଦ୍‌ଘାଟନ କରିଛନ୍ତି। ୧୯୦୫ ମସିହା ଅଗଷ୍ଟ ୭ ତାରିଖରେ କଲିକତାର ଟାଉନ ହଲରେ ସ୍ୱଦେଶୀ ଆନ୍ଦୋଳନରେ ବିଦେଶ ବସ୍ତ୍ର ବର୍ଜନ କରି ସ୍ୱଦେଶୀ ବସ୍ତ୍ର ପରିଧାନ କରିବା ପାଇଁ ସିଦ୍ଧାନ୍ତ ଗ୍ରହଣ କରାଯାଇଥିଲା। ତେଣୁ ଭାରତର କଳା ସଂସ୍କୃତିକୁ ଋଦ୍ଧିମନ୍ତ କରିଥିବା ହସ୍ତତନ୍ତ କଳାକୁ ସର୍ବଜନ ବିଦିତ କରିବା ତଥା ସଂରକ୍ଷିତ କରି ଏହାକୁ ପ୍ରୋତ୍ସାହିତ କରିବାପାଇଁ ଏହି ଦିନଟିକୁ ଜାତୀୟ ସ୍ତରରେ ହସ୍ତତନ୍ତ ଦିବସ ରୂପେ ପାଳନ କରାଯାଉଛି ବୋଲି ଶ୍ରୀମତୀ ରୀତା ସାହୁ ପ୍ରକାଶ କରିଛନ୍ତି। ଅଗଣିତ ବୁଣାକାରଙ୍କ ମନରେ ସ୍ୱାଭିମାନ ଜାଗ୍ରତ କରିବା ସଙ୍ଗେ ସଙ୍ଗେ ସେମାନଙ୍କ ପେଷା ବା ବୃତ୍ତିକୁ ଓ ସେମାନଙ୍କ ଦ୍ୱାରା ଉତ୍ପାଦିତ ବସ୍ତ୍ରକୁ ସୁଦୂର ପ୍ରସାର କରାଇ



ସେମାନଙ୍କୁ ସ୍ୱାବଲମ୍ବୀ କରାଇବା ଏହି ସମାରୋହର ମୂଳ ଲକ୍ଷ। ଉକ୍ତ ସମାରୋହରେ ବିଭାଗୀୟ ସ୍ୱତନ୍ତ୍ର ସଚିବ ସରୋଜ କୁମାର ପଟେଲ, ବୟନଶିଳ୍ପ ନିର୍ଦ୍ଦେଶକ ଶୋଭନ କୃଷ୍ଣ ସାହୁ, ପରିଚାଳନା ନିର୍ଦ୍ଦେଶକ ପ୍ରଣତୀ ଛୋଟରାୟଙ୍କ ସମେତ ଅନ୍ୟାନ୍ୟ ଅତିଥି ଯୋଗ ଦେଇଥିଲେ। ରାଜ୍ୟର ବିଭିନ୍ନ ଜିଲ୍ଲାରୁ ବୁଣାକାର ଭାଇ ଭଉଣୀ, ରାଜ୍ୟ ଓ ଜାତୀୟ ପୁରସ୍କାର ପ୍ରାପ୍ତ ବୁଣାକାର ଯୋଗ ଦେଇଥିଲେ। ବ୍ରହ୍ମପୁରର ରତ୍ନମଣୀପୁର ତନ୍ତୁବାୟ ସହଯୋଗ ସମିତି, ଜଗତସିଂହପୁରର ନେତାଜୀ ତନ୍ତୁବାୟ ସମିତି ଓ ଅଲଣାହାତ ତନ୍ତୁବାୟ ସହଯୋଗ ସମିତିଙ୍କୁ ପୁରସ୍କୃତ ସହ ଏକ ଲକ୍ଷ ଟଙ୍କା ଲେଖାଏଁ ପ୍ରଦାନ କରାଯାଇଥିଲା। ଖୋର୍ଦ୍ଧାର ଗୋପିନାଥ ଦାସଙ୍କୁ ଶ୍ରୀକ୍ଷେତ୍ରର ଚତୁର୍ଦ୍ଧାମୂର୍ତିଙ୍କ ପରିଧାନନିମନ୍ତେ ତିଆରି କରିଥିବା ଯୋଗୁଁ ବିଭାଗ ତରଫରୁ ସମ୍ମାନିତ କରାଯାଇଥିଲା।

# ଡିଏସ୍‌ପି ଏମଏଫ ଉନ୍ମୋଚନ କଲା 'ଭିଜନ ୨୦/୨୦'

ଭୁବନେଶ୍ୱର (ପିଏନ): ବ୍ୟବସାୟର ଭବିଷ୍ୟତ ସମ୍ପର୍କରେ ଦୂରଦୃଷ୍ଟି ପୋଷଣ କରିବାକୁ ଡିଏସ୍‌ପି ମ୍ୟୁଚୁଆଲ ଫଣ୍ଡ୍ 'ଭିଜନ ୨୦/୨୦' ଶୀର୍ଷକରେ ଏକ ଆକଳନ ବିଚାରାଧାରାକୁ ଉପସ୍ଥାପନ କରୁଛି। ଡାକ୍ତରୀ ଶାସ୍ତ୍ରରେ ୨୦/୨୦ ଦୃଷ୍ଟିଶକ୍ତିର ତୀକ୍ଷ୍ଣ ଅବସ୍ଥା ସମ୍ପର୍କରେ ସୂଚିତ କରୁଛି। ଡିଏସ୍‌ପି ଏମଏଫ ନିବେଶକ ଅଥବା ସମ୍ଭାବ୍ୟ ନିବେଶକ ବ୍ୟବସାୟ ସଂସ୍ଥାଗୁଡିକର ଭବିଷ୍ୟତ ସମ୍ପର୍କରେ ଆକଳନ କରିବା ସମୟରେ ତାହାକୁ ଉଚ୍ଚ ଦୃଶ୍ୟମାନ, ମଧ୍ୟମ ଦୃଶ୍ୟମାନ ଏବଂ ନିମ୍ନ ଦୃଶ୍ୟମାନ ବ୍ୟବସାୟ ସଂସ୍ଥା ଭାବରେ ପୃଥକ କରି ତିନିଟି ଲେନ୍ସର ଉପଯୋଗ କରିଛି। ଏହି ଆକଳନରେ କୁହାଯାଇଛି ଯେ ମଧ୍ୟମରୁ ଉଚ୍ଚ ଆୟକାରୀ ବର୍ଗ ଉବେର / ଓଲା ସେବା ବ୍ୟବହାର କରିବା ପରିବର୍ତ୍ତେ ବ୍ୟକ୍ତିଗତ କାର୍ ଅଥବା ଦୁଇଚକିଆ ଗାଡି ଖରିଦ କରିବାକୁ ପସନ୍ଦ କରିବେ। ସମ୍ପ୍ରତି କମ୍ ବ୍ୟୟସାପେକ୍ଷ ଏବଂ ବଜାରରେ ଚାହିଦା ଥିବା ବ୍ୟବହୃତ (ସେକେଣ୍ଡ ହ୍ୟାଣ୍ଡ) ଗାଡିଗୁଡିକର ଚାହିଦା ବୃଦ୍ଧିପାଇଛି। ଅନୁରୂପ ଭାବେ ଏକାଧିକ ସପିଂ ଆପ୍ଲିକେସନ ଜରିଆରେ ଜନସାଧାରଣ ଅନ୍‌ଲାଇନରେ କିଣାକିଣି କରୁଛନ୍ତି ଏବଂ ଅନ୍‌ଲାଇନ ସ୍ୱାସ୍ଥ୍ୟଯନ୍ ତଥା ଔଷଧ ଆଦିର ଚାହିଦା ବିପୁଳ ବୃଦ୍ଧି ଘଟିଛି। ଦରିଦ୍ର ଲୋକଙ୍କ ପାଇଁ ସରକାର ଉନ୍ନତ ଜୀବନ ନିର୍ବାହ ପରିବେଶ ଯୋଗାଇବା ଉପରେ ଗୁରୁତ୍ୱ ଦେବା ସମ୍ଭାବନା ଥିବାରୁ ସୁଲଭ ମୂଲ୍ୟ ବାସଗୃହ ନିର୍ମାଣ ମଧ୍ୟ ତ୍ୱରାନ୍ୱିତ ହୋଇପାରେ। ଅନ୍ୟପକ୍ଷରେ ଓ୍ୱାର୍କ ଫ୍ରମ ହୋମ୍ (ଘରେ ରହି ଅଫିସ କାମ କରିବା) ବ୍ୟବସ୍ଥା ଦ୍ୱାରା ଘରଭଡା ବ୍ୟବସାୟ ପ୍ରଭାବିତ ହୋଇପାରେ ଏବଂ ସେହି ସମୟରେ ଇଣ୍ଟରନେଟ୍ କାରବାର ବ୍ୟାପକ ହେବ ଏବଂ ଏହାଦ୍ୱାରା ଦୂରସଂଚାର କମ୍ପାନୀଗୁଡିକ ଫାଇଦା ପାଇବେ। ଏଭଳି ପରିସ୍ଥିତିରେ ପ୍ୟାକେଟରେ ଆସୁଥିବା ପ୍ରସ୍ତୁତ ଖାଦ୍ୟର ଚାହିଦା ବୃଦ୍ଧିପାଇବ। ରପ୍ତାନିଭିତ୍ତିକ ଔଷଧୀୟ କମ୍ପାନୀଗୁଡିକ ମଧ୍ୟ 'ଆତ୍ମନିର୍ଭର ଭାରତ' ବିଷୟରୁ ସୁଯୋଗ ନେବାକୁ ଉତ୍ତମ ସ୍ଥିତିରେ ଅଛନ୍ତି। ହ୍ୟାଣ୍ଡ ସାନିଟାଇଜର, ହ୍ୟାଣ୍ଡ ଓ୍ୱାଶ୍ ଭଳି ସାମଗ୍ରୀର କାରବାର ୧୦ହଜାର ଗୁଣ ବୃଦ୍ଧିପାଇଛି। ଅନ୍ୟପକ୍ଷରେ ସାମାଜିକ ନିରାପତ୍ତା ବ୍ୟବସ୍ଥାର ଅଭାବ ଏବଂ ବ୍ୟୟବହୁଳ ସ୍ୱାସ୍ଥ୍ୟଯନ୍ ସହିତ ଭାରତରେ ସୁରକ୍ଷା ପ୍ରଦାନକାରୀ ପଲିସୀର ଖୁବ କମ୍ କାରବାର ଯୋଗୁଁ ଉଭୟ ସ୍ୱାସ୍ଥ୍ୟ ଓ ଟର୍ମଲାଇଫ ଇନସ୍ୟୁରାନ୍ସ ଚାହିଦା ବୃଦ୍ଧି ପାଇପାରେ। ଏହାକୁ ଡିଏସ୍‌ପି ଏମଏଫ ଭିଜନ ୧୫/୨୦ ବର୍ଗରେ ସ୍ଥାନିତ କରିଛି। ବେତନ କାଟ ଏବଂ ଚାକିରୀ ଛଟେଇ ଭଳି ଜଟିଳ ସମୟରେ ସାଧାରଣ ଜନତାଙ୍କ ଦ୍ୱାରା ଆଦୃତ ହେଉଥିବା ବ୍ରାଣ୍ଡ୍‌ଗୁଡିକ ପ୍ରିମିୟମ ବ୍ରାଣ୍ଡଗୁଡିକୁ ପଛରେ ପକାଇଦେବା ଆଶା

କରାଯାଉଛି, କାରଣ ଗ୍ରାହକମାନେ ମୂଲ୍ୟପ୍ରତି ସଚେତନ ହୋଇ କିଣାକିଣି କରିବା ଆରମ୍ଭ କରିଛନ୍ତି। ପ୍ରାଥମିକ ସମୟରେ ଅସାଧୁ ମହଜୁଦ କାରଣରୁ ଉପଭୋକ୍ତାଙ୍କ ଦ୍ୱାରା ମୁଖ୍ୟ ଖାଦ୍ୟସାମଗ୍ରୀ ବିପୁଳ ପରିମାଣରେ କିଣାକିଣି କରାଯିବା ପରିଲକ୍ଷିତ ହୋଇଛି ଏବଂ ଏ କ୍ଷେତ୍ରରେ ଦୀର୍ଘସୂତ୍ରୀ ଅଭିବୃଦ୍ଧି ଅପରିବର୍ତ୍ତିତ ରହିବା ମନେ କରାଯାଉଛି। ସ୍ୱାସ୍ଥ୍ୟରକ୍ଷା ଉତ୍ପାଦଗୁଡିକର ସୀମିତ ବ୍ୟବହାର ଏବଂ ଟୁଥପେଷ୍ଟ, ଫେସୱାଶ, ସାମ୍ପୁ ଭଳି ଅନ୍ୟ ସ୍ୱାସ୍ଥ୍ୟରକ୍ଷା ବର୍ଗର ଉତ୍ପାଦଗୁଡିକରେ ସେଭଳି ବୃଦ୍ଧି ଲକ୍ଷ୍ୟ କରାଯାଇନାହିଁ। ପ୍ୟାକେଟରେ ଆସୁଥିବା ଖାଦ୍ୟସାମଗ୍ରୀ ଚାହିଦା ଆଶାତୀତ ବୃଦ୍ଧିଘଟିଛି ଏବଂ ନିକଟରେ ଜଣେ ବିସ୍କୁଟ ଉତ୍ପାଦନକାରୀଙ୍କ କହିବା ଅନୁଯାୟୀ ସେମାନେ ଅଶୀବର୍ଷ ମଧ୍ୟରେ ଯେତିକି ବ୍ୟବସାୟ କରିନଥିଲେ ତାହା ଚଳିତ ମାସଗୁଡିକରେ କରିଛନ୍ତି। ତେବେ ଏହି ଧାରା ଜାରି ରହିବ ବୋଲି ଆମେ ମନେକରିପାରିବା ନାହିଁ। ଡିଏସ୍‌ପି ଏମଏଫର ଭିଜନ ୧୦/୨୦ ବର୍ଗରେ ଏହା ସ୍ଥାନ ପାଇଛି। ସାମ୍ପ୍ରତିକ ସ୍ଥିତିରେ ଲୋକେ ବାହାରେ ଖାଇବା ବନ୍ଦ କରିଦେଇଛନ୍ତି। ମହାମାରୀ ସମୟରେ ଅନ୍‌ଲାଇନ ସାମଗ୍ରୀ ଯୋଗାଣ ଗୁରୁତର ପ୍ରଭାବିତ ହୋଇଥିଲା ଏବଂ ଏହିସବୁ ରୋଷଶାଳା ବନ୍ଦ ହୋଇଯାଇଥିଲା। ଖୁଚୁରା ବ୍ୟବସାୟ ମଧ୍ୟ ପ୍ରଭାବିତ ହୋଇଥିଲା, ଯଦିଓ ସମ୍ପ୍ରତି ଏଥିରେ ପୁନରୁଦ୍ଧାର ଘଟିବାର କେତେକ ସୂଚନା ମିଳୁଛି। ତେଣୁ ଏହି ଶ୍ରେଣୀଗୁଡିକ ପୂର୍ବ ଅବସ୍ଥାକୁ ଫେରିବା ନିମନ୍ତେ କିଛି ସମୟ ଲାଗିବ ଏବଂ ଉପଭୋକ୍ତାଙ୍କର ବିଶ୍ୱାସ ଫେରାଇ ଆଣିବା ସହିତ ସେମାନଙ୍କ ଆସ୍ଥା ଜିତିବା ଏ କ୍ଷେତ୍ରରେ ଗୁରୁତ୍ୱପୂର୍ଣ୍ଣ ହେବ। ତତ୍‌ସହିତ ସମ୍ପ୍ରତି ଚଳଚ୍ଚିତ୍ରଗୁଡିକ ଅନ୍‌ଲାଇନ ପ୍ଲାଟଫର୍ମରେ ମୁକ୍ତିଲାଭ କରୁଥିବାରୁ ମଲ୍‌ଟିପ୍ଲେକ୍ସଗୁଡିକ ପ୍ରଭାବିତ ହେବ। ବିମାନରେ ଆବଦ୍ଧ ପରିବେଶ ସହିତ ଯାତ୍ରୀମାନେ ପାଖାପାଖି ବସୁଥିବାରୁ ନିୟମିତ ଯାତ୍ରୀବାହୀ ବିମାନ ଚଳାଚଳ ସ୍ୱାଭାବିକ ହେବାକୁ ଆଉ କିଛିଦିନ ଲାଗିପାରେ। କୋଭିଡ ଓ ଅଣ କୋଭିଡ ଚିକିତ୍ସା ନିମନ୍ତେ ରାଜ୍ୟ ସରକାରମାନେ ମୂଲ୍ୟ ସ୍ଥିର କରୁଥିବାରୁ ହସପିଟାଲଗୁଡିକରେ ଘରୋଇ ନିବେଶ ପ୍ରଭାବିତ ହୋଇପାରେ ବୋଲି କୁହାଯାଇଛି। ବ୍ୟାଙ୍କଗୁଡିକ ମଧ୍ୟ ମୋରାଟୋରିୟମକୁ ନେଇ ଆଗକୁ ବଢିବା ସମ୍ପର୍କରେ ଶିକ୍ଷାଲାଭ କରୁଛନ୍ତି ଏବଂ ଏହାଦ୍ୱାରା କେତେ ପ୍ରତିଶତ ଅର୍ଥ ପୁନର୍ଗଠନ କରାଯିବ, ତାହା ଦେଖିବାକୁ ବାକି ରହିଛି। ଏହା ଭିଜନ ୫/୨୦ରେ ସ୍ଥାନିତ ହୋଇଛି। ଡିଏସ୍‌ପିର ପୋର୍ଟଫୋଲିଓର ମୁଖ୍ୟଭାଗ ଉଚ୍ଚ ଏବଂ ନିମ୍ନ ଦୃଶ୍ୟମାନ କ୍ଷେତ୍ରରେ ଥିବା କମ୍ପାନୀଗୁଡିକୁ ନେଇ ପ୍ରସ୍ତୁତ। ଡିଏସ୍‌ପି ଏମଏଫ୍‌ର ବିଶ୍ୱାସ ଯେ କମ୍ ପରିମାଣର ଋଣ ସହିତ ଅଧିକ ଅର୍ଥ ପ୍ରବାହ ବ୍ୟବସ୍ଥା ସୃଷ୍ଟି ଦୀର୍ଘସୂତ୍ରୀ ଆକାରରେ ଉତ୍ତମ ଭାବେ କାର୍ଯ୍ୟ କରିଥାଏ ଏବଂ ଆମେ ସମ୍ପ୍ରତି ଯାହା ଦେଖୁଛୁ ସଙ୍କଟ ସମୟରେ ଏହା ଅତ୍ୟନ୍ତ ଗୁରୁତ୍ୱପୂର୍ଣ୍ଣ ବିବେଚିତ ହୁଏ। ମାତ୍ରାଧିକ ଋଣକୁ ନେଇ ଭାରାକ୍ରାନ୍ତ ଅଥବା ସ୍ୱଳ୍ପ ଅର୍ଥ ପ୍ରବାହ ବ୍ୟବସ୍ଥା ଥିବା କମ୍ପାନୀଗୁଡିକ ହୁଏତ ସଫଳତାର ସହିତ ପ୍ରତିଦ୍ୱନ୍ଦ୍ୱିତା କରିବା ନେଇ ସମସ୍ୟାର ସମ୍ମୁଖୀନ ହୋଇପାରନ୍ତି। ଗୋଟିଏ କମ୍ପାନୀ ମୂଳଧନକୁ କେତେ ଦକ୍ଷ ଭାବରେ ନିବେଶ କରିପାରୁଛି ଏବଂ ପୁଞ୍ଜି ଦକ୍ଷତାଭିତ୍ତିକ ବ୍ୟବସାୟକୁ ପସନ୍ଦ କରୁଛି, ତାହା ଉପରେ ସମ୍ପତ୍ତି ସୃଷ୍ଟି ନିର୍ଭର କରେ ବୋଲି ଡିଏସ୍‌ପିର ବିଶ୍ୱାସ। ଏହା ଏକଥା ମଧ୍ୟ କହିଛି ଯେ ସାମ୍ପ୍ରତିକ ପରିବେଶ ଅନିଶ୍ଚିତ ଏବଂ ଅସ୍ଥିର ଅବସ୍ଥାରେ ରହିଛି। ବର୍ତ୍ତମାନ ସମୟରେ ଘଟୁଥିବା ପରିବର୍ତ୍ତନ ଉପଭୋକ୍ତାଙ୍କ ଆଚରଣରେ ପରିବର୍ତ୍ତନ ଆଣିବ। ତେଣୁ ଏହାକୁ ନେଇ ଡିଏସ୍‌ପି ଏମଏଫ ଉଲ୍ଲସିତ ଥିଲେ ମଧ୍ୟ ଭବିଷ୍ୟତ ପ୍ରତି ସଜାଗ ଦୃଷ୍ଟି ରଖିଛି।

## ଅବସରପ୍ରାପ୍ତ କର୍ମଚାରୀ ସଂଘ ବୈଠକ

ଧର୍ମଶାଳା, (ପିଏନ): ଧର୍ମଶାଳା ବ୍ଲକ ଅବସରପ୍ରାପ୍ତ କର୍ମଚାରୀ ସଙ୍ଘର ଏକ ବୈଠକ ଜାରକାସ୍ଥିତ କାର୍ଯ୍ୟାଳୟ ପରିସରରେ ଯୁଧିଷ୍ଠିର ସ୍ୱାଇଁଙ୍କ ସଭାପତିତ୍ୱରେ ଆଜି ଅନୁଷ୍ଠିତ ହୋଇଯାଇଛି। ପ୍ରାରମ୍ଭରେ ଦିବଙ୍ଗତ ଅବସରପ୍ରାପ୍ତ କର୍ମଚରୀ ଭାସ୍କର ଚନ୍ଦ୍ର ମିଶ୍ର, କଳ୍ପତରୁ ନାୟକଙ୍କ ଉଦ୍ଦେଶ୍ୟରେ ୧ ମିନିଟ ନିରବ ପ୍ରାର୍ଥନା କରାଯାଇଥିଲା। ସମ୍ପାଦକ ବିବେକାନନ୍ଦ ନାୟକ ବିବରଣୀ ପାଠ କରି ଏକ ସହାୟତା ପାଂଠି ଗଠନ କରିବାକୁ ପ୍ରସ୍ତାବ ରଖିଥିଲେ। ଅସହାୟ, ରୋଗାଗ୍ରସ୍ତ ଓ ଅନାଥ ପିଲାମାନଙ୍କୁ ସହାୟତା ପ୍ରଦାନ କରିବା ପାଇଁ ଏହି ପାଂଠୀ ଗଠନ କରିବାକୁ ସଙ୍ଘ ନିଷ୍ପତି ନିଆଯାଇଥିଲା। ସଙ୍ଗଠନକୁ ସୁଦୃଢ କରିବା କରିବା ସହ ବୃକ୍ଷ ରୋପଣ ଓ ବାର୍ଷିକ ଉତ୍ସବ ପାଳନ ନିମନ୍ତେ ବୈଠକରେ ଆଲୋଚନା କରାଯାଇଥିଲା। ଆସନ୍ତା ସେପ୍ଟେମ୍ବର ୧୦ ତାରିଖରେ ଜାରକାସ୍ଥିତ ତ୍ରିନାଥ ମନ୍ଦିର ପରିସରରେ ବାର୍ଷିକ ଉତ୍ସବ ପାଳନ ନିମନ୍ତେ ଏକ ପ୍ରସ୍ତୁତି ବୈଠକ ହେବ ବୋଲି ସ୍ଥିର କରାଯାଇଥିଲା।

# ବି. ଜେ. ବି. ସ୍ୱୟଂଶାସିତ ମହାବିଦ୍ୟାଳୟରେ 'ଲୋକ, ସଂସ୍କୃତ ଓ ଐତିହ' ବିଷୟରେ ଆନ୍ତର୍ଜାତୀୟ ଆଲୋଚ୍ନା ଚ୍ରକ୍ର ଓ କର୍ମଶାଳା ଆୟୋଜିତ

ଭୁବନେଶ୍ୱର,(ପି.ଏନ):ବି. ଜେ. ବି. ସ୍ୱୟଂଶାସିତ ମହାବିଦ୍ୟାଳୟରେ ନୃତତ୍ତ୍ୱ ବିଜ୍ଞାନ, ସମାଜଶାସ୍ତ୍ର ଓ ସମାଜ ସେବା ସ୍ନାତକୋତ୍ତର ବିଭାଗର ମିଳିତ ସହଯୋଗରେ ଏକ ଆନ୍ତର୍ଜାତିକ କାର୍ମଶାଳା ଆୟୋଜିତ ହୋଇଯାଇଅଛି। ଏହା ଆଗାମୀ ତିନି ଦିନ ଧରି ଚ୍ାଲୁରହିବ। ଦେଶ ବିଦେଶରୁ ଆସିଥିବା ଦୁଇଶହ ଛାତ୍ର-ଛାତ୍ରୀ ଏବଂ ଗବେଷକ-ଗବେଶିକାମାନେ 'କଳା, ସଂସ୍କୃତି ଓ ଐତିହ' ବିଷୟରେ ସେମାନଙ୍କର ଗବେଷଣାକୁ ପରିପ୍ରକାଶ କରିବେ। କର୍ମଶାଳାର ପ୍ରଥମ ଦିନରେ ସ୍ୱାଗତ ସଙ୍ଗୀତ 'ବନ୍ଦେ ଉତ୍କଳ ଜନନୀ' ସହ ମୁଖ୍ୟ ଅତିଥି ଶ୍ରୀ ଅଶୋକ ଚ୍ନ୍ଦ୍ର ପଣ୍ଡା, ବିଜ୍ଞାନ ଓ ପ୍ରଯୁକ୍ତିବିଦ୍ୟା ବିଭାଗ, ଓଡ଼ିଶା ସରକାର, କର୍ଲଫର୍ଣିଆ ବିଶ୍ୱବିଦ୍ୟାଳୟର ପ୍ରଫେସର ଅନ୍ନପୂର୍ଣ୍ଣା ଦେବୀ ପାଣ୍ଡେ ଓ ତ୍ରୈଲୋକ୍ୟନାଥ ପାଣ୍ଡେ, ଡ଼ଃ ବେରର୍ଣ୍ଣ୍ଟ ହର୍ଣ୍ଣ୍ଂ,ବି.ଜେ.ବି. ସ୍ୱୟଂଶାସିତ ମହାବିଦ୍ୟାଳୟରେ ଅଧକ୍ଷ ପ୍ରଫେସର ଗୁଲାମ ନୈମୁଦ୍ଦିନ ଖାଁନ, କର୍ମଶାଳାର ସଂଯୋଜିକା ପ୍ରଫେସର ଡ଼ଃ ଇତିଶ୍ରୀ ପାଢ଼ୀ ଏବଂ ନାଲକୋର ସି.ଏମ.ଡି ଶ୍ରୀ ଶ୍ରୀଧର ପାତ୍ରଙ୍କୁ ସ୍ୱାଗତ କରାଯାଇ ସଭା କାର୍ଯ୍ୟ ଆରମ୍ଭ କରାଯାଇଥିଲା। ଉକ୍ତ ସଭାରେ ଜନଜାତି ବର୍ଗଙ୍କ ବିକାଶ ନିମନ୍ତେ ଉଲ୍ଲେଖନୀୟ ଅବଦାନପାଇଁ ପ୍ରଫେସର ଡ଼ଃ ଅଖିଳ ବିହାରୀ ଓତାଙ୍କୁ ମାନପତ୍ର ଓ ଉପଢୌକନ ଦେଇ ଶ୍ରୀ ଅଶୋକ ଚ୍ନ୍ଦ୍ର ପଣ୍ଡା ସମ୍ମାନିତ କରିଥିଲେ। କାର୍ମଶାଳାର ଉପ-ସଂଯୋଜିକା ଡ଼ଃ ବିଭାବରି ବଳ ଧନ୍ୟବାଦ ଅର୍ପଣ କରିଥିଲେ। ଏହି କର୍ମଶାଳାରେ ମହାବିଦ୍ୟାଳୟର ସମସ୍ତ ବିଭାଗର ଶିକ୍ଷକ-ଶିକ୍ଷୟତ୍ରୀ ଓ ଛାତ୍ର-ଛାତ୍ରୀ ଉପସ୍ଥିତ ରହିଥିଲେ। ସନ୍ଧ୍ୟାରେ ଓଡିଶୀ ନୃତ୍ୟଗୁରୁ ଶ୍ରୀ ଶାଶ୍ୱତ ଯୋଶୀଙ୍କ ଟିମ ସାଂସ୍କୃତିକ କାର୍ଯ୍ୟକ୍ରମ ପରିବେଷଣ କରିଥିଲେ।

## ବନ୍ୟାପାଣି ଧୋଇନେଲା ବାଲି ଲୁଟ୍ କେଲେଙ୍କାରୀ

ଧର୍ମଶାଳା, (ପିଏନ୍): ବନ୍ୟାପାଣି ଧୋଇନେଲା ବାଲି ଲୁଟ୍ କେଲେଙ୍କାରୀ। ବ୍ରାହ୍ମଣୀ ଓ କେଲୁଅ ନଦୀରେ ବନ୍ୟା ହେବା ଯୋଗୁ ଲୁଚିଗଲା ବାଲି ଚୋରିର ସବୁ ଗୁମର। ବନ୍ୟାଜଳରେ ନଦୀଗର୍ଭ ସମତଳ। ପାଣି କମିଲେ ପୁଣି ବାଲି ଚୋରି ହେଉଛି। ପ୍ରତିବର୍ଷ ବର୍ଷାଋତୁ ପୂର୍ବରୁ ଧର୍ମଶାଳା ତହସିଲ ଅଞ୍ଚଳରେ ପ୍ରବାହିତ ବ୍ରାହ୍ମଣୀ ଓ କେଲୁଅ ନଦୀରୁ ବେଆଇନ ଭାବେ ବାଲି ଲୁଟ୍ ହୋଇଥାଏ। ଏହାକୁ ନେଇ ଅଭିଯୋଗ ଉଠିଲେ ତହସିଲ ପକ୍ଷରୁ ଚଢ଼ଉ, ଗିରଫଦାରୀ, ଜରିମାନା, ମାପଚୁପ, ରାସ୍ତାବନ୍ଦ ଆଦି କଟକଣା ଲଗାଯାଉଛି। ଏହାସତ୍ତ୍ୱେ ବାଲି ଲୁଟ୍ ରୋକାଯିବା ସମ୍ଭବ ହେଉନାହିଁ। ନଦୀରେ ବନ୍ୟାଜଳ ପ୍ରବାହିତ ହେଲେ ଲୁଟ୍ ସ୍ଥାନରେ ବାଲି ଭର୍ତି ହୋଇଯାଉଛି। ପାଣି କମିଲେ ପୁଣି ନୂଆ ଚୋରି ଆରମ୍ଭ ହେଉଛି। ଏମିତି ପ୍ରତିବର୍ଷ କୋଟି କୋଟି ଟଙ୍କାର ବାଲି ଲୁଟ୍ ହେଉଥିବା ଅଭିଯୋଗ ହେଉଛି। ଏହି ବେଆଇନ କାରବାରକୁ ପ୍ରୋତ୍ସାହନ ଦେଉଥିବା ସରକାରୀ କର୍ମଚାରୀ ଓ ବାଲି ଲୁଟେରା ମାଲାମାଲ୍ ହେଉଥିବା ବେଳେ ରାଜ୍ୟ ସରକାରଙ୍କର ବିପୁଳ ରାଜସ୍ୱହାନୀ ହେଉଛି। ପ୍ରକାଶ ଯେ, ବ୍ରାହ୍ମଣୀ ନଦୀର ରାଇଛନ୍ଦା, ବୃନ୍ଦାଦେଇପୁର, ଚଉଷଠିପଡ଼ା, କୋଠିଡ଼ିହ ଓ କେଲୁଅ ନଦୀର ଉତରପ୍ରତାପ, ମିର୍ଜାପୁର ସାମିଲ୍ ବାସୁଦେବପୁର, କଦମପାଳ ଆଦି ସ୍ଥାନରେ ତହସିଲ ପକ୍ଷରୁ ବାଲିଘାଟ ନିଲାମ ଦିଆଯାଇଛି। ଚୁକ୍ତି ଅନୁଯାୟୀ କେବଳ ଶ୍ରମିକମାନେ ବାଲି ଉତୋଳନ କରି ଗାଡ଼ିରେ ବୋଝେଇ କରିବା କଥା। ହେଲେ ଲିଜ୍‌ଧାରୀ ଗୋଟିଏ ବାଲିଘାଟରେ ଏକାଧିକ ପୋକଲିନ୍ ମେସିନ୍ ବ୍ୟବହାର କରି ପ୍ରତିଦିନ ଶହ ଶହ ଟ୍ରିପ୍ ବାଲି ଉତ୍ତୋଳନ ଓ ପରିବହନ କରୁଛନ୍ତି।




# ଚାଷ ଓ ଚାଷୀ ସମସ୍ୟା ନେଇ କିଷାନ କଂଗ୍ରେସର ଆନ୍ଦୋଳନ ଡାକରା

ଭୁବନେଶ୍ୱର (ପିଏନ୍)- ଗଞ୍ଜାମ ଜିଲ୍ଲା ସମ୍ପୂର୍ଣ୍ଣ କୃଷି ଉପରେ ନିର୍ଭରଶୀଳ। କୃଷି କ୍ଷେତ୍ରରେ ବିକାଶ ହେଲେ ଜିଲ୍ଲାର କୃଷକଙ୍କ ଅର୍ଥନୈତିକ ବିକାଶ ହେବ। ଖୋଦ୍ ମୁଖ୍ୟମନ୍ତ୍ରୀ ଏହି ଜିଲ୍ଲାରୁ ପ୍ରତିନିଧିତ୍ୱ କରିଛନ୍ତି। କିନ୍ତୁ ଦୁର୍ଭାଗ୍ୟର ବିଷୟ ଏହି ୨୦ ଲକ୍ଷରୁ ଉର୍ଦ୍ଧ୍ୱ ଲୋକ ନିଜ ଭିଟାମାଟି ଛାଡ଼ି ବାହାର ରାଜ୍ୟରେ ଦାଦନ ଖଟୁଛନ୍ତି। ଫସଲ ହାନୀ ଓ ଋଣବୋଝରେ ଚାଷୀ ଆତ୍ମହତ୍ୟା କରୁଛି। ଜଳସେଚନ ବ୍ୟବସ୍ଥା ସମ୍ପୂର୍ଣ୍ଣ ଠପ୍। ପନିପରିବା ସଂରକ୍ଷଣ ପାଇଁ ଶୀତଳଭଣ୍ଡାରଟିଏ ନାହିଁ। ଚାଷୀ ତା'ର ଉତ୍ପାଦିତ ଫସଲର ଉପଯୁକ୍ତ ମୂଲ୍ୟ ପାଉନାହିଁ। ଫଳରେ ଏମ.ଏସ.ପି.ଠାରୁ କମ୍ ଦାମରେ ଧାନ ବିକ୍ରିକରି ବାରମ୍ବାର ଅଭାବୀ ବିକ୍ରିର ଶିକାର ହେଉଛି। ପୁରାତନ ଆସ୍କା ଚିନିକଳର ଦୁରାବସ୍ଥା କହିଲେ ନ ସରେ। କାଳିଆ ଓ ପି.ଏମ୍. କିଷାନ ଯୋଜନାରେ ଜିଲ୍ଲାର ୪୦ ପ୍ରତିଶତ ଚାଷୀଙ୍କୁ ଅନ୍ତର୍ଭୁକ୍ତ କରାଯାଇନାହିଁ। ସାରର ଅହେତୁକ ଅଭାବ ଓ ମୂଲ୍ୟବୃଦ୍ଧି, ଫସଲ ବୀମା କ୍ଷତିପୂରଣ ପାଇବାରେ ବହୁ ଚାଷୀ ବଞ୍ଚିତ ହେଉଛନ୍ତି। ଏହିସବୁ ସମସ୍ୟାଗୁଡ଼ିକର ଆଶୁ ସମାଧାନ ପାଇଁ ଜିଲ୍ଲାର କୁକୁଡ଼ାଖଣ୍ଡି ବ୍ଲକ ବଉଳଝୋଳିଠାରେ ୫୦୦ରୁ ଉର୍ଦ୍ଧ୍ୱ ଚାଷୀଙ୍କୁ ନେଇ ଗତ ୨୫ ତାରିଖ ଦିନ ଜିଲ୍ଲାସ୍ତରୀୟ କିଷାନ ଚିନ୍ତନ ଶିବିର ଜିଲ୍ଲା କିଷାନ କଂଗ୍ରେସ ଅଧ୍ୟକ୍ଷ ବୃନ୍ଦାବନ ଖଟେଇଙ୍କ ସଭାପତିତ୍ୱରେ ଅନୁଷ୍ଠିତ ହୋଇଯାଇଛି। ଏହି ଶିବିରରେ ଓଡ଼ିଶା ପ୍ରଦେଶ କିଷାନ କଂଗ୍ରେସ ଅଧ୍ୟକ୍ଷ ଅମିୟ କୁମାର ପଟ୍ଟନାୟକ, ଜିଲ୍ଲା କଂଗ୍ରେସ କମିଟି ସଭାପତି ତଥା ସାନଖେମୁଣ୍ଡିର ବିଧାୟକ ରମେଶ ଜେନା ସମ୍ମାନୀତ ଅତିଥି ଭାବରେ ଯୋଗଦେଇ ଉପସ୍ଥିତ ଥିବା ଚାଷୀମାନଙ୍କ ସହିତ ବିସ୍ତୃତ ଆଲୋଚନା କରିବା ପରେ କୃଷି ଓ କୃଷକଙ୍କ ବିକାଶ ପାଇଁ ସରକାରଙ୍କ ଯୋଜନା କେବଳ ପ୍ରଚାର ଓ ପ୍ରସାରସର୍ବସ୍ୱ ହୋଇଛି। ଉଭୟ ସରକାର ଚଳିତ ୨୦୨୨ ସୁଦ୍ଧା ଚାଷୀର ଆୟ ଦୁଇଗୁଣା ବୃଦ୍ଧି କରିବା ପାଇଁ ଦେଇଥିବା ପ୍ରତିଶ୍ରୁତି ବାସ୍ତବତାଠାରୁ ସମ୍ପୂର୍ଣ୍ଣ ଭିନ୍ନ। ଚାଷୀ ସଂଗଠିତ ହୋଇ ଆନ୍ଦୋଳନ କରିଥିବାରୁ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ ତିନୋଟି କଳା କୃଷି ଆଇନ ପ୍ରତ୍ୟାହାର କଲେ। ଆଜି ସେହିଭଳି ଗଞ୍ଜାମ ଜିଲ୍ଲାର ୨୨ଟି ବ୍ଲକର ଚାଷୀମାନେ ଏକତ୍ରିତ ହୋଇ ଆନ୍ଦୋଳନକୁ ଓହ୍ଲାଇଲେ ଚାଷୀ ତାର ହକ୍ ନିଶ୍ଚୟ ପାଇପାରିବ ବୋଲି ସେମାନେ କହିଥିଲେ। ଆସନ୍ତା ନଭେମ୍ବର ୧୫ ତାରିଖ ସୁଦ୍ଧା ଜିଲ୍ଲାର ପ୍ରତି ବୁଥ୍, ପଞ୍ଚାୟତ, ବ୍ଲକ ଓ ଜିଲ୍ଲାସ୍ତର ପର୍ଯ୍ୟନ୍ତ କିଷାନ କଂଗ୍ରେସ ସଂଗଠନକୁ ସକ୍ରିୟ କରାଯିବା ସହିତ ପ୍ରତି ବ୍ଲକସ୍ତରରେ କିଷାନ ଚିନ୍ତନ ଶିବିର ଆୟୋଜନ ଓ ଆସନ୍ତା ଡିସେମ୍ବର ମାସରେ ଉଭୟ ବିଜେପି ବିଜେଡ଼ି ସରକାରଙ୍କ ଚାଷୀମାରଣ ନୀତି ବିରୁଦ୍ଧରେ ବିଶାଳ ଚାଷୀ ସମାବେଶ ଆୟୋଜନ କରିବାକୁ ନିଷ୍ପତ୍ତି ନିଆଯାଇଛି। ଧାନର ସର୍ବନିମ୍ନ ସହାୟକ ମୂଲ୍ୟ ୨୯୩୦ ଟଙ୍କାକୁ ବୃଦ୍ଧି ଓ ଏମ.ଏସ.ପି.ର ଆଇନଗତ ବ୍ୟବସ୍ଥା, କୃଷି ଇନପୁଟ୍ ସବସିଡ଼ିର ୨ଗୁଣା ବୃଦ୍ଧି, ପ୍ରତି ବ୍ଲକସ୍ତରରେ ଶୀତଳ ଭଣ୍ଡାର ନିର୍ମାଣ, ମହାନଗର ନିଗମ ଅଞ୍ଚଳରେ ଓମଫେଡ଼ ଭଳି ଭେଜଫେଡ ପ୍ରତିଷ୍ଠା, ଚାଷକାର୍ଯ୍ୟ ପାଇଁ ପ୍ରତି ବ୍ଲକରେ ୫୦ ପ୍ରତିଶତ ଜଳସେଚନ ବ୍ୟବସ୍ଥା, ପଞ୍ଚାୟତ ପରିବର୍ତ୍ତେ ପ୍ରତି ରାଜସ୍ୱ ଗ୍ରାମକୁ ଏକକ ୟୁନିଟ୍ ଭାବେ ଗ୍ରହଣ, ସମସ୍ତ ଚାଷୀଙ୍କୁ କାଳିଆ ଓ ପି.ଏମ୍. କିଷାନ ଯୋଜନାରେ ଅନ୍ତର୍ଭୁକ୍ତ ଓ ବାର୍ଷିକ ୨୪ ହଜାର ଟଙ୍କା ସହାୟତା ରାଶି ପ୍ରଦାନ, ଆସ୍କା ଚିନିକାରଖାନାର ନୂତନ ରୂପାନ୍ତରିତ, ଜିଲ୍ଲାରେ ସୂତାକଳ ପ୍ରତିଷ୍ଠା, ଦାଦନ ଶ୍ରମିକ ରୋକିବା ପାଇଁ କୃଷି କ୍ଷେତ୍ରରେ ମନରେଗା କାର୍ଯ୍ୟକ୍ରମର ସଂପ୍ରସାରଣ ଓ କୃଷିଭିତ୍ତିକ ଶିଳ୍ପ ଓ ଖାଦ୍ୟ ପ୍ରକ୍ରିୟା ଓ ପ୍ରସ୍ତୁତିକରଣ ୟୁନିଟ୍ ସ୍ଥାପନ ଏବଂ ଗୋପାଳପୁରଠାରେ କିଆଫୁଲରୁ ଅତର ପ୍ରକ୍ରିୟାକରଣ ୟୁନିଟ୍ ସ୍ଥାପନ ପାଇଁ କିଷାନ କଂଗ୍ରେସ ପକ୍ଷରୁ ଦୃଢ଼ ଦାବୀ କରାଯାଇଛି।

ସାରା ଭାରତବର୍ଷରେ ଚାଷୀ ଆଜି ଅସୁରକ୍ଷିତ। ବେକାରୀ ସମସ୍ୟା ବଢ଼ିଚାଲିଛି। ଆକାଶଛୁଆଁ ଦରଦାମ୍ ବୃଦ୍ଧି ସାଧାରଣ ଜନଜୀବନକୁ ବିପନ୍ନ କରିଛି। ସମ୍ବିଧାନ ଅସୁରକ୍ଷିତ। ଧର୍ମ ନାମରେ ଜାତିଆଣ ଭାବ ସୃଷ୍ଟି କରାଯାଉଛି। ସର୍ବବୃହତ୍ ଗଣତନ୍ତ୍ର ରାଷ୍ଟ୍ର ଭାରତବର୍ଷର ସାମଗ୍ରୀକ ବିକାଶ ପାଇଁ ଏବଂ ମୋଦି ସରକାରକୁ ଚେକ୍ ଦେବାପାଇଁ ଏ.ଆଇ.ସି.ସି.ର ପୂର୍ବତନ ଅଧ୍ୟକ୍ଷ ଶ୍ରୀ ରାହୁଲ ଗାନ୍ଧୀ ଗତ ୭ ତାରିଖଠାରୁ ଯେଉଁ 'ଭାରତ ଯୋଡ଼' ଯାତ୍ରା ଜାରି ରଖିଛନ୍ତି, ଏଥିରେ ଦେଶର ସବୁ ବର୍ଗର ଲକ୍ଷ ଲକ୍ଷ ଲୋକ ସ୍ୱତଃପ୍ରବୃତ୍ତ ସମର୍ଥନ ଜଣାଉଛନ୍ତି। ଭାରତ ଯୋଡ଼ ଯାତ୍ରାର ସଫଳତା ପାଇଁ ଆସନ୍ତା ଅକ୍ଟୋବର ୩୧ ତାରିଖ ଦିନଠାରୁ ଓଡ଼ିଶା ପ୍ରଦେଶ କଂଗ୍ରେସ କମିଟି ସଭାପତି ଶ୍ରୀ ଶରତ ପଟ୍ଟନାୟକ ଦୀର୍ଘ ୨୨ଶହ କିଲୋମିଟର ବ୍ୟାପୀ ଓଡ଼ିଶା ପରିକ୍ରମା କରିବା ବେଳେ ଗଞ୍ଜାମ ଜିଲ୍ଲାରୁ ହଜାର ହଜାର ଚାଷୀ ଶ୍ରୀ ପଟ୍ଟନାୟକଙ୍କ ନେତୃତ୍ୱର ପରିକ୍ରମା ଯାତ୍ରାରେ ସାମିଲ ହେବା ପାଇଁ ନିଷ୍ପତ୍ତି ହୋଇଛି। ଅନ୍ୟମାନଙ୍କ ମଧ୍ୟରେ ଜିଲ୍ଲା କିଷାନ କଂଗ୍ରେସ ସଂଯୋଜକ କେ. ଶ୍ୟାମସୁନ୍ଦର ଦୋରା, ରାଜ୍ୟ କିଷାନ କଂଗ୍ରେସର ରାଜ୍ୟ ଉପାଧ୍ୟକ୍ଷ ସୁବାଷ ରାଉତ, ସମ୍ପାଦକ ସାଇ ପ୍ରସାଦ ପାତ୍ର, ପଦ୍ମଚରଣ ସାହୁ, ଦିଗପହଣ୍ଡି ନଗରପାଳ ପ୍ରଫୁଲ୍ଲ ଚନ୍ଦ୍ର ପଣ୍ଡା, ଜିଲ୍ଲା ଯୁବ କଂଗ୍ରେସ ସଭାପତି ସନାତନ ସାହୁ ପ୍ରମୁଖ ବକ୍ତବ୍ୟ ରଖିଥିଲେ।

# ଧର୍ମଶାଳା ମୋ କଲେଜ ଅଭିଯାନ ବୈଠକ



ଧର୍ମଶାଳା (ପିଏନ୍): ଜାରକାସ୍ଥିତ ଧର୍ମଶାଳା ମହାବିଦ୍ୟାଳୟ ପରିସରରେ ମୋ କଲେଜ ଅଭିଯାନ ବୈଠକ ଅନୁଷ୍ଠିତ ହୋଇଯାଇଛି। କଲେଜର ଅଧ୍ୟକ୍ଷ ତପନ କୁମାର ମିଶ୍ରଙ୍କ ସଭାପତିତ୍ୱରେ ଅନୁଷ୍ଠିତ ବୈଠକରେ ବିଧାୟକ ପ୍ରଣବ କୁମାର ବଳବନ୍ତରାୟ, କଲେଜ ପରିଚାଳନା କମିଟି ସଭାପତି ଡ. ପ୍ରିୟନାଥ ମହାପାତ୍ର ଯୋଗଦେଇଥିଲେ। ଧର୍ମଶାଳା ମହାବିଦ୍ୟାଳୟ ଧର୍ମଶାଳା ବ୍ଲକର ସର୍ବପୁରାତନ ମହାବିଦ୍ୟାଳୟ, ଏହି ମହାବିଦ୍ୟାଳୟର ଅନେକ ଉନ୍ନତି ମୁଳକ କାର୍ଯ୍ୟ ହୋଇଥିଲେ ହେଁ ଆଉ ଅନେକ କାର୍ଯ୍ୟ ହେବାର ଅବଶ୍ୟକତା ରହିଛି। କଲେଜଗୁଡିକର ଉନ୍ନତି ପାଇଁ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ମୋ କଲେଜ ଅଭିଯାନର ଶୁଭାରମ୍ଭ କରିଛନ୍ତି। ଏହି କଲେଜର ବହୁ ଛାତ୍ରଛାତ୍ରୀମାନେ ଉଚ୍ଚ ପଦପଦବୀରେ ଅଧିଷ୍ଠିତ ହୋଇଛନ୍ତି। ସେମାନଙ୍କୁ ମୋ କଲେଜ ଅଭିଯାନରେ ସାମିଲ କରିବାକୁ ପ୍ରସ୍ତାବ ଦେଇଥିଲେ। ଏଥିସହିତ ପୁରାତନ ଛାତ୍ର ସଂସଦର ସଭାପତିମାନଙ୍କୁ ଯୋଗାଯୋଗ କରି ଏହି ଅଭିଯାନରେ ସମସ୍ତଙ୍କୁ ସାମିଲ କରିବାକୁ ମତବ୍ୟକ୍ତ କରିଥିଲେ। ଏହି ଅବସରରେ ପ୍ରଥମ ବ୍ୟାଚର ଛାତ୍ର ବଟକୃଷ୍ଣ ପରିଡା, ପୁରାତନ ଛାତ୍ର ସଂସଦ ସଭାପତି କ୍ଷିତିଶ ନାୟକ, ଜିଲ୍ଲା ପରିଷଦ ସଭ୍ୟା ସ୍ମୃତିରେଖା ବେହେରା, ଛାତ୍ର ବିଜେଡି ଜିଲ୍ଲା ସଭାପତି ସୌମ୍ୟପ୍ରକାଶ ବିଶ୍ୱାଳ, ସମିତି ସଭ୍ୟା କ୍ଷୀରାବ୍ଧି ତନୟା ମଲିକ ପ୍ରମୁଖ ମୋ କଲେଜ ଅଭିଯାନର ସଫଳତା ପାଇଁ ଆଶାବ୍ୟକ୍ତ କରିଥିଲେ। ଆସନ୍ତା ଅକ୍ଟୋବର ମାସ ୨୩ ତାରିଖରେ ପରବର୍ତ୍ତୀ ବୈଠକ ଅନୁଷ୍ଠିତ ହେବ ବୋଲି ସ୍ଥିର କରାଯାଇଥିଲା। ପ୍ରାରମ୍ଭରେ ମୋ କଲେଜ ଅଭିଯାନର ସଂଯୋଜକ ନିଗମାନନ୍ଦ ବିଶ୍ୱାଳ ସୂଚନା ପ୍ରଦାନ କରିଥିଲେ। ଅଧ୍ୟାପକ ବିଶ୍ୱଜିତ ନାୟକ ଧନ୍ୟବାଦ ଅର୍ପଣ କରିଥିଲେ।

# ବାଲେଶ୍ୱରରେ ଶିଶୁ ପାଇଁ ଦିନଟିଏ କାର୍ଯ୍ୟକ୍ରମ



ବାଲେଶ୍ୱର (ପିଏନ୍)-ଶିଶୁ ସୁରକ୍ଷା ୟୁନିଟ ପକ୍ଷରୁ ଜିଲ୍ଲାସ୍ତରୀୟ "ଶିଶୁ ପାଇଁ ଦିନଟିଏ" କାର୍ଯ୍ୟକ୍ରମ ଏନ୍ ଆଇ ସି ପରିସରରେ ଥିବା ମହାତ୍ମା ଗାନ୍ଧୀ ସଭାଗୃହରେ ଅନୁଷ୍ଠିତ ହୋଇଯାଇଛି। ମୁଖ୍ୟ ଅତିଥି ଭାବେ ଜିଲ୍ଲା ପରିଷଦ ସଭାପତି ନାରାୟଣ ପ୍ରଧାନ ଯୋଗଦେଇଥିଲେ। ସମ୍ମାନିତ ଅତିଥିଭାବେ ଜିଲ୍ଲାପାଳ ଦତ୍ତାତ୍ରୟ ଭାଓ ସାହେବ ଶିନ୍ଦେ ଓ ଅତିରିକ୍ତ ଜିଲ୍ଲାପାଳ ଭାବେଶ ନାୟକ ପ୍ରମୁଖ ଯୋଗଦେଇଥିଲେ। ଜିଲ୍ଲା ଶିଶୁ ସୁରକ୍ଷା ଅଧିକାରୀ ଶ୍ରୀଯୁକ୍ତ ମାଝୀ ସଭାପତିତ୍ୱ କରିଥିବା ବେଳେ ଜିଲ୍ଲାସୁରକ୍ଷା ୟୁନିଟ ଏବଂ ଜିଲ୍ଲା ସୁରକ୍ଷା ମଙ୍ଗଳ କମିଟି ସଦସ୍ୟ, ସଦସ୍ୟାମାନେ କାର୍ଯ୍ୟକ୍ରମରେ ଉପସ୍ଥିତ ଥିଲେ। ଚଳିତ ବର୍ଷ ମ୍ୟାଟ୍ରିକ ପରୀକ୍ଷାରେ ୮୦ ପ୍ରତିଶତରୁ ଉର୍ଦ୍ଧ୍ୱ ନମ୍ବର ରଖିଥିବା ୯ ଜଣ କୃତି ଛାତ୍ରଛାତୀଙ୍କୁ ୫ ହଜାର ଟଙ୍କା ଲେଖାଏଁ ବୃ ି ପ୍ରଦାନ କରାଯାଇଥିଲା। ସେହିପରି "ସୁକନ୍ୟା ସମୃଦ୍ଧି" ଯୋଜନାରେ ୧୪ ଜଣ ଛାତ୍ରୀଙ୍କ ଆକାଉଣ୍ଟ ଖୋଲାଯାଇ ପାଶ ବୁକ୍ ପ୍ରଦାନ କରାଯାଇଥିଲା। ୧୮ ବର୍ଷ ପର୍ଯ୍ୟନ୍ତ ସେମାନଙ୍କ ଆକାଉଣ୍ଟକୁ ୨ ହଜାର ଟଙ୍କା ଜମା କରାଯିବ ବୋଲି ଜିଲ୍ଲା ଶିଶୁ ସୁରକ୍ଷା ଅଧିକାରୀ ଶ୍ରୀ ମାଝୀ ବକ୍ତବ୍ୟରେ କହିଥିଲେ।

# ଅବକାରୀ ବିଭାଗ ପକ୍ଷରୁ ଚଢାଉ, ଦେଶୀ ମଦ ଜବତ

ଖୋର୍ଦ୍ଧା (ପିଏନ୍)-ଖୋର୍ଦ୍ଧା ଜିଲ୍ଲା ଅବକାରୀ ବିଭାଗ ପକ୍ଷରୁ ବେଗୁନିଆ ଥାନା ଅନ୍ତର୍ଗତ ରାସୋଳ ଗ୍ରାମରେ ଦେଶୀ ରନ୍ଧା ମଦ ଭାଟି ଉପରେ ଚଢାଉ କରାଯାଇଥିଲା। ଏହି ଚଢାଉ ବେଳେ ୧ହଜାର ୨୦ ଲିଟର ଦେଶୀ ମଦ ଜବତ କରାଯିବା ସହ ଆବଶ୍ୟକୀୟ ସରଂଜାମ ସହ ଗୋଟିଏ ମାରୁତି କାର ଜବତ କରାଯାଇଥିଲା। ଏଥିରେ ମଦ ପ୍ରସ୍ତୁତ କରୁଥିବା ରାସୋଳ ଗ୍ରାମର ରଜନୀକାନ୍ତ ପାଇକରାୟ କୌଣସି ସୂତ୍ରରୁ ଖବର ପାଇ ଘଟଣାସ୍ଥଳରୁ ଫେରାର ହୋଇ ଯାଇଥିଲେ ବୋଲି ଜିଲ୍ଲା ଅବକାରୀ ବିଭାଗର ନିରୀକ୍ଷକ ଭୈରବ ସାହୁଙ୍କ ଠାରୁ ପ୍ରକାଶ। ଏ ନେଇ ଜିଲ୍ଲା ଭ୍ରାମ୍ୟମାଣ ଅବକାରୀ ନିରୀକ୍ଷକ ରାଜଶେଖର ସ୍ୱାଇଁ, ଭ୍ରାମ୍ୟମାଣ ଉପ-ନିରୀକ୍ଷକ ବି ମନୋଜ କୁମାର, ବେଗୁନିଆ ଓଆଇସି ରାଜେନ୍ଦ୍ର ଜେସ ଓ ଖୋର୍ଦ୍ଧା, ବେଗୁନିଆର ଭ୍ରାମ୍ୟମାଣ କର୍ମଚାରୀମାନେ ଅଂଶଗ୍ରହଣ କରିଥିଲେ।

# ଭ୍ରାନ୍ତିହୀନ କ୍ରାନ୍ତିକାରୀ ପ୍ରାଣନାଥ





ମାନବ ସମାଜର ଅଗ୍ରଗତି ପଥରେ ଯେଉଁସବୁ ପ୍ରତିବନ୍ଧକ ରହିଛି ତାକୁ ହଟାଇ ସ୍ଥିତାବସ୍ଥା ବଦଳରେ ନୂତନ ପ୍ରଗତିଶୀଳ ବ୍ୟବସ୍ଥାକୁ ଯିବାର ନାମ କ୍ରାନ୍ତି। ସ୍ୱର୍ଗୀୟ ପ୍ରାଣନାଥ ପଟ୍ଟନାୟକ ଥିଲେ ଏହି କ୍ରାନ୍ତି ପଥର ଯାତ୍ରୀ। ତେଣୁ ସେ ଥିଲେ କ୍ରାନ୍ତିକାରୀ। ଅତି ସରଳ ଭାବରେ ବୁଝିବାକୁ ଗଲେ ସେ ଥିଲେ ଜଣେ ଉତ୍ସର୍ଗୀକୃତ ସଂଗ୍ରାମୀ, ସମାଜ ସଂସ୍କାରକ, ବାମପନ୍ଥୀ ଚିନ୍ତାଧାରାର ପ୍ରବକ୍ତା, ପ୍ରଗତିବାଦର ଜନନେତା, ଶିକ୍ଷାର ପ୍ରସାରରେ ଅଗ୍ରଣୀ, ଆସନ୍ତାକାଳିର ସାହିତ୍ୟ ଲେଖକ।

ଗୋଟିଏ ସମ୍ଭ୍ରାନ୍ତ ବଂଶରେ ଜନ୍ମଲାଭ କରି ଉଚ୍ଚଶିକ୍ଷା ଲାଭ କରିଥିବା ଯୁବକ ପ୍ରାଣନାଥ ପଟ୍ଟନାୟକ ଉଚ୍ଚ ଚାକିରିର ମୋହ ତ୍ୟାଗ କରି ଐତିହାସିକ ଆବଶ୍ୟକତାର ଆହ୍ୱାନକୁ ସ୍ୱାଗତ ଜଣାଇ ଏବଂ ଗାନ୍ଧି, ଗୋପବନ୍ଧୁଙ୍କୁ ନିଜ ଜୀବନର ଆଦର୍ଶ ରୂପେ ଗ୍ରହଣ କରିନେଇ ଜାତୀୟ ମୁକ୍ତି ଆନ୍ଦୋଳନକୁ ଲମ୍ଫ ଦେଇଥିଲେ। ଜୀବନର ଶେଷ ସମୟ ପର୍ଯ୍ୟନ୍ତ ସେ ଥିଲେ କ୍ରାନ୍ତିକାରୀ ଓ କ୍ରାନ୍ତିପଥର ପଥିକ। ୧୯୩୬ରେ ଓଡ଼ିଶାରେ କୃଷକ ସଙ୍ଗଠନ ଗଠିତ ହେଲା। ପ୍ରାଣନାଥ ପଟ୍ଟନାୟକ ସେହି ସଙ୍ଗଠନର ମୁଖ୍ୟ କର୍ତ୍ତା ଭାବେ ରହିଥିଲେ। ଦୀର୍ଘବର୍ଷ ଧରି ରାଜ୍ୟ କୃଷକ ସଭାର ସେ ସଭାପତି ରହି କୃଷକ ଆନ୍ଦୋଳନକୁ ନେତୃତ୍ୱ ଦେଉଥିଲେ। ମାର୍କ୍ସବାଦର ବୈଜ୍ଞାନିକ ସାମ୍ୟବାଦ ତତ୍ତ୍ୱରେ ଉଦ୍‌ବୁଦ୍ଧ ହୋଇ କଲିକତାରେ କମ୍ୟୁନିଷ୍ଟ ପାର୍ଟି ଗଠିତ ହେଲା। ଭଗବତୀ ଚରଣ ପାଣିଗ୍ରାହୀ ଏହାର ସମ୍ପାଦକ ରହିଥିଲେ। ତେଣୁ ଓଡ଼ିଶାରେ କମ୍ୟୁନିଷ୍ଟ ପାର୍ଟିର ସେ ଥିଲେ ଅନ୍ୟତମ ସ୍ରଷ୍ଟା।

ସ୍ୱାଧୀନତା ପରେ ମଧ୍ୟ ସେ ଦୀର୍ଘଦିନ ଆତ୍ମଗୋପନ କରି ଶେଷରେ ୧୯୪୮ରୁ ୫୨ ପର୍ଯ୍ୟନ୍ତ ଅଟକବନ୍ଦୀ ହୋଇ ରହିବା ସହିତ ୧୯୬୪ରେ ଦରଦାମ ବୃଦ୍ଧି, ବ୍ୟାଙ୍କ ଜାତୀୟକରଣ, ରଜାଙ୍କ ଭତ୍ତା କାଟ ଦାବି ନେଇ ଆନ୍ଦୋଳନ କରି ଦୀର୍ଘ ଛଅ ମାସରୁ ଉର୍ଦ୍ଧ୍ୱକାଳ ବନ୍ଦୀ ଜୀବନ କଟାଇଥିଲେ। ସେ ଜଣେ ନିର୍ଭୀକ ସଂଗ୍ରାମୀ ଭାବେ ଏସବୁ ଦଣ୍ଡକୁ ସହ୍ୟକରି ନେଉଥିଲେ। ଖୋର୍ଦ୍ଧାବାସୀଙ୍କ ଶ୍ରଦ୍ଧା ପାଇ ସେ ଓଡ଼ିଶା ବିଧାନସଭାକୁ ୧୯୩୬/୩୭ରେ ଓ ସ୍ୱାଧୀନତା ପରେ ୧୯୫୭ରେ ବିଧାୟକ ଭାବେ ନିର୍ବାଚିତ ହୋଇ ଆସିଥିଲେ। ଜଣେ ବିଧାୟକ ଭାବେ ତାଙ୍କର ଯଥେଷ୍ଟ ସମ୍ମାନ ଓ ଖ୍ୟାତି ଥିଲା। ପ୍ରାଣନାଥ ପଟ୍ଟନାୟକ କେବଳ ଏକ ନାମ ନୁହେଁ। ଏହା ଏକ କ୍ରାନ୍ତିକାରୀ ସଙ୍ଗଠନ, ଏକ କ୍ରାନ୍ତିକାରୀ ତତ୍ତ୍ୱ, ଏକ କ୍ରାନ୍ତିକାରୀ ଇତିହାସ। ଆଗକୁ ଆଲୋକ ଦେଖାଉଥିବା ଏକ ଉଜ୍ଜ୍ୱଳ ନକ୍ଷତ୍ର।

**ଉମାଶଙ୍କର ପ୍ରସାଦ,** ସ୍ତମ୍ଭକାର ତଥା ସାମ୍ବାଦିକ, ଖୋର୍ଦ୍ଧା, ମୋ: ୮୮୯୫୫୪୭୪୯୦

# କର୍କଟ ପୀଡ଼ିତଙ୍କୁ ସହାୟତା ଯୋଗାଇଲା କଳ୍ପନା ଛକଟୋକା ସଂଘ

ଭୁବନେଶ୍ୱର (ପିଏନ୍): ସମାଜରେ ସାମାଜିକ ବିପ୍ଳବ ସୃଷ୍ଟି କରିବାରେ କଳ୍ପନା ଛକଟୋକା ସଂଘ ଏକ ସ୍ଥାନ ସୃଷ୍ଟି କରିପାରିଛି। ରାଜଧାନୀର ରାସ୍ତାକଡ଼ରେ ସମାଜ ମଙ୍ଗଳ ହୁଣ୍ଡି ପ୍ରତିଷ୍ଠା କରି ଅସହାୟ କର୍କଟ ରୋଗରେ ପୀଡ଼ିତ ଓ ପୀଡ଼ିତାଙ୍କ ମୁହଁରେ ଟିକେ ହସ ଫୁଟାଇବାରେ ସକ୍ଷମ ହୋଇପାରିଛି। ପାଞ୍ଚବର୍ଷ ପୂର୍ବରୁ ଯୁବକମାନଙ୍କଠାରୁ ହୁଣ୍ଡି ମାଧ୍ୟମରେ ଆଦାୟ ଅର୍ଥରାଶିକୁ ବର୍ତ୍ତମାନ ପର୍ଯ୍ୟନ୍ତ ୨୨ ଜଣ ମାରାତ୍ମକ କର୍କଟ ରୋଗୀଙ୍କୁ ନିଃସ୍ୱାର୍ଥପର ଭାବେ ତାର ସେବା ଜାରି ରଖିଛି। ରାଜଧାନୀର ବିଭିନ୍ନ ଖଟି ନିଶାମୁକ୍ତ, ହିଂସାମୁକ୍ତ ହେବା ସହ ସମାଜସେବାକୁ ଗୁରୁତ୍ୱ ଦେଇ ଭାଇଚାରା ବଜାୟ ରଖିବା ସଂଘର ଲକ୍ଷ୍ୟ ଓ ଉଦ୍ଦେଶ୍ୟ।

ଏହାକୁ ଆଖି ଆଗରେ ରଖି କଳ୍ପନା ଛକଟୋକା ସଂଘର ୨୩ତମ ସମାଜ ମଙ୍ଗଳ ହୁଣ୍ଡିଦାନ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ସମାଜମଙ୍ଗଳ ହୁଣ୍ଡିର ପ୍ରତିଷ୍ଠାତା ନାରାୟଣ ଚନ୍ଦ୍ର ଓଝାଙ୍କ ସଭାପତିତ୍ୱରେ ମୁଖ୍ୟ ଅତିଥି ଭାବେ ମଧ୍ୟ ବିଧାୟକ ଶ୍ରୀଯୁକ୍ତ ଅନନ୍ତ ନାରାୟଣ ଜେନା ଯୋଗଦେଇ ସମାଜମଙ୍ଗଳ ହୁଣ୍ଡିର ମହାନ କାର୍ଯ୍ୟକୁ ଭୂୟସୀ ପ୍ରଶଂସା କରିଥିଲେ। ହୁଣ୍ଡିରୁ ଆଦାୟ ମୋଟ ତିରିଶି ହଜାର ପାଞ୍ଚଶହ ଏକ ଟଙ୍କା ଅର୍ଥରାଶି ବ୍ରହ୍ମେଶ୍ୱରପୁର, ଡେଲାଙ୍ଗ, ପିପିଲି ଅଞ୍ଚଳର କର୍କଟ ପୀଡ଼ିତ ସତ୍ୟପ୍ରିୟ ନାୟକଙ୍କୁ ଅତିଥିମାନଙ୍କ ଉପସ୍ଥିତିରେ ପ୍ରଦାନ କରାଯାଇଥିଲା।

ସମ୍ମାନିତ ଅତିଥି ଭାବେ ଏସିପି ବିଷ୍ଣୁ ପ୍ରସାଦ ପାତ୍ର, କର୍ପୋରେଟର ଆଶିଷ ପଟ୍ଟନାୟକ, ସମାଜସେବୀ ଆଦିତ୍ୟ ଗଜେନ୍ଦ୍ର, ଯୁବନେତା ସଂଗ୍ରାମ ମାର୍ଥା, ପ୍ରଯୋଜକ ଶ୍ରୀଧର ମାର୍ଥା, ସମାଜସେବୀ ତଥା କବୟିତ୍ରୀ ବନ୍ଦନା ହରିଚନ୍ଦନ, ସ୍ତମ୍ଭକାର ସୃଷ୍ଟିକୀର୍ତ୍ତି ତ୍ରିପାଠୀ, ସମାଜସେବୀ ମନସ୍ମିତା ଜେନା, ସମାଜସେବୀ ସସ୍ମିତା ଦାସ, ସମାଜସେବୀ ଲିପିକା ରାୟ, ନାଟ୍ୟ ପ୍ରାଧ୍ୟାପକ ଡା. ଅସିତ ଦାସ, ନିର୍ଦ୍ଦେଶକ ଶିବଶଙ୍କର ତ୍ରିପାଠୀ, ଅଭିନେତା ବୁଲୁ ପଣ୍ଡା, ଯାତ୍ରା ନାୟକ ହୃଷିକେଶ ମିଶ୍ର ପ୍ରମୁଖ ଯୋଗ ଦେଇଥିଲେ। ସଂଘର ସଭାପତି ଧୀରେନ ରାଉତରାୟ ଧନ୍ୟବାଦ ଅର୍ପଣ କରିଥିଲେ। ଉପସଭାପତି ପବିତ୍ର ଗଜେନ୍ଦ୍ର, ରୋହିତ କୁମାର, ସଞ୍ଜୟ ପରିଡ଼ା, ପ୍ରମୋଦ କୁମାର ପତି, ଗୁରୁପଦ ନାଥ, ବାସୁଭ ଦାସ, ତନ୍ମୟ ସାମନ୍ତରାୟ, ବାବୁଲା ପରିଡ଼ା, ସ୍ନିଗ୍ଧା ମହାନ୍ତି, ରୂପଶ୍ରୀ ସାହୁ, ବର୍ଷା ଦାସ, ଇମନ ମହାନ୍ତି, ଜ୍ୟୋତିର୍ମୟୀ ପଣ୍ଡା, ନିରଞ୍ଜନ ସାହୁ, ରାଜକୁମାର, ସନ୍ଧ୍ୟାରାଣୀ ପ୍ରମୁଖ କାର୍ଯ୍ୟକ୍ରମର ପରିଚାଳନା କରିଥିଲେ।

# କଂଗ୍ରେସ କର୍ମୀଙ୍କୁ ପିସିସି ସଭାପତିଙ୍କ ଧନ୍ୟବାଦ ଜ୍ଞାପନ

ରାଉରକେଲା (ପିଏନ୍): ପ୍ରଦେଶ କଂଗ୍ରେସ ସଭାପତି ଶ୍ରୀ ଶରତ ପଟ୍ଟନାୟକ ତାଙ୍କର ୩ ଦିନିଆ ରାଉରକେଲା ଓ ସୁନ୍ଦରଗଡ ଗସ୍ତ ସାରି ଭୁବନେଶ୍ୱର ଅଭିମୁଖେ ଯାତ୍ରା କରିଛନ୍ତି। ତାଙ୍କର ଏହି ଗସ୍ତ କାଳରେ ରାଉରକେଲା ଜିଲ୍ଲା କଂଗ୍ରେସ ତରଫରୁ ହଜାର ହଜାର ସଂଖ୍ୟାରେ କଂଗ୍ରେସ କର୍ମୀ ତାଙ୍କୁ ସ୍ୱାଗତ କରି ସମ୍ବର୍ଦ୍ଧିତ କରିଥିଲେ। ସେହିପରି ସୁନ୍ଦରଗଡ ଜିଲ୍ଲା କଂଗ୍ରେସ ତରଫରୁ ମଧ୍ୟ ସୁନ୍ଦରଗଡରେ ଶ୍ରୀ ପଟ୍ଟନାୟକଙ୍କୁ ବିପୁଳ ସ୍ୱାଗତ ସମ୍ବର୍ଦ୍ଧନା ଜ୍ଞାପନ କରାଯାଇଥିଲା। ରାଜଗାଙ୍ଗପୁରରେ ମଧ୍ୟ ଯୁବ କଂଗ୍ରେସ କର୍ମୀଙ୍କୁ ନେଇ ଏକ ମହତ୍ୱପୂର୍ଣ୍ଣ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା। ଏହି ସମସ୍ତ କାର୍ଯ୍ୟକ୍ରମରେ ଉଭୟ ଜିଲ୍ଲା କଂଗ୍ରେସର କର୍ମକର୍ତ୍ତା ଓ କର୍ମୀ ତଥା ବରିଷ୍ଠ କଂଗ୍ରେସ ନେତୃବୃନ୍ଦ, ଯୁବ କଂଗ୍ରେସ, ଛାତ୍ର କଂଗ୍ରେସ, ମହିଳା କଂଗ୍ରେସ, କଂଗ୍ରେସ ସେବାଦଳ, କଂଗ୍ରେସର ଏସ୍‌ଟି ସେଲ୍, ଏସ୍‌ସି ସେଲ୍, ଓବିସି ସେଲ୍, ସଂଖ୍ୟାଲଘୁ ସେଲ୍, ଲିଗାଲ ସେଲ୍, କିସାନ ସେଲ୍, ମତ୍ସ୍ୟଜୀବି ସେଲ୍, ଅସଙ୍ଗଠିତ ଶ୍ରମିକ ସେଲ୍, ଆଇଏନ୍‌ଟିୟୁସି ଇତ୍ୟାଦିର ସମସ୍ତ କର୍ମକର୍ତ୍ତା ଓ କର୍ମୀମାନେ ଶ୍ରୀ ପଟ୍ଟନାୟକଙ୍କୁ ଯେପରି ବିପୁଳ ସ୍ୱାଗତ ସମ୍ବର୍ଦ୍ଧନା ଜଣାଇ ଅତି ସୁନ୍ଦର ଭାବରେ ବିଭିନ୍ନ କାର୍ଯ୍ୟକ୍ରମ ଆୟୋନଜ କଲେ ସେଥିପାଇଁ ଶ୍ରୀ ପଟ୍ଟନାୟକ ସମସ୍ତଙ୍କୁ ଆନ୍ତରିକ ଧନ୍ୟବାଦ ଜ୍ଞାପନ କରିଛନ୍ତି। ଏହିସବୁ କାର୍ଯ୍ୟକ୍ରମକୁ ଯେପରି ସ୍ଥାନୀୟ ଗଣମାଧ୍ୟମ ପ୍ରତିନିଧି, ପୁଲିସ୍ ପ୍ରଶାସନ ତଥା ସହରବାସୀଙ୍କ ତରଫରୁ ବିଶେଷ ସହଯୋଗ ମିଳିଲା ସେଥିପାଇଁ ସେମାନଙ୍କୁ ଶ୍ରୀ ପଟ୍ଟନାୟକ ବିଶେଷ ଧନ୍ୟବାଦ ଜ୍ଞାପନ କରିଛନ୍ତି ବୋଲି ଏକ ପ୍ରେସ୍ ବିବୃତିରେ ରାଉରକେଲା ଜିଲ୍ଲା କଂଗ୍ରେସ ତରଫରୁ କୁହାଯାଇଛି।

# ଶିକ୍ଷାବିତ୍ ଭଗବାନ ପଟ୍ଟନାୟକଙ୍କ ସ୍ମୃତିସଭା

ଖୋର୍ଦ୍ଧା (ପିଏନ୍): ଖୋର୍ଦ୍ଧା ଶିକ୍ଷାଜିଲ୍ଲା ଜିଲ୍ଲା ସମ୍ମାନପ୍ରାପ୍ତ ଶିକ୍ଷକ ଭଗବାନ ପଟ୍ଟନାୟକଙ୍କ ପ୍ରଥମ ଶ୍ରାଦ୍ଧବାର୍ଷିକୀ ସ୍ମୃତିସଭା ଜନ୍ମସ୍ଥାନ ବାଂକୋଇ ଠାରେ ଐତିହାସିକ ସତ୍ୟବାଦୀ ବଳିଆରସିଂହଙ୍କ ସଭାପତିତ୍ୱରେ ଅନୁଷ୍ଠିତ ହୋଇଯାଇଛି। ସ୍ୱର୍ଗତ ପଟ୍ଟନାୟକ ବିଭିନ୍ନ ବିଷୟରେ ଗଭୀର ଜ୍ଞାନର ଅଧିକାରୀ ହୋଇ ଆଦର୍ଶ ଶିକ୍ଷକ ଭାବେ ସୁନାମ ଅର୍ଜନ କରିଥିଲେ ବୋଲି ସ୍ମୃତିସଭାରେ ମତପ୍ରକାଶ ପାଇଥିଲା। ଏହି କାର୍ଯ୍ୟକ୍ରମରେ ଐତିହାସିକ ରବୀନ୍ଦ୍ରନାଥ ପରିଡ଼ା ମୁଖ୍ୟଅତିଥି, ଶିକ୍ଷାବିତ୍ ହରିବନ୍ଧୁ ସାହୁ ମୁଖ୍ୟବକ୍ତା, ରାଜ୍ୟ ପ୍ରାଥମିକ ଶିକ୍ଷକ ସଂଘର ଉପସଭାନେତ୍ରୀ ସଂଗୀତା ଦାଶ ସ୍ୱତଂତ୍ର ଅତିଥି ଏବଂ ସମ୍ମାନିତ ଅତିଥି ଭାବେ କୃଷି ବିଭାଗର ଅବସରପ୍ରାପ୍ତ ନିର୍ଦ୍ଦେଶକ ଡ. କେଶବ ଚନ୍ଦ୍ର ଭୋଳ, ବାଲ୍ମୀକ ବଳିଆରସିଂହ, ଗୋବିନ୍ଦ ଚନ୍ଦ୍ର ସାହୁ ପ୍ରମୁଖ ଯୋଗଦେଇ ସ୍ୱର୍ଗତ ଶିକ୍ଷକଙ୍କ ବହୁମୁଖୀ ଗୁଣାବଳିର ସ୍ମୃତିଚାରଣ କରିଥିଲେ। ଏହି ଅବସରରେ ସ୍ୱର୍ଗତ ପଟ୍ଟନାୟକଙ୍କ ଜୀବନୀ ଆଧାରିତ ସ୍ମରଣିକା 'ଜ୍ଞାନଦୀପ୍ତ' ଉନ୍ମୋଚିତ ହୋଇଥିଲା। ଭଗବାନ ପଟ୍ଟନାୟକ ସ୍ମୃତି ସଂସଦ ପକ୍ଷରୁ ଶିକ୍ଷାବିତ୍ ସଂଗୀତା ଦାଶ, ଖୋର୍ଦ୍ଧାର କବୟିତ୍ରୀ ସୁବାସିନୀ ପଟ୍ଟନାୟକ, ଟାଂଗୀର ଶିକ୍ଷକନେତା ପ୍ରସନ୍ନ ଶ୍ରୀଚନ୍ଦନଙ୍କୁ ସମ୍ବର୍ଦ୍ଧିତ କରାଯାଇଥିଲା। ଡ. କୃଷ୍ଣଚନ୍ଦ୍ର ପଟ୍ଟନାୟକ ଅତିଥଇ ପରିଚୟ ଓ ସ୍ୱାଗତ ଭାଷଣ ଦେଇଥିବାବେଳେ କନ୍ୟା ମଂଜୁଶ୍ରୀ ପଟ୍ଟନାୟକ ଧନ୍ୟବାଦ ଦେଇଥିଲେ। ଅନ୍ୟମାନଙ୍କ ମଧ୍ୟରେ ସୁକାନ୍ତ ଦାସ, ପ୍ରାଣକୃଷ୍ଣ ପାତ୍ର, ବାସୁଦେବ ସିଂହ, ଫଂଚୁ ଭାରିମଲ୍ଲ, ଚିନ୍ତାମଣି ବିଶ୍ୱାଳ, ଡ. ବିବେକାନନ୍ଦ ସ୍ୱାଇଁ, ଗୀତାରାଣୀ ମହାପାତ୍ର ପ୍ରମୁଖ ତାଂକର ବହୁମୁଖୀ ଗୁଣାବଳି ଉପରେ ଆଲୋକପାତ କରିଥିଲେ। ପୁତ୍ର ଶିଶିର କୁମାର ପଟ୍ଟନାୟକ, ଶରତ କୁମାର ପଟ୍ଟନାୟକ, ଗୀତାଂଜଳି ହରିଚନ୍ଦନ, ନିଗମ ପ୍ରସାଦ ହରିଚନ୍ଦନ, ସତ୍ୟାନନ୍ଦ ଜଗଦ୍ଦେବ, ଆଶୁତୋଷ ପଟ୍ଟନାୟକ ପ୍ରମୁଖ କାର୍ଯ୍ୟକ୍ରମ ପରିଚାଳନା କରିଥିଲେ।

# ମହିଳା ଓ ଶିଶୁ ଡେସ୍କ ଅଧିକାରୀଙ୍କ କର୍ମଶାଳା

ବାଲେଶ୍ୱର (ପିଏନ୍)- ରାଜ୍ୟ ପୁଲିସ ବିଭାଗ ଅଧୀନରେ ଥିବା ଥାନାଗୁଡ଼ିକରେ ଖୋଲିଥିବା ମହିଳା ଓ ଶିଶୁ ଡେସ୍କରେ କର୍ମରତ ପୁଲିସ କର୍ମଚାରୀମାନଙ୍କର ଦୁଇଦିନିଆ କର୍ମଶାଳା ନୋସୀ ବିଜନେସ ପାର୍କ ସମ୍ମିଳନୀରେ ଉଦ୍‌ଘାଟିତ ହୋଇଯାଇଛି। ଏଥିରେ ଅତିଥି ଭବେ ବିଭାଗୀୟ ଏ.ଡ଼ି.ଜି ରେଖା ଲୋହାନି, ସମ୍ମାନିତ ଅତିଥି ଭାବେ ପୂର୍ବାଞ୍ଚଳ ରେଞ୍ଜ ଆଇ.ଜି ହିମାଂଶୁ ଲାଲ ଓ ଜିଲ୍ଲା ଆରକ୍ଷୀ ଅଧିକ୍ଷକ ସୁଧାଂଶୁ ଶେଖର ମିଶ୍ର ପ୍ରମୁଖ ଶିଶୁ ଓ ମହିଳା ମାନଙ୍କ ଉପରେ ହେଉଥିବା ଅତ୍ୟାଚାର ଓ ଏତଲା ଥାନାରେ ଦେବାପରେ ଡେସ୍କ ପକ୍ଷରୁ କିଭଳି ପଦକ୍ଷେପ ନିଆଯିବ ସେ ସମ୍ପର୍କରେ ବୁଝାଇଥିଲେ। ଚାଇଲ୍ଡ ଲାଇନ ଓ ୟୁନିସେଫର ବୈଷୟିକ ସହଯୋଗରେ ଆୟୋଜିତ କର୍ମଶାଳାରେ ଚାଇଲ୍ଡ ଲାଇନ ପକ୍ଷରୁ ନିଯୁକ୍ତ ରିଶୋର୍ସ ପର୍ସନ ତଥା ଟ୍ରେନର କେ. ରମେଶ, ରାଜୁ କୋଟାଇ ଏବଂ ଆରକା ଲାହା ପ୍ରମୁଖ ଭଦ୍ରକ ଯାଜପୁର ଓ ବାଲେଶ୍ୱର ଜିଲ୍ଲାର ବିଭିନ୍ନ ଥାନାରୁ ଆସିଥିବା ପୁଲିସ ଅଧିକାରୀମାନେ ଉପସ୍ଥିତ ରହି ଟ୍ରେନରମାନଙ୍କ ବିଭିନ୍ନ ପ୍ରଶ୍ନଗୁଡ଼ିକର ଉତ୍ତର ଦେଇଥିଲେ। ଟ୍ରେନରମାନେ ମୁଖ୍ୟତଃ ୩୫ଟି ପ୍ରସଙ୍ଗ ଉପରେ ବୁଝାଇଥିଲେ।


## DISPLAY CLASSIFIED

FOR ADVERTISEMENT CONTACT
Phone No. (0674) 2555116/9853400829
Fax: (0674) 2550504
E-mail : paryabekhyak@gmail.com
editorpbkc@gmail.com

TARIFF: 10c.m.x 4cm: Rs. 8,000/- (One Month)
10c.m.x 4cm: Rs. 350/- (One day)
5c.m.x 4cm: Rs. 5,000/- (One Month)
5c.m.x 4cm: Rs. 200/- (One day)

VED BHAWAN
Creating Peace, Progress & Prosperity
For all Vedic Performances like Rudravishek, Mahalaxmi Pujan, Grahashanti Anusthan, Chandipatha, Vishnu Sahasranama Patha, Birthday Celebration, Griha Prabesh, Vastu Pujan, Bhumi Pujan, Astrological Consultation & Prediction etc.
DO YOU NEED PUNDITS / ASTROLOGERS / VASTU EXPERTS ?
Contact :
Near Mukteswar Temple,
Sarbodaya Nagar, Puri.
N-3, B-14/15, MPS Campus, Nayapalli, Bhubaneswar
Ph. 0674-2550786, Fax : 0674-2550504
Email.: yagyaanusthan@sify.com

ADMISSION ON
MPS PLAY HOME
Where awareness nurtured, innocence blossoms.
For
PRE-NURSERY, NURSERY, L.K.G. & U.K.G.
N-3B-14/15, Ekamra Kanan Road,Nayapalli, BBSR
Tel : (0674) 2556225, 2558884, Fax : 2550504
Email : maharishipublicschool@yahoo.com
Web : www.maharishipublicschool.com

Phragyan Communication

Mahaditya Publication

ADMISSION ON
MAHARISHI PUBLIC SCHOOL
your gateway to complete education
For
PRE-NURSERY, NURSERY, L.K.G., U.K.G., Std-1 to Std-VIII
Baghra Road, Baripada
Tel-06792-255227
Email : maharishipublicschool@yahoo.com
Web : www.maharishipublicschool.com




# ବଲାଙ୍ଗିର ରେଳ ଷ୍ଟେସନ ପୁନର୍ବିକାଶର ଭିତିପ୍ରସ୍ତର ଦେଲେ ପ୍ରଧାନମନ୍ତ୍ରୀ

ବଲାଙ୍ଗିର, (ପି.ଏନ): ବଲାଙ୍ଗିର ରେଳ ଷ୍ଟେସନର ପୁନର୍ବିନ୍ୟାସ ହେବାକୁ ଯାଉଛି । ଏହାକୁ ନେଇ କେନ୍ଦ୍ର ସରକାର ଅନେକ ପ୍ରଚାର ପ୍ରସାର କରି ସାରା ଦେଶରେ ୫୦୮ ରେଳ ଷ୍ଟେସନର ପୁନର୍ବିକାଶର ଭିତିପ୍ରସ୍ତର ଦେଲେ । କିନ୍ତୁ, କିଛି ବର୍ଷ ଆଗରୁ ପ୍ରଧାନମନ୍ତ୍ରୀ ଏହି ରେଳ ଷ୍ଟେସନରେ ବଲାଙ୍ଗିର-ଖୋର୍ଦ୍ଧା ରେଳ ଲାଇନର ଏକ ଅଂଶ ବଲାଙ୍ଗିରରୁ ବିଛୁପାଲି ରେଳ ଚଳାଚଳର ଶୁଭାରମ୍ଭ କରିଥିଲେ । ଅତି ଲଜ୍ଜାର କଥା କିଛି ମାସ ଚାଲିବା ପରେ ସେହି ରେଳ ଏବେ ବନ୍ଦ ପଡିଛି । କାରଣ ଦୈନିକ ମାତ୍ର ଜଣେ ପାସେଞ୍ଜର ବଲାଙ୍ଗିରରୁ ବିଛୁପାଲି ହେଉ କି ବିଛୁପାଲିରୁ ବଲାଙ୍ଗିର ହେଉ ଯାତାୟତ କରୁଥିଲେ ବୋଲି ସୂଚନା ଅଧିକାର ବଳରେ ତଥ୍ୟ ମିଳିଥିଲା । ଫଳରେ ବିଭାଗ ବାଧ ହୋଇ ରେଳଟିକୁ ବନ୍ଦ କରିବାକୁ ପଡିଥିଲା । ଦୁଃଖର ସହିତ କହିବାକୁ ପଡୁଛି ଏଭଳି ଏକ ପ୍ରକଳ୍ପ ପ୍ରଧାନମନ୍ତ୍ରୀ ଉଦ୍ଘାଟନ କରି ପରେ ବନ୍ଦ ହୋଇଯିବା ପ୍ରଧାନମନ୍ତ୍ରୀଙ୍କ ଦୂରଦର୍ଶିତା ଅଭାବ । ତେଣୁ ଆଜିର ରେଳ ଷ୍ଟେସନର ପୁନର୍ବିକାଶ ବଲାଙ୍ଗିର-ବିଛୁପାଲି ରେଳ ଚଳାଚଳ ନ ହେଉ ବୋଲି ଆଜି ବଲାଙ୍ଗିର ରେଳ ଷ୍ଟେସନ ଅମୃତ ଭାରତ ରେଳ ଅନ୍ତର୍ଗତ ପୁନର୍ବିକାଶ କାର୍ଯ୍ୟକ୍ରମର ଉଦ୍ଘାଟନୀ ସଭାରେ ଯୋଗଦେଇ ବଲାଙ୍ଗିର ବିଧାୟକ ନରସିଂହ ମିଶ୍ର ନିଜ ବକ୍ତବ୍ୟରେ କ୍ଷୋଭର ସହ କହିଛନ୍ତି । ସେ ଆହୁରି ମଧ୍ୟ କହିଛନ୍ତି ଯେ, କେବଳ ଷ୍ଟେସନକୁ ଚକ୍ ଚକ୍ କରିଦେଲେ ହେବ ନାହିଁ କାରଣ ଆମେ ରାଜ୍ୟ ସରକାରଙ୍କ ସ୍କୁଲ ରୁପାନ୍ତରିକରଣ ଦେଖି ସାରିଛୁ । ସ୍କୁଲ ସୁନ୍ଦର ଦିଶୁଛି କିନ୍ତୁ, ଶିକ୍ଷକ କର୍ମଚାରୀ ନାହାନ୍ତି । ଏଠାରେ ଷ୍ଟେସନ ଚକ୍ମକ୍ ହୋଇଯାଉ କିନ୍ତୁ, ଯଦି ବଲାଙ୍ଗିର ଷ୍ଟେସନ ପାଇଁ ଦିଲ୍ଲୀ କିମ୍ବା ପ୍ରମୁଖ ସହରକୁ କିଛି ସିଧାସଳଖ ଚଳାଚଳ ନ ହୁଏ, ତେବେ ବଲାଙ୍ଗିର ଲୋକ କିଭଳି ଉପକୃତ ହେବ ବୋଲି ସେ ପ୍ରଶ୍ନ କରିଥିଲେ । ବଲାଙ୍ଗିରରେ ରେଳ ବିଭାଗ ଭୂତଳ ପୋଲ ଅଛି ଯାହାକି ରେଳ ବିଭାଗର ଅପରିମାଣଦର୍ଶିତା ଯୋଗୁଁ ବର୍ଷ ଯାକ ସେହି ଭୂତଳ ରାସ୍ତାରେ ପାଣି ଭରି ରହୁଛି । ଲୋକଙ୍କ ଯାତାୟତରେ ବ୍ୟାଘାତ ଘଟୁଛି । ଏପରିକି ବଲାଙ୍ଗିର ରେଳ ଷ୍ଟେସନର ଅନେକ ବର୍ଜ୍ୟଜଳ ସ୍ଥାନୀୟ ପୋଖରୀମାନଙ୍କରେ ପଡୁଛି । ଯାହାକି ଲୋକେ ରୋଗ ବୈରାଗରେ ପଡିବାର ଭୟ ରହୁଛି । ଏ ସବୁକୁ ରେଳ ବିଭାଗ ସ୍ୱତନ୍ତ୍ର ଭାବେ ଧ୍ୟାନ ଦେଉ । ଏହି ଉପରୋକ୍ତ ଅସୁବିଧା ଗତ ବର୍ଷ ରେଳ ବିଭାଗର ଉଚ୍ଚ ପଦସ୍ଥ ଅଧିକାରିଣୀଙ୍କୁ ତାଙ୍କ ଦ୍ୱାରା ନିମନ୍ତ୍ରଣ ପାଇଁ ଆସିଥିବା ସମୟରେ ଏକ ବୈଠକରେ ତାଙ୍କୁ ଅଭିଯୋଗ କରିଥିଲେ । ହେଲେ ଫଳ ଶୂନ, ତେଣୁ ଆମେମାନେ ଯେଉଁ ଦଳ ବି ପ୍ରତିନିଧିତ୍ୱ କରୁ ବଲାଙ୍ଗିର ପାଇଁ ବିକାଶ କରିବା ଦରକାର । କେନ୍ଦ୍ର ଓ ରାଜ୍ୟ ଉଭୟ ଉଭୟଙ୍କୁ ଦୋଷ ଦେଇ ବଲାଙ୍ଗିରର ବହୁ ଦିନର ଦାବୀ ହାଇକୋର୍ଟର ସ୍ଥାୟୀ ବେଂଚ ହୋଇପାରୁ ନାହିଁ । ଏ ଦିଗରେ କେନ୍ଦ୍ର ସରକାର ଚାହିଁଲେ ଅନାୟସରେ ବଲାଙ୍ଗିରବାସୀ ଏକ ସ୍ଥାୟୀ ହୋଇକୋର୍ଟ ବେଂଚ ପାଇପାରିବେ । ପ୍ରଧାନମନ୍ତ୍ରୀ ବାରମ୍ବାର ବଲାଙ୍ଗିର ତଥା ଓଡିଶାକୁ ରେଳ ବଜେଟରେ ପ୍ରାଧାନ୍ୟ ଦିଆଯାଉଛି ବୋଲି ଅନୁଦାନ ରାଶିର ପରିମାଣର କଥା କହୁଛନ୍ତି କିନ୍ତୁ, ଆର୍ଥିକ ବର୍ଷର ଶେଷକୁ ପ୍ରକଳ୍ପରେ ଦିଆଯାଇଥିବା ଅନୁଦାନ ରାଶି କେତେ ଖର୍ଚ୍ଚ ହେଉଛି କେତେ ଫେରିଯାଉଛି ସେ ପରିମାଣ କହୁନାହାନ୍ତି ଏହା ଅତି ହାସ୍ୟାପଦ ଅଟେ । ତେଣୁ ବିକାଶ କରିବାର ଅଛି ରାଜନୀତିରୁ ଉର୍ଦ୍ଧ୍ୱରେ ରହି ବଲାଙ୍ଗିରର ବିକାଶ ପାଇଁ ସମସ୍ତେ ଏକଜୁଟ ହୋଇ କାମ କରନ୍ତୁ । ଏଠାକାର ବେକାରୀ ସମସ୍ୟା ଦୂର ପାଇଁ କଂଟାବାଞ୍ଜିରେ ୱାଗନ କାରଖାନା, ଏକ ଟେକ୍ସଟାଇଲ ମିଲର ପ୍ରତିଷ୍ଠା, ଜଳସେଚନ ସୁବିଧା ପାଇଁ ଅନୁଦାନ ଦିଅନ୍ତୁ, କାରଣ ଶିଳ୍ପ ଓ ଜଳସେଚନ ବିନା ଅଂଚଳ ବିକାଶ କେବେ ବି ହୋଇପାରିବ ନାହିଁ ବୋଲି ବିଧାୟକ ଶ୍ରୀ ମିଶ୍ର ନିଜ ବକ୍ତବ୍ୟରେ କହିଥିଲେ ।ଆଜିର ଏହି କାର୍ଯ୍ୟକ୍ରମରେ ଦେଶର ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି, ରେଳମନ୍ତ୍ରୀ ଅଶ୍ୱିନୀ ବୈଷ୍ଣବ, କେନ୍ଦ୍ର ରେଳ ଓ ଟେକ୍ସଟାଇଲ ରାଷ୍ଟ୍ରମନ୍ତ୍ରୀ ଦର୍ଶନା ଜରଦୋଶ, ରେଳ, କୋଇଲା ଖଣି ରାଷ୍ଟ୍ରମନ୍ତ୍ରୀ ରାଓ ସାହବ ପାଟି ଦାନଭେ ପ୍ରମୁଖ ଭରଚୁଏଲ ମୋଡରେ ଉପସ୍ଥିତ ଥିବା ବେଳେ ବଲାଙ୍ଗିର ରେ ଲୋଇସିଂହା ବିଧାୟକ ମୁକେଶ ମହାଲିଙ୍ଗ, ପଦ୍ମଶ୍ରୀ ଶ୍ରୀନିବାସ ଉଦ୍ଗାତା, ନରସିଂହ ପ୍ରସାଦ ଗୁରୁ, ପଦ୍ମଶ୍ରୀ କୈଳାସ ମେହେର ଓ ବିଭାଗୀୟ ଅଧିକାରୀମାନେ ଉପସ୍ଥିତ ଥିଲେ ।

## ପଂଚାୟତ ନିର୍ବାହୀ ଅଧିକାରୀ ମାନେ କଳାବ୍ୟାଚ୍ ପିନ୍ଧି କଲେ କାର୍ଯ୍ୟ

ମାଲକାନଗିରି,(ପି.ଏନ): ନିଖିଳ ଉତ୍କଳ ପଂଚାୟତ ନିର୍ବାହୀ ଅଧିକାରୀ ସଂଘର ଆହ୍ୱାନ କ୍ରମେ ସୋମବାର ମାଲକାନଗିରି ଜିଲ୍ଲାର ପିଇଓ ସଂଘର ପକ୍ଷରୁ ଚିତ୍ରକୋଣ୍ଡା, କୋରୁକୋଣ୍ଡା, ଖଇରପୁଟ, ମାଥିଲି, ମାଲକାନଗିରି, କାଲିମେଳା ଓ ପଡ଼ିଆ ବ୍ଲକରେ କାର୍ଯ୍ୟରତ ପଂଚାୟତ ନିର୍ବାହୀ ଅଧିକାରୀ ମାନେ କଳାବ୍ୟାଚ ପିନ୍ଧି ସରକାରୀ କାର୍ଯ୍ୟ ଆରମ୍ଭ କରିଛନ୍ତି ।ପ୍ରକାଶ ଯେ, ଗତ ୩ ତାରିଖ ଦିନ ସମସ୍ତ ୭ ଟି ଯାକ ବ୍ଲକ ପିଇଓ ସଂଘ ପକ୍ଷରୁ ଜିଲାପାଳଙ୍କ ଉଦ୍ଦେଶ୍ୟରେ ବି.ଡି.ଓଙ୍କୁ ୨ ଦଫା ସମ୍ବଳିତ ଏକ ଦାବିପତ୍ର ପ୍ରଦାନ କରାଯାଇଥିଲା। ଦାବିପତ୍ରରେ ପିଇଓ ଚାକିରିରେ ପ୍ରବେଶ ନିମନ୍ତେ ଶିକ୍ଷାଗତ ଯୋଗ୍ୟତାକୁ ପରିବର୍ତନ କରାଯାଇ ଯୁକ୍ତ ଦୁଇ ଏବଂ ଡିଗ୍ରୀ ଯୋଗ୍ୟତା ମାପଦଣ୍ଡ ରଖାଯାଉ ଏବଂ ପେ ଲେବଲ-୫ରୁ ପେ ଲେବୁଲ -୯କୁ ଉନ୍ନିତ କରାଯାଇ ୨୧ ହଜାର ୭ ଶହ ଟଙ୍କାକୁ ୩୫ ହଜାର ୪ ଶହ ଟଙ୍କା ଦରମା କରାଯାଉ।

# ଜିଲାପାଳଙ୍କ ମିଳିତ ଅଭିଯୋଗ ଶୁଣାଣି ଶିବିର ଅନୁଷ୍ଠିତ

ଜୟପୁର, (ପି.ଏନ): ଜୟପୁର ଉପ ଜିଲାପାଳଙ୍କ କାର୍ଯ୍ୟାଳୟରେ ଜିଲାପାଳଙ୍କ ମିଳିତ ଅଭିଯୋଗ ଶୁଣାଣୀ ଶିବିର ଅନୁଷ୍ଠିତ ହୋଇଛି । ଏଠାରେ ଜିଲାପାଳ ଙ୍କ ଅନୁପସ୍ଥିତିରେ ଚିଫ ଡଭଲେମେଂଟ ଅଫିସର ଗୌରବ ଇସଲବାର ଶୁଣାଣି କରିଥିଲେ । ଏଠାରେ କୋରାପୁଟ ଏସପି ଅଭିନବ ସୋନକାର , ଆଏସ ପ୍ରଫେସନାର ସୌମ୍ୟ ରଞ୍ଜନ ପ୍ରଧାନ, ଉପ ଜିଲାପାଳ ଦାୟିତ୍ୱରେ ଥିବା ପିଏ ଆଇଟିଡିଏ ଗୋପିନାଥ ସାରକା, ପୌର ଅଧ୍ୟକ୍ଷ ନରେନ୍ଦ୍ର କୁମାର ମହାନ୍ତି ଉପସ୍ଥିତ ଥିଲେ । ମୋଟ ୬୦ଟି ଅଭିଯୋଗର ଶୁଣାଣି ହୋଇଥିଲା । ଏଥିମଧ୍ୟରୁ ୪୪ଟି ବ୍ୟକ୍ତିଗତ ଓ ୧୬ଟି ଗୋଷ୍ଠି ଅଭି ଯୋଗର ଶୁଣାଣା ହୋଇଥିଲା । ଏହି ଅଭିଯୋଗ ଶୁଣାଣିରେ ସିଡିଏମଓ ଅରୁଣ ପାଢୀ, ପୌର କାଯ୍ୟନିବାହି ଅଧିକାରି ସିଦ୍ଧାର୍ଥ ପଟ୍ଟନାୟକ, ବିଡିଓ ରାଜୀବ ଦାସ ସହ ଜିଲା ସ୍ତରୀୟ ଅଧିକାରି ମାନେ ଉପସ୍ଥିତ ଥିଲେ । ଏହି ଅଭିଯୋଗ ଶୁଣାଣିରେ ଜୟପୁର ନାଗରିକ କମିଟି ତରଫରୁ ସହର ବାସୀ ଙ୍କ ଗମନାଗମନ ପାଇଁ ଯାନ ବାହାନର ଅଭାବ, ଜୟପୁର ସହର ଠାରୁ ଅନିତି ଦୁରରରେ ସରକାରି ଡାକ୍ତର ଖାନା, ରେଲ୍ ଷ୍ଟେସନ ରହିଛି । ଏଠାକୁ ଯିବାକୁ ହେଲେ ଅଟୋ ଉପରେ ନିର୍ଭର କରିବାକୁ ପଡୁଛି । ଅଟୋ ଚାଳକ ମାନେ ମୋଟା ଅଙ୍କର ଟଙ୍କା ଦାବି କରୁଛନ୍ତି । ଯାହାକୁ ଭରଣ କରିବା ଗରିବ, ଖଟିଖିଆ ସମର୍ଥ ନୁହଁନ୍ତି । ଏହା ଛଡା ସହର ନିକଟରେ ଅନେକ ବୈଷୟିକ ଶିକ୍ଷାନୁଷ୍ଠାନ ଫାର୍ମାସି କଲେଜ,ଇଞ୍ଜିନିୟରିଙ୍ଗ କଲେଜ ଏକ ଲବ୍ୟ ବିଦ୍ୟାଳୟ ରହିଛି । ଏଠାକେ ଯିବା ପାଇ ଛାତ୍ର ଛାତ୍ରୀ ମାନେ ହଇରାଣ ହେଉଛନ୍ତି । ତେଣୁ ସରକାର ଶିଘ୍ର ମୋ ବସ ଯୋଜନା କାଯ୍ୟକାରି କରିବା ପାଇ ଦାବି କରାଯାଇଛି । ସହରରେ ଚୋରି ହାରି ବୃଦ୍ଧି ପାଉଛି ତେଣୁ ସିସି କ୍ୟାମେରା ଲଗାଇବାକୁ ସଭାପତି ମିନ କେତନ ଦାସ ,ସମ୍ପାଦକ ଜିଭି ରାଓ, ସୁରେଶ ଦାସ ଦାବି କରିଥିଲେ । ଅନ୍ତା ଗ୍ରାମର ସରପଂଚ ବାବୁଲା ଦିଶାରି ଅନ୍ତା ପଂଚାୟତ ଅଧିନରେ ବିକାଶ ମୁଳକ କାର୍ଯ୍ୟ କରିବାକୁ ଅନୁରୋଧ କରିଥିଲେ। ହନୁମାନ ମନ୍ଦିର ଠାରୁ ବନଗୁଡା ପକ୍କା ରାସ୍ତା ନିର୍ମାଣ କରିବା,ବନଗୁଡା ରାସ୍ତା ନିର୍ମାଣ, ଏହାସହ ଓାର୍ଡନ ୬ ରେ ନୁତନ ଅଙ୍ଗନପାଡୀ ଗୃହ ନିର୍ମାଣ କରିବାକୁ ଅନୁରୋଧ କରାଯାଇଛି । ଫାମ୍ପୁଣି ସରପଂଚ ଶିବ ଭୁମିଆ ଉପସ୍ଥିତ ରହି ଫାମ୍ପୁଣି ପୂର୍ତ ରାସ୍ତା ଠାରୁ ଦାମାପୁଟ ଆରଡି ରାସ୍ତା ନିର୍ମାଣ କରିବା ପାଇ ଖୋଲି ଦେଇ ଛାଡିଦେଇଛନ୍ତି । ଦୀର୍ଘ ୧୦ ବର୍ଷ ହେବ ଏହି ରାସ୍ତାରେ ଜଣେ ଗୁରୁତର ରୋଗିକୁ ଚିକିତ୍ସାଳୟ ନେବା ପାଇଁ ହେଲେ ଆମ୍ବୁଲାନ୍ସ ଗାଡି ଯାଇ ପାରୁ ନାହିଁ । ରାସ୍ତା ଖାଲ,ଦଦରା ହୋଇ ପଡି ରହିଛି । ପ୍ରତ୍ୟେକ ଦିନ ଦୁର୍ଘଟଣା ମଧ୍ୟ ଘଟୁଛି । ବାର ବାର ବିଭାଗିୟ ଅଧିକାରି ଙ୍କୁ ଅଭିଯୋଗ କଲେ ମଧ୍ୟ କିଛି ସୁଫଳ ମୁଳି ନାହିଁ। ତେଣୁ ପ୍ରଶାସନ ପଦକ୍ଷେପ ନେବାକୁ ଅଭିଯୋଗ କରାଯାଇଛି । ସେହିପରି କେବିଡି ସରପଂଚ ଯଶେପ ଶିରିକା ଅଭିଯୋଗ କରିଛନ୍ତି ଯେ ଦୋରାଗୁଡା ଗ୍ରାମ ଠାରୁ ଶୁଣ୍ଠି କେବିଡି ଦେଇ ଗ୍ରାମ ପଂଚାୟତ ଅଫିସ, ପର୍ଯ୍ୟନ୍ତ ମୋଟ ୬ କିମି ରାସ୍ତା ଅତ୍ୟନ୍ତ ଗାଡୁଅ ହୋଇଛି । ତେଣୁ ତୁରନ୍ତ ପୂର୍ତ ରାସ୍ତା ନିର୍ମାଣ କରିବାକୁ ଦାବି କରାଯାଇଛି । ଏହା ସହ ଭତା, ଆବାସ ଯୋଜନା ଆଦି ଅଭିଯୋଗର ଶୁଣାଣି ହୋଇଥିଲା ।

# କୁଡୁମୁଲୁଗୁମ୍ମା ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ର ଠାରେ ଚାଇଲ୍ଡ ଫଣ୍ଡ ଇଣ୍ଡିଆ ପକ୍ଷରୁ ବିଶ୍ୱ ମାତୃତ୍ୱ ସ୍ତନ୍ୟପାନ ସପ୍ତାହ ପାଳିତ

ମାଲକାନଗିରି, (ପି.ଏନ): କୁଡୁମୁଲୁଗୁମ୍ମା ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରର ବୈଠକ ଗୃହରେ, ଚାଇଲ୍ଡ ଫଣ୍ଡ ଇଣ୍ଡିଆ ଓ ସ୍ୱାସ୍ଥ୍ୟ କଲ୍ୟାଣ ବିଭାଗ ର ମିଳିତ ସହଯୋଗରେ ବିଶ୍ୱ ମାତୃତ୍ୱ ସ୍ତନ୍ୟପାନ ସପ୍ତାହ ପାଳିତ ହୋଇଯାଇଛି । ଉକ୍ତ ଉତ୍ସବରେ ସ୍ୱାସ୍ଥ୍ୟକେନ୍ଦ୍ରର ଭାରପ୍ରାପ୍ତ ଚିକିତ୍ସା ଅଧିକାରୀ ଡ଼ଃ. ସନ୍ତୋଷ କୁମାର ଷଡଙ୍ଗୀ ମୁଖ୍ୟ ଅତିଥି ଭାବେ ଯୋଗ କରିଥିଲା ବେଳେ ଅନ୍ୟ ମାନଙ୍କ ମଧ୍ୟରେ ସିଏଫଆଇ ଇଣ୍ଡିଆର କମ୍ୟୁନିଟି ମୋବିଲାଇଜର୍ ଉମାଚାନ୍ଦ ବରାଳ, ଦୂର୍ଗା ପ୍ରସାଦ ଗୁରୁ, ବିପିଏମ୍ ପ୍ରଦିପ୍ତ ମୋହନ ଗୌଡ଼, ଏଏନଏମ୍ ଆରତୀ ବେହେରା, ସମାଜସେବୀ ଭଗବାନ ସାହୁ ଓ ଯଯାତି ଶତପତି ପ୍ରମୁଖ ଯୋଗଦାନ କରି ଏହି ଅମୃତମୟ ଦିନର ତାତ୍ପର୍ଯ୍ୟ ଓ ମହାତ୍ମ୍ୟ ସମ୍ପର୍କରେ ଆଲୋଚନା କରିଥିଲେ । ସମଗ୍ର ବିଶ୍ୱ ସାମ୍ପ୍ରତିକ ସ୍ଥିତିରେ ପରିବର୍ତିତ ଜଳବାୟୁ, ବିଷ ବଳୟର ବାତାବରଣ ମଧ୍ୟରେ ଅଣନିଃଶ୍ୱାସୀ ହେବାକୁ ବସିଲାଣି । ପରିବର୍ତୀତ ବାତାବରଣ ମଧ୍ୟରେ ମାନବ ଠାରୁ ଆରମ୍ଭ କରି ସମସ୍ତ ସ୍ତନ୍ୟପାୟୀ ପ୍ରାଣୀମାନଙ୍କ ଜୀବନ ଧାରଣ ଅତି କଷ୍ଟକର ହୋଇପଡିଛି । ମାତୃଗର୍ଭରେ ଭୃଣଟିଏ ବିକଶିତ ହେବା ସମୟରୁ ହିଁ ଏହି ଅମୃତ ଟିକକ ମା ସ୍ତନରେ ସଂଚିତ ହେବା ଆରମ୍ଭ ହୋଇଯାଏ । ମା କ୍ଷୀରରେ ପ୍ରଚୁର ପରିମାଣରେ ରୋଗ ପ୍ରତିରୋଧକ ଶକ୍ତି ମହଜୁଦ ଥିବାରୁ ସନ୍ତାନର ଜନ୍ମରୁ ବୃଦ୍ଧ ବୟସ ଯାଏ ଏହି ଅଦୃଶ୍ୟ ଆଶୀର୍ବାଦ ଟିକକ ତାକୁ ବିଭିନ୍ନ ରୋଗ ବଇରାଗ ସହ ଲଢ଼େଇ କରିବା ପାଇଁ ତାକତ ଯୋଗାଇ ଥାଏ । ବର୍ତମାନ ଆଧୁନିକ ଜୀବନ ଶୈଳୀରେ ମାଁ ଟି ଏ'' ନିଜର ବକ୍ଷୋଜ''ର ସୌନ୍ଦର୍ଯ୍ୟ ନଷ୍ଟ ହୋଇଯିବାର ଭ୍ରମ ଧାରଣା ଯୋଗୁଁ ଜନ୍ମିତ ଶିଶୁଙ୍କୁ ଏହି ବକ୍ଷ ଅମୃତ କକ୍ଷକ୍ଷୀର ମୁନ୍ଦିଏ'' ଖୁଆଉ ନାହିଁ । ନିୟମିତ ଭାବରେ ମା କ୍ଷୀର ସନ୍ତାନକୁ ଖୁଆଇବା ଦ୍ୱାରା ଶିଶୁ ସୁରକ୍ଷା ପାଇବା ସହ ଦିର୍ଘଜୀବୀ ହୋଇଥାଏ । ଏହି ବାର୍ତାକୁ ସମସ୍ତ ମା ଭଉଣୀ ମାନଙ୍କ ନିକଟରେ ପହଂଚାଇ ଏକ ସୁସ୍ଥ ଓ ନିରାମୟ ସମାଜ ଗଠନ କରିବା ପାଇଁ ଆଜିର ଏହି ଦିବସ ଅଭିପ୍ରେରିତ କରିଥାଏ ବୋଲି ସମ୍ମାନନୀୟ ଅତିଥିବୃନ୍ଦ ଆହ୍ୱାନ ଦେଇଥିଲେ ।ଏହା ପରେ ଆଜିର ଏହି କାର୍ଯ୍ୟକ୍ରମରେ ଉପସ୍ଥିତ ୫୦ ରୁ ଉର୍ଦ୍ଧ୍ୱ ଆଶା କର୍ମୀ, ଅଙ୍ଗନବାଡ଼ି କର୍ମୀ, ସ୍ୱାସ୍ଥ୍ୟ ବିଭାଗର ମହିଳା ସ୍ୱାସ୍ଥ୍ୟ କର୍ମୀମାନଙ୍କ ଗହଣରେ ଏକ ଶପଥ ପାଠର ଆୟୋଜନ କରାଯାଇଥିଲା । ଶେଷରେ କାର୍ଯ୍ୟକ୍ରମର ଆୟୋଜକ ଶ୍ରୀ ବରାଳ ସମସ୍ତ ନିମନ୍ତ୍ରିତ ଅତିଥି ମାନଙ୍କୁ ଧନ୍ୟବାଦ୍ ଅର୍ପଣ କରିଥିଲେ ।

# ରାଷ୍ଟ୍ରୀୟ ଆଦିବାସୀ ଏକତା ସଂଘ ତରଫରୁ ମାଲକାନଗିରି ବନ୍ଦ ପାଳନ

ମାଲକାନଗିରି, (ପି.ଏନ): ଆଜି ମାଲକାନଗିରି ଜିଲ୍ଲାର ରାଷ୍ଟ୍ରୀୟ ଆଦିବାସୀ ଏକତା ସଂଘ ତରଫରୁ ଭାରତ ବନ୍ଦ ଡାକରାରେ ମାଲକାନଗିରି ବାସି ସମର୍ଥନ କରିଥିବା ଦେଖିବାକୁ ମିଳିଛି । ମଣିପୁର ରାଜ୍ୟରେ ମହିଳା ମାନଙ୍କ ସହ ହୋଇଥିବା ଗଣ ବଳାତ୍କାର ଓ ନିର୍ଯାତନା ବିରୋଧରେ ତଥା ଆଦିବାସୀଙ୍କୁ ବିସ୍ଥାପିତ କରିବା ଓ ନିର୍ଯ୍ୟାତନା ଦେଉଥିବା ଘଟଣାକୁ ବିରୋଧ କରି ଏହି ବନ୍ଦ ଡାକରା ଦିଆଯାଇଥିଲା। ଏହା ସହ କେନ୍ଦ୍ର ସରକାର ତରଫରୁ ୟୁ ସି ସି ଆଇନ ଯାହା ସମସ୍ତଙ୍କ ପାଇଁ ସମାନ ଅଧିକାର ପ୍ରଣୟନ କରିବା ଦ୍ୱାରା ଆଦିବାସୀ ମାନେ ଅନେକ ସୁବିଧାରୁ ବଂଚିତ ହେବେ ଓ ଅନେକ ଅସୁବିଧାର ସମ୍ମୁଖୀନ ହେବା ଏହି ଆଇନ ଦ୍ୱାରା ଆଦିବାସୀଙ୍କ ସଭ୍ୟତା ଓ ସଂସ୍କୃତି ସବୁ ଲୋପ ପାଇଯିବ ତେଣୁ ଏହାକୁ ବିରୋଧ କରି ବନ୍ଦ ଡାକରା ଦିଆଯାଇଥିଲା ।ଆଜି ଏହି ବନ୍ଦର ପ୍ରଭାବ ମାଲକାନଗିରି ଜିଲ୍ଲାର ସମସ୍ତ ବ୍ଲକରେ ଦେଖିବାକୁ ମିଳିଥିବା ବେଳେ ଆଦିବାସୀଙ୍କ ଏହି ବନ୍ଦ ପାଳନକୁ ସହରର ପ୍ରତ୍ୟେକଟି ଦୋକାନି, ଗାଡ଼ି ମୋଟର ଆଦି ବନ୍ଦ କରି ଆଦିବାସୀଙ୍କୁ ସମର୍ଥନ କରିଥିବା ଦେଖିବାକୁ ମିଳିଛି । ସଦର ମହକୁମା ଠାରେ ଆଦିବାସୀ ସଂଘ ପକ୍ଷରୁ ପ୍ରତ୍ୟେକ ଅଫିସ ସମେତ ବ୍ୟାଙ୍କ, ଅନୁଷ୍ଠାନ ଗୁଡ଼ିକୁ ମଧ୍ୟ ବନ୍ଦ କରାଯାଇଥିବା ଦେଖିବାକୁ ମିଳିଛି । ଆଜିର ଏହି ବନ୍ଦ ପାଳନରେ ଜିଲ୍ଲା ଆଦିବାସୀ ମହାସଂଘର ସଭାପତି ଘନଶ୍ୟାମ ମାଡକାମି, ଉପଦେଷ୍ଟା ଘେନୁ ମୁଦୁଲି, ପ୍ରଭାକର ହନ୍ତାଳ, ସୋନୁ ଅନୁଗୁ, ଲାଛା ମୁଦୁଲି, ମଙ୍ଗଳା ଦୁରୁଆ, ସି ପି ଆଇ ନେତା ବ୍ରଜ ମାଝୀ, କେ. ଦେଶିରାଜୁ ଆଚାରି, ଜରା ଶବର ମାଡ଼ୀ, ଲକ୍ଷ୍ମଣ ନାୟକ, ସନିଆ କବାସି , ପର୍ଶୁରାମ ଭକ୍ତ ପ୍ରମୁଖଙ୍କ ସହ ବହୁ ଆଦିବାସି ନେତା ଏବଂ ବ୍ୟକ୍ତିବିଶେଷ ଉପସ୍ଥିତ ରହି ଆଜିର ବନ୍ଦ ପାଳନକୁ ସଫଳ କରିଥିବା ଦେଖିବାକୁ ମିଳିଛି ।

# ଖଣି-ମୋରମ ମାଫିଆ ସଞ୍ଜୟ ସମେତ ୪ଜଣ ଗିରଫ,୩ଟି ବନ୍ଧୁକ, ୨୦ ରାଉଣ୍ଡ ଗୁଳି, ୩ଟି ୪ଚକିଆ ଗାଡି ଓ ଏକାଧିକ ମୋବାଇଲ ଜବତ

ଖୋର୍ଦ୍ଧା,(ପି.ଏନ): କମିଶନରେଟ ପୋଲିସକୁ ବଡ ସଫଳତା ମିଳିଛି । ଏକ ବଡ ଅପରାଧୀ ଗ୍ୟାଙ୍ଗ ତଥା ଖଣି-ମୋରମ ମାଫିଆ ସଞ୍ଜୟ ସହିତ ପୋଲିସ ୪ଜଣଙ୍କୁ ଗିରଫ କରିଛି । ସେମାନଙ୍କ ଠାରୁ ଅତ୍ୟାଧୁନିକ ବନ୍ଧୁକ, ଗୁଳି ଓ ଅନ୍ୟାନ୍ୟ ମାରଣାସ୍ତ୍ର ଜବତ କରାଯାଇଛି । କମିଶନରେଟ ପୋଲିସର ସ୍ୱେଶାଲ ସ୍କ୍ୱାର୍ଡ ଓ ତମାଣ୍ଡୋ ଥାନା ପୋଲିସ ମିଳିତ ଭାବେ ଏହି ଗ୍ୟାଙ୍ଗକୁ ଧରିବାରେ ସଫଳ ହୋଇଛି ।ଡିସିପି ପ୍ରତୀକ ସିଂଙ୍କ ସୂଚନା ଅନୁସାରେ, ବେଶ କିଛିଦିନ ହେଲା ସଞ୍ଜୟ ଖୁଣ୍ଟିଆ ଓ ସହଯୋଗୀମାନେ ଖୋର୍ଦ୍ଧାରେ ଆତଙ୍କ ଖେଳାଇଥିଲେ । ବିଶେଷ କରି ଖଣି ଓ ମୋରମ ମାଫିଆ ଭାବେ କାମ କରି କୋଟି କୋଟି ଟଙ୍କା ଅସୁଲ କରୁଥିଲେ । ଏଥିସହିତ ହତ୍ୟା, ଅପହରଣ ଓ ହତ୍ୟା ଉଦ୍ୟମ ଭଳି ଘଟଣା ଘଟାଇ ଏକ ପ୍ରକାର କୋକୁଆ ଭୟ ସୃଷ୍ଟି କରିଥିଲେ । ଗତକାଲି ଏହି ଗ୍ୟାଙ୍ଗ ଭୁବନେଶ୍ୱରରେ ଗ୍ୟାଙ୍ଗୱାର କରିବା ନେଇ ସ୍ୱେଶାଲ ସ୍କ୍ୱାଡକୁ ସୂଚନା ମିଳିଥିଲା । ପରେ ସ୍ୱେଶାଲ ସ୍କ୍ୱାଡ ଏସିପି ହିମାଂଶ ସ୍ୱାଇଁ ଓ ଏସିପି ପ୍ରଦୀପ ରାଉତଙ୍କ ନେତୃତ୍ୱରେ ଏକ ଟିମ ଗଠନ କରାଯାଇ ଏହି ଗ୍ୟାଙ୍ଗ ଉପରେ ନଜର ରଖାଯାଇଥିଲା ।ରବିବାର ରାତିରେ ଏମାନେ ତମାଣ୍ଡୋ ଅଂଚଳରେ ଏକତ୍ରିତ ହେବାକୁ ଯାଉଥିଲେ । ଏହି ସମୟରେ ପୋଲିସ ଟିମ ସେଠାରେ ଚଢାଉ କରି ପ୍ରଥମେ ସଞ୍ଜୟ ଖୁଣ୍ଟିଆ ଓରଫ ବାପୁନିକୁ କାବୁ କରିବାରେ ସକ୍ଷମ ହୋଇଥିଲା । ଯାଂଚ ବେଳେ ତା' ନିକଟରୁ ଅତ୍ୟାଧୁନିକ ବନ୍ଧୁକ, ଗୁଳି ଓ ମାରଣାସ୍ତ୍ର ଜବତ କରାଯାଇଥିଲା । ଜେରା ବେଳେ ଅନ୍ୟ ୩ ସଦସ୍ୟ ଏକତ୍ରିତ ହୋଇଥିବା ସ୍ଥାନର ସୂଚନା ଦେଇଥିଲା । ସୂଚନା ପାଇ ପୋଲିସ ସେଠାରେ ଚଢାଉ କରି ସହଯୋଗୀ ଶିବ କୁମାର ନାଳି, ବଟକୃଷ୍ଣ ପାଣି ଓ ପ୍ରକାଶ ରାଉତରାୟଙ୍କୁ ଗିରଫ କରାଯାଇଥିଲା । ଏମାନଙ୍କ ଠାରୁ ୩ଟି ବନ୍ଧୁକ, ୨୦ ରାଉଣ୍ଡ ଗୁଳି, ୩ଟି ୪ଚକିଆ ଗାଡି ଓ ଏକାଧିକ ମୋବାଇଲ ଜବତ କରାଯାଇଛି ।ପ୍ରକାଶ ଥାଉକି ସଞ୍ଜୟ ୨୦୧୪ରେ ଧଉଳି ଥାନା ଅଂଚଳରେ ଘଟିଥିବା ସୋନୁ ଓରଫ କୃତ୍ତିବାସ ପାତ୍ର ହତ୍ୟାକାଣ୍ଡରେ ସମ୍ପୃକ୍ତି ଥିଲା । ଏହି ଘଟଣାରେ ସେ ଗିରଫ ହୋଇଥିବା ବେଳେ ଏବେ ବେଲରେ ଅଛି ।ତେବେ ବଟକୃଷ୍ଣ ବେଗୁନିଆ, ଖୋର୍ଦ୍ଧା ଓ ତମାଣ୍ଡୋ ଥାନାର ଏକାଧିକ ମାମଲାରେ ସଂପୃକ୍ତି ଥିବା ବେଳେ ପ୍ରକାଶ ଏସଟିଏଫ ଦ୍ୱାରା ପୂର୍ବରୁ ଗିରଫ ହୋଇଥିଲା ।


2023-2024



ADMISSION OPEN

Maharishi Public School, Baripada

STD-NURSERY TO VIII

ENROLL YOUR CHILD TODAY

Special discount for new admission before 15.03.2023

Find the Difference
- Small Classes
- Experienced, trained & loving teachers.
- Individual attention to each child.
- Regular meditation and yoga.
- Unique exam system, evaluation & Principles etc.

25% reservition as per RTE Act (2009)

MAHARISHI PUBLIC SCHOOL
Baghra Road, Baripada
For details
Contact :
Call-9438102188, 06792-255227
Time : 8.00 A.M. to 12.00 noon
E-mail- mps.bpd@gmail.com
Find us on
Facebook.com/Mps, Baripada

ଖେଳ

ସାଧାରଣ ଲୋକଙ୍କ ଖବରକାଗଜ
ପର୍ଯ୍ୟବେକ୍ଷକ 25
PARYABEKHYAK
ପର୍ଯ୍ୟବେକ୍ଷକ

Bhubaneswar Tuesday August 08, 2023 ଭୁବନେଶ୍ୱର ମଙ୍ଗଳବାର, ଅଗଷ୍ଟ ୦୮,୨୦୨୩ Daily Edition : R.N.I.No: ODIODI /1999/00717 Postal Regd. No: BN/57/18-20 www.paryabekhyak.com



# ଜି.ଉଦୟଗିରି ସମେତ କନ୍ଧମାଳ ଜିଲ୍ଲାର ବିଭିନ୍ନ ସ୍ଥାନରେ ପଡ଼ିଛି ବନ୍ଦର ପ୍ରଭାବ



ଜି.ଉଦୟଗିରି,(ପି.ଏନ): ସମଗ୍ର ଦେଶରେ ଆଜି ଭାରତ ମୁକ୍ତି ମୋର୍ଚ୍ଚା ଓ ବହୁଜନ କ୍ରାନ୍ତି ମୋର୍ଚ୍ଚାର ପୂର୍ଣ୍ଣ ସମର୍ଥନ ଓ ସହଯୋଗରେ ରାଷ୍ଟ୍ରୀୟ ଆଦିବାସୀ ଏକତା ପରିଷଦ ତରଫରୁ ଦିଆଯାଇଥିବା ବନ୍ଦ ଡାକରାରେ ଜି. ଉଦୟଗିରି ସମେତ କନ୍ଧମାଳ ଜିଲ୍ଲାର ବିଭିନ୍ନ ସ୍ଥାନରେ ଆଜି ବନ୍ଦର ପ୍ରଭାବ ଦେଖିବାକୁ ମିଳିଛି। ଆଦିବାସୀଙ୍କ ଉପରେ ହେଉଥିବା ଅନ୍ୟାୟ ଅତ୍ୟାଚାର ଓ ସେମାନଙ୍କ ବିରୋଧରେ ସଂସଦରେ ପ୍ରଣୟନ କରାଯାଉଥିବା ଆଇନ ପ୍ରତିବାଦରେ ଆଜି ସମଗ୍ର ଦେଶରେ ରାଷ୍ଟ୍ରୀୟ ଆଦିବାସୀ ଏକତା ପରିଷଦ ତରଫରୁ ଦିଆଯାଇଥିବା ଭାରତ ବନ୍ଦ ଡାକରାର ପ୍ରଭାବ କନ୍ଧମାଳ ଜିଲ୍ଲାର ସମସ୍ତ ବ୍ଲକରେ ପ୍ରଭାବ ପଡିଛି। ଏହି ବନ୍ଦରେ ଯାତ୍ରୀବାହୀ ବସ୍ ଚଳାଚଳ ଠପ୍ ହୋଇଥିବା ବେଳେ ସମସ୍ତ ଦୋକାନ ବଜାର ସମେତ ସମସ୍ତ ସରକାରୀ ଓ ବେସରକାରୀ ଶିକ୍ଷାନୁଷ୍ଠାନ , ବ୍ୟାଙ୍କ୍ ଓ କାର୍ଯ୍ୟାଳୟ ବନ୍ଦ ରହିଥିବାରୁ ଜନସାଧାରଣ ନାହିଁ ନଥିବା ଅସୁବିଧାର ସମ୍ମୁଖୀନ ହୋଇଥିବା ଜଣାପଡିଛି।

# କେଲୁଅରୁ ମହିଳାଙ୍କ ଗଳିତ ଶବ ଉଦ୍ଧାର

ଧର୍ମଶାଳା, (ପିଏନ୍): ଧର୍ମଶାଳା ଥାନା ଦେଓଦା ପଂଚାୟତ ବାସୁଦେବପୁର ଗାଁ ନିକଟ କେଲୁଅ ନଦୀ ନିରଘାଟରେ ଲାଗିଥିବା ଜଣେ ଅଜଣା ମହିଳାଙ୍କ ଗଳିତ ମୃତଦେହକୁ ପୁଲିସ୍ ଆଜି ଉଦ୍ଧାର କରିଛି । ସକାଳେ ଘାଟକୂଳେ ଏକ ମୃତଦେହ ଭାସୁଥିବା ଦେଖି ସ୍ଥାନୀୟ ଲୋକେ ପୁଲିସ୍ ଓ ଚଣ୍ଡିଖୋଲ ଦମକଳ ବାହିନୀକୁ ଖବର ଦେଇଥିଲେ। ଦମକଳ ବାହିନୀ କର୍ମଚାରୀଙ୍କ ସହାୟତାରେ ପୁଲିସ୍ ମୃତଦେହକୁ ଜବତ କରିଥିଲା । ମୃତ ମହିଳାଙ୍କ ପରିଚୟ ଜଣାପଡ଼ି ନଥିବା ବେଳେ ୩/୪ଦିନ ପୂର୍ବରୁ ତାଙ୍କର ମୃତ୍ୟୁ ହୋଇଥିବା ପୁଲିସ୍ ସନ୍ଦେହ କରୁଛି । ମୃତ୍ୟୁପରେ ମହିଳାଙ୍କୁ ବନ୍ୟାପାଣିରେ ଭସାଇ ଦିଆଯାଇଥିବା କିମ୍ବା ଗତ ୩ତାରିଖରୁ ବ୍ରାହ୍ମଣୀରେ ଭାସି ଯାଇଥିବା କବାଟବନ୍ଧ ରୁକ୍ମଣୀ ସାହୁଙ୍କର ମୃତଦେହ ବୋଲି ସନ୍ଦେହ କରାଯାଉଛି ।

# ହତ୍ୟାକାରି ପ୍ରତାପ ସାମଲଙ୍କୁ କୋର୍ଟ ଫରୱାଡ



ହିନ୍ଦୋଳ,(ପି.ଏନ): ଢେଙ୍କାନାଳ ଜିଲ୍ଲା ହିନ୍ଦୋଳ ବ୍ଲକ ଦୁଦୁରକୋଟ ଗ୍ରାମ ପଞ୍ଚାୟତ ଅନ୍ତର୍ଗତ ଦୁଦୁରକୋଟ ବାଘୁଆସାଇ ର ପ୍ରତାପ ସାମଲ ତାର ସ୍ତ୍ରୀ ମିନତୀ ସାମଲ କୁ ରାତ୍ର ବାର ଘଟିକା ସମୟ ରେ ଏକ ଲୁହା ରଡ଼ ରେ ପିଟି ପକାଇ ଯାଇଥିଲା !ତାର ଦୁଇ ପୁତ୍ର ଉଠି ଦେଖିଲେ ତାର ମା କୁ ତାର ବାପା ଏକ ଲୁହା ରଡ଼ ସାହାଯ୍ୟ ରେ ପିଟି ଚାଲିଯାଇଛି !ଏଣୁ ରକ୍ତ ଜୁଡୁବୁଡୁ ଅବସ୍ଥା ରେ ତାର ଦୁଇ ପୁତ୍ର ତାର ମା କୁ ଆମ୍ବୁଲାନ୍ସ ଡକାଇ ହିନ୍ଦୋଳ ମେଡିକାଲ କୁ ନେଇଥିଲେ !ମିନତୀ ସାମଲ ଅତି ଗୁରୁତର ଥିବାରୁ ସେହି ମେଡିକାଲ ରେ ମୃତ ବରଣ କରିଥିଲେ !ଖବର ପାଇ ବାଲିମ ଥାନାଧିକାରୀ ଅମିତ କୁମାର ବିଶ୍ୱାଳ ତାଙ୍କ ସଦଳବଳ ଆସି ଦୁଦୁରକୋଟ ରେ ପହଂଚି ଆସାମୀ ପ୍ରତାପ ସାମଲ କୁ ଖୋଜାଖୋଜି କଲେ ପାଇଲେ ନାହିଁ !ତାର କିଛି ସମୟ ପରେ ସନ୍ଧନୀ କୁକୁର ଆଣି ଖୋଜିଲେ ତଥାପି ପାଇଲେ ନାହିଁ !ବାଲିମ ପୋଲିସ ରାତ୍ର ସାରା ଖୋଜାଖୋଜି କଲେ ପାଇଲେ ନାହିଁ !ବାଲିମ ଥାନାଧିକାରୀ ଅମିତ କୁମାର ବିଶ୍ୱାଳ ଟ୍ରାକ ମାଧ୍ୟମ ରେ ଜାଣିପାରିଲେ ଯେ ଆସାମୀ ପ୍ରତାପ ସାମଲ ବୁଢାପଙ୍କ ରେଲୱେ ଷ୍ଟେସନ ରେ ଅଛି !ଏଣୁ ପୋଲିସ ଷ୍ଟାପ ଙ୍କୁ ଧରି ପ୍ରତାପ ସାମଲ କୁ ରେଲୱେ ଷ୍ଟେସନ ରୁ ବାଲିମ ଥାନା କୁ ଆଣି ଥିଲେ !ଆଜି ଅର୍ଥାତ ସାତ ତାରିଖ ରେ ଅଡିସିନାଲ ଝଚ ଙ୍କ ପ୍ରେସମିଟ ପରେ ଆସାମୀ ପ୍ରତାପ ସାମଲ କୁ କୋର୍ଟ ଫରୱାଡ କରାଗଲା !

# କୁଏତରେ ଭାରତୀୟ ପ୍ରବାସୀ ପରିଷଦ ସଙ୍ଘର ନିର୍ବାଚନ



କୁଏତ,(ପି.ଏନ): ଭାରତୀୟ ପ୍ରବାସୀ ସଙ୍ଘ ତରଫରୁ ଶ୍ରୀଯୁକ୍ତ ବିଶ୍ୱ ରଞ୍ଜନ ସାହୁ ଭାରତୀୟ ପ୍ରବାସୀ ଓଡ଼ିଶା ସଂଘ ର ସଭାପତି ରୂପେ ନିର୍ବାଚିତ ସହିତ, ଭାରତୀୟ ପ୍ରବାସୀ ପରିଷଦ ର ସାମାଜିକ, ଜନ-କଲ୍ୟାଣ ର କେନ୍ଦ୍ରୀୟ ବୋର୍ଡ ରେ ମୁଖ୍ୟ- ସଂଜଯୋକ, ସଙ୍ଘ ର ନର୍ଥ ଇଷ୍ଟ୍ ଇଣ୍ଡିଆ ର ସଂଜୋକ ଦାୟିତ୍ୱ ଗ୍ରହଣ କରିଛନ୍ତି । ଏହା ସହିତ ବିଶ୍ୱ ଓଡିଶା ସମାଜ ସଙ୍ଘ କୁଏତରେ ସଭାପତି ରୂପେ ନିର୍ବାଚିତ କରାଯାଇଅଛି । ଶ୍ରୀଯୁକ୍ତ ସାହୁ, କୁଏତ ବିଭିନ୍ନ ଅନୁଷ୍ଠାନ ରେ ଜଡିତ ହେବା ସହିତ ଓଡ଼ିଶା ର ସଂସ୍କୃତି, କଳା, ଭାସ୍କରଯ୍ୟ କୁ ବିଦେଶରେ ବେଶ୍ ପ୍ରତିଫଳିନ କରିଛନ୍ତି ତା ସହିତ କରୋନା ସମୟରେ ପ୍ରବାସୀ ଓଡ଼ିଆ ଓ ଅଣ ଓଡିଆ ଙ୍କୁ ଭାରତରେ ରେ ପହଂଚାଇବା ତା ସହିତ ପ୍ରବାସୀ ଭାରତୀୟଙ୍କର ଅସହାୟ ଓ ଅସୁବିଧା ସମୟରେ ଯଦି ତାଙ୍କୁ କେହି ସାହାଯ୍ୟ ମାଗନ୍ତି, ସେ ନିସ୍ୱାର୍ଥ ପର ଭାବରେ ତାଙ୍କୁ ସାହାଯ୍ୟ କରନ୍ତି । ଯାହା ଫଳରେ ପ୍ରବାସୀ ଭାରତୀୟ ର ଦୀର୍ଘ ୨୦ ବର୍ଷ ଧରି ବିଶ୍ୱାସ ଓ ଭରଷାର ପରିଚୟ ସୃଷ୍ଟି କରିପାରିଛନ୍ତି । ଶ୍ରୀଯୁକ୍ତ ସାହୁ, ଗଲ୍ଫ ଦେଶ ର ଆନ୍ତର୍ଜତୀୟ ସାଧାରଣ ସମ୍ପାଦକ ର ଆନ୍ତର୍ଜତୀୟ ମାନବ ଅଧିକାର ରକ୍ଷକ ସଂସ୍ଥା ର ଦାୟିତ୍ୱ ସହିତ ଆନ୍ତର୍ଜତୀୟ ମାନବ ଅଧିକାର ରକ୍ଷକ ଭାବରେ ମଧ୍ୟ ସଭାପତି ର ଦାୟିତ୍ୱ ଗ୍ରହଣ କରିଛନ୍ତି । ଏହା ସହିତ ଭାରତ ସେବା ଦର୍ଶନ ଟ୍ରଷ୍ଟ ର ପ୍ରତିଷ୍ଠାତା ଓ ଅଧକ ଅଛନ୍ତି ।ସେ ଜଣେ ଲେଖକ, ସମାଜସେବୀ ରୂପେ ପରିଚିତ। କୁଏତ ରାଇଟର ଫୋରମ୍ ବୋର୍ଡ ର ସଭ୍ୟ ଅଛନ୍ତି । ଓଡିଆ ନୈତିକ ଓ ପ୍ରେରଣା ଗଳ୍ପ ଲେଖକ ଅଟନ୍ତି ।ସେ ସମାଜ ରେ ବିଭିନ୍ନ ସଚେତନତା ଶିବିର ଆୟୋଜନ, ରକ୍ତ ଦାନ ଶିବିର, ସ୍ୱାସ୍ଥ୍ୟ ଶିବିର, ଅସହାୟ ବ୍ୟକ୍ତି ଙ୍କୁ କର୍ମ ନିଯୁକ୍ତି ରେ ସହଯୋଗ ସହିତ, ବିଭିନ୍ନ ସାମାଜିକ ଓ ଜନ କଲ୍ୟାଣ ସଚେତନତା କାର୍ଯ୍ୟକ୍ରମ କରିଥାନ୍ତି ।ସେ ସର୍ବଦା ଗରିବ ଓ ସାମାଜିକ ଜନ କଲ୍ୟାଣ ରେ ଉତ୍ସହିକୃତ। ଶ୍ରୀ ଜଗନ୍ନାଥ ସମିତି ରେ ଏକ ସେବକ ରୂପେ ନିଜକୁ ତ୍ୟାଗଶିଳ ଓ ସାଧାରୁଣ ବ୍ୟକ୍ତି ରୂପେ ଦେଶ ଓ ବିଦେଶ ରୂପେ ପରିଚିତ। ତାଙ୍କର ସମ୍ପୂର୍ଣ ଜୀବନ ମହାପ୍ରଭୁ ଶ୍ରୀ ଜଗନ୍ନାଥଙ୍କ ନିକଟରେ ଏକ ସମର୍ପଣ ଭାବନା ଓ ସାଧାରଣ ଜୀବନ ଯାପନ କରିବାପାଇଁ ଭଲପାଆନ୍ତି ।ଦେଶ ଓ ବିଦେଶର ସମସ୍ତ ସଂଗଠନ ତରଫରୁ ଶ୍ରୀଯୁକ୍ତ ବିଶ୍ୱ ରଞ୍ଜନ ସାହୁ କୁ ଆନ୍ତରୀକ୍ଷ ଶୁଭେଚ୍ଛା ଓ ଆଶ୍ରୀବାଦ୍ ର ବାର୍ତ୍ତା ପଠା ଯାଇଛି । ଏଥିନିମନ୍ତେ ଶ୍ରୀଯୁକ୍ତ ବିଶ୍ୱ ରଞ୍ଜନ ସାହୁ, ସମସ୍ତ ସଂଗଠନ ର ପ୍ରତିନିଧି, ଭାଇ ଓ ଭଉଣୀ ଙ୍କୁ ନିଜର ଆନ୍ତରୀକ୍ଷ ଧନ୍ୟବାଦ୍ ପ୍ରଦାନ୍ କରିଛନ୍ତି।

# ଜନହିତକାରୀ କାର୍ଯ୍ୟ କରି ଜିନ୍ଦଲ ଷ୍ଟେନଲେସ ଲିମିଟେଡ୍ ପାଳିଲା ପ୍ରତିଷ୍ଠାତା ଙ୍କ ଜନ୍ମବାର୍ଷିକୀ



ଦାନଗଦି (ପି,ଏନ) : ଜିନ୍ଦଲ ଷ୍ଟେନଲେସ ଲିମିଟେଡ, ଯାଜପୁର ତରଫରୁ ପରୋପକାର ଭାବନା କୁ ପ୍ରୋତ୍ସାହିତ କରିବାପାଇଁ ଅନେକ ମହାନ କାର୍ଯ୍ୟ ପ୍ରତିପାଦିଦ କରି ଦୂରଦର୍ଶୀ ପ୍ରତିଷ୍ଠାତା ଶ୍ରୀଯୁକ୍ତ ଓ.ପି ଜିନ୍ଦଲଙ୍କ ୯୩ ତମ ଜନ୍ମ ବାର୍ଷିକୀ ପାଳନ କରାଯାଇଥିଲା । ରେଡକ୍ରସ ସୋସାଇଟି ଦ୍ୱାରା ସମର୍ଥିତ ଏକ ସଫଳ ରକ୍ତଦାନ ଶିବିର ସହିତ ଏହି ଉତ୍ସବ ଆରମ୍ଭ ହୋଇଥିଲା ଯେଉଁଠାରେ ୩୨୦ କର୍ମଚାରୀ ସେମାନଙ୍କର ଉତ୍ସର୍ଗୀକୃତତାକୁ ନିଶ୍ଚିତ କରି ସ୍ୱେଚ୍ଛାକୃତ ଭାବରେ ପ୍ରାଣରକ୍ଷ୍ୟା କରିବା ପାଇଁ ରକ୍ତ ଦାନ କରିଥିଲେ । ଏହି ଅବସର ରେ, ଜିନ୍ଦଲ ଷ୍ଟେନଲେସ୍ ଲିମିଟେଡ୍ ଏକ ମେଗା ଚାରା ବିତରଣ ଅଭିଯାନ ଆରମ୍ଭ କରିଥିଲା, ଯେଉଁଠାରେ ସେମାନେ ସାଧାରଣ ଲୋକଙ୍କ ମଧ୍ୟରେ ୨୦୦୦ ରୁ ଅଧିକ ଫଳ ଉତ୍ପାଦନକାରୀ ଚାରା ବଣ୍ଟନ କରିଥିଲେ । ଏହି ବଣ୍ଟନରେ ଆମ୍ବ, ଜାମୁ, ଜାମୁରୋଳ ଏବଂ ପିଜୁଳି ଭଳି ବିଭିନ୍ନ ଚାରା ଅନ୍ତର୍ଭୁକ୍ତ ହୋଇଥିଲା, ଯାହା ଏହି ଅଞ୍ଚଳର ସବୁଜ ହେବାରେ ସାହାଯ୍ୟ କରିବା ସହିତ ପରିବେଶ ସ୍ଥିରତାକୁ ପ୍ରୋତ୍ସାହିତ କରିବ । କମ୍ପାନୀ ଦାନଗଦିରେ ଥିବା କମ୍ୟୁନିଟି ସ୍ୱାସ୍ଥ୍ୟ କେନ୍ଦ୍ର ଏବଂ ଯାଜପୁର ରୋଡ୍ ଏରିଆ ହସ୍ପିଟାଲରେ ଭର୍ତି ଥିବା ରୋଗୀ ମାନଙ୍କୁ ଫଳ ପ୍ୟାକେଟ ବଣ୍ଟନ କରି ସ୍ୱାସ୍ଥ୍ୟସେବା ସୁବିଧାକୁ ମଧ୍ୟ ସହାୟତା ପ୍ରଦାନ କରିଛି । ଆହୁରି ମଧ୍ୟ ସେମାନଙ୍କର ପରୋପକାରୀ ଭାବନା କୁ ଉଦାହରଣ ଦେଇ ମଶାରୀ, ବେଡସିଟ୍ ଏବଂ ଫଳ ପ୍ୟାକେଟ ନେଇ ଏକ ସ୍ୱତନ୍ତ୍ର ପ୍ୟାକେଟ ଯାଜପୁର ରୋଡର କୁଷ୍ଠ ଗ୍ରାମରେ ଥିବା ସମସ୍ତ ପରିବାରରେ ବଣ୍ଟନ କରାଯାଇଥିଲା । ଏଥିସହ ଦିବ୍ୟାଙ୍ଗ ବ୍ୟକ୍ତିବିଶେଷଙ୍କ ପାଇଁ ଉଦ୍ଦିଷ୍ଟ ଘର ଶାନ୍ତି ଭବନ ଏବଂ ଏକ ଅନାଥ ଆଶ୍ରମ ଗୃହ ଅନ୍ନପୂର୍ଣ୍ଣା ହୋମ ରେ ଏକ ହୃଦୟସ୍ପର୍ଶୀ ମଧ୍ୟାହ୍ନ ଭୋଜନ ଆୟୋଜିତ ହୋଇଥିଲା, ଯାହାକି ଅଞ୍ଚଳବାସୀଙ୍କ ମଧ୍ୟରେ ଆନନ୍ଦ ଏବଂ କରୁଣା ବିସ୍ତାର କରିଥିଲଓ । ଜିନ୍ଦଲ ଷ୍ଟେନଲେସ ଲିମିଟେଡ ଲୋକମାନଙ୍କ ଜୀବନଯାପନ ଏବଂ ପର୍ଯ୍ୟାବରଣ ରେ ସାର୍ଥକ ପରିବର୍ତ୍ତନ ଆଣିବା ଭଳି କାର୍ଯ୍ୟକଳାପରେ ସକ୍ରିୟ ରୂପରେ ସାମିଲ ହୋଇ ଶ୍ରୀ ଓ.ପି ଜିନ୍ଦଲ ଙ୍କ ପରମ୍ପରାକୁ ସମ୍ମାନିତ କରିବାକୁ ପ୍ରତିଶ୍ରୁତିବଦ୍ଧ ।

# ସ୍ୱତନ୍ତ୍ର ବ୍ଲକ୍ ଗଠନ ନେଇ କିଛି ନିର୍ବାଚିତ ଜନପ୍ରତିନିଧି ଓ ଅଞ୍ଚଳର ସାମାଜିକ କର୍ମୀ ମିଳିତ ହୋଇ କେନ୍ଦ୍ର ଶିକ୍ଷା ଓ ଦକ୍ଷତା ବିକାଶ ମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନଙ୍କୁ ଏକ ଦାବି ପତ୍ର ପ୍ରଦାନ କରିଛନ୍ତି



ସମ୍ବଲପୁର,(ପି.ଏନ): ସ୍ୱତନ୍ତ୍ର ବ୍ଲକ୍ ଗଠନ ନେଇ କିଛି ନିର୍ବାଚିତ ଜନପ୍ରତିନିଧି ଓ ଅଞ୍ଚଳର ସାମାଜିକ କର୍ମି ମିଳିତ ହୋଇ କେନ୍ଦ୍ର ଶିକ୍ଷା ଓ ଦକ୍ଷତା ବିକାଶ ମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନଙ୍କୁ ଏକ ଦାବି ପତ୍ର ପ୍ରଦାନ କରିଛନ୍ତି। ଲୋକଙ୍କ ପାଖରେ ପ୍ରଶାସନ ପହଞ୍ଚୁ। ଲୋକଙ୍କ କାମ କରୁ।ଦୂରତା,ଯାନ ବାହାନର ଅଭାବ,ସାମାଜିକ ସୁରକ୍ଷା,ଗମନାଗମନ ଓ ଭୌଗଳିକ ପରିସ୍ଥିତିକୁ ଆଖି ଆଗରେ ରଖି ଏଭଳି ବ୍ଲକ୍ ଗଠନକୁ ନେଇ ଦାବି ଉପସ୍ଥାପିତ କରାଯାଇଛି । ଘଟଣା, ଦୁର୍ଘଟଣା, ଆର୍ଥିକ ସମସ୍ୟା,ଗମନାଗମନ ଭଳି ବିଭିନ୍ନ ସମସ୍ୟାକୁ ଏଡାଇ ଏକ ସ୍ୱଚ୍ଛ ଓ ନିର୍ମଳ ଜନ ସମୃଦ୍ଧିର ବିକାଶକୁ ଆଖି ଆଗରେ ରଖି ନୂତନ ବ୍ଲକ୍ ଗଠନ ପାଇଁ ପ୍ରସ୍ତାବ ଦିଆଯାଇଛି ।ଯୁଯୋମୁରା ଓ ଜମନକିରା ଭଳି ଦୁଇଟି ବ୍ଲକ୍ ର କେବଳ ଏଭଳି ସମସ୍ୟା ରହିନି ବରଂ ମାନେଶ୍ୱର ବ୍ଲକର ନୂଆଁ ତିହୁରା ମଧ୍ୟ ଏଭଳି ସଂକଟରେ ଘାରି ହେଉଛି ।ଏହାକୁ ଆଖି ଆଗରେ ରଖି ୨ ଟି ଭିନ୍ନ ଦିଗ ଓ ୨ ଜାତୀୟ ରାଜପଥକୁ ଅତିକ୍ରମ କରି ଯୁଯୋମୁରା, ଜମନକିରା ଓ ମାନେଶ୍ୱର ବ୍ଲକ୍ ର କେତେକ ପଞ୍ଚାୟତ ମାନଙ୍କୁ ଏକାଠି କରି ସ୍ୱତନ୍ତ୍ର ବ୍ଲକ୍ ଗଠନ କରିବା ସରକାରଙ୍କ ପାଇଁ ଏକ ଦକ୍ଷତାର ପରିଚୟ । ଏଭଳି କ୍ଷେତ୍ରରେ ଯୁଯୋମୁରା ବ୍ଲକ୍ ର କୁକୁଡାପାଲି, ଜୟନ୍ତପୁର, କବରାପାଲି, ବାହାମ, ଘେନୁପାଲି, ନୂଆଁ ବରଙ୍ଗାମାଲ, ମେଘପାଳ, ଛାମୁଣ୍ଡା, ଟାମ୍ପରଗଡ ଓ ଡଙ୍ଗରପଡା ସହିତ ଜମନକିରା ବ୍ଲକ୍ ର କୁଲୁଣ୍ଡି,ମୁଣ୍ଡେନପାଲି ଓ ଖରସନମାଲ ପଞ୍ଚାୟତକୁ ମିଶାଇ ଏକ ସ୍ୱତନ୍ତ୍ର ବ୍ଲକ୍ ଗଠନ ପାଇଁ ୧୯୯୬ ମସିହାରୁ ଦାବି ହେଉଛି। କେନ୍ଦ୍ରମନ୍ତ୍ରୀ ଶ୍ରୀଯୁକ୍ତ ପ୍ରଧାନଙ୍କ ସମ୍ବଲପୁର ଗସ୍ତ ସମୟରେ ଗତକାଲି ସର୍କିଟ ହାଉସ ଠାରେ ଭେଟି ଏହି ସ୍ମାରକ ପତ୍ର ପ୍ରଦାନ କରା ଯାଇଛି । ଏଥିରେ ବାହାମ ସରପଞ୍ଚ ସରସ୍ୱତୀ ଭୋସାଗର, କୁକୁଡାପାଲି ସରପଞ୍ଚ୍ ଗୀତାଞ୍ଜଳି ଦେହୁରୀ,ଜୟନ୍ତପୁର ସମିତି ସଭ୍ୟା ଅନିତା ପ୍ରଧାନ,ସରପଞ୍ଚ ଆରତୀ ତାଣ୍ଡିଆ, ଡଙ୍ଗରପଡା ସରପଞ୍ଚ୍ ଅଜୟକାନ୍ତ ବଡପଣ୍ଡା,କବରାପାଲି ସରପଞ୍ଚ୍ ଅନ୍ତର୍ଯାମୀ ପ୍ରଧାନ,ସମିତି ସଭ୍ୟା ବନିତା ଓରାମ, କୁଲୁଣ୍ଡି ସରପଞ୍ଚ୍ ପଙ୍କଜୀନି କୁମୁରା, ଟାମ୍ପରଗଡ ସରପଞ୍ଚ୍ କ୍ଷୀରୋଦ ରାଉଳ,ଘେନୁପାଲି ସରପଞ୍ଚ୍ ଜଗତରାମ ମିର୍ଦ୍ଧା,ନୂଆଁବରଙ୍ଗାମାଲ ସରପଞ୍ଚ୍ ସେବିକା ସାହୁ,ପୂର୍ବତନ ଜିଲ୍ଲା ପରିଷଦ ସଦସ୍ୟ ଦେବାନନ୍ଦ ଭୋସାଗର ଓ ସାମାଜିକ କର୍ମୀ ଡା.ରାଜାରାମ ଷଡଙ୍ଗୀ ପ୍ରମୂଖଙ୍କ ସ୍ୱାକ୍ଷର ରହି ସ୍ମାରକ ପତ୍ର ପ୍ରଦାନ କରାଯାଇଛି। ଏହି ସମୟରେ ପୁର୍ବତନ ବିଧାୟକ ରବିନାରାୟଣ ନାୟକ, ବୃନ୍ଦାବନ ମାଝୀ,ସୀମାଞ୍ଚଳ ଖଟେଇ,ଦେବେନ୍ଦ୍ର ମହାପାତ୍ର ବିଜେପି ଜିଲ୍ଲା ସଭାପତି ଗିରିଶ ପଟେଲ,ପ୍ରକାଶ ବଡାଇ ପ୍ରମୁଖଙ୍କ ସହ ବହୁ ବରିଷ୍ଠ ନେତା ଉପସ୍ଥିତ ରହିଥିଲେ। ଏଠାରେ ସୂଚନା ଯୋଗ୍ୟଯେ ଜମନକିରା ଓ ଯୁଯୋମୁରା ବ୍ଲକ୍ ର ପ୍ରାୟ ୧୦ରୁ ଅଧିକ ପଞ୍ଚାୟତକୁ ମିଶାଇ ଏକ ବ୍ଲକ୍ ଗଠନ ନେଇ ୧୯୯୬ ମସିହାରୁ ଦାନା ବାନ୍ଧିଥିବା ଏହି ଦାବି ବର୍ତ୍ତମାନ ଆନ୍ଦୋଳନରେ ପରିଣତ ହୋଇଛି।




Printed & Published by Budhadev Mohapatra on behalf of Hiranmayee Media Pvt. Ltd. & Printed at Mayur Offset Printers, Plot No. D-1/1, Mancheswar Industrial Estate, Bhubaneswar-751010 & Published at N-4, F/24, IRC Village, Nayapalli, Bhubaneswar, Dist-Khordha, Pin-751015, Phone : (0674© 2550751/2555116, Fax No. : 2550504, E-mail :editorpbkc@gmail.com, paryabekhyak@gmail.com

ସମ୍ପାଦକ : ଡକ୍ଟର ପବିତ୍ର ମୋହନ ସାମନ୍ତରାୟ
EDITOR : Dr. Pabitra Mohan Samantaray